


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-251 ♦TUESDAY ♦10 MARCH 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୫୧ ♦ମଙ୍ଗଳବାର ♦୧୦ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଯୁଦ୍ଧ ନିଆଁ

# ପଶ୍ଚିମ ଏସିଆ ଛାରଖାର

## ଇରାନକୁ ରୁଷ୍‌ର ଅକୁଣ୍ଠ ସମର୍ଥନ ଘୋଷଣା



- ଖାମନେଇଙ୍କ ଦ୍ୱିତୀୟ ପୁତ୍ର ଇରାନର ସର୍ବୋଚ୍ଚ ନେତା
- ଇରାନର ନୂଆ ମୁଖିଆଙ୍କୁ ଟ୍ରମ୍ପଙ୍କ ହତ୍ୟା ଧମକ
- ଯୁଦ୍ଧ ଆମ ଉପରେ ଲଦି ଦିଆଯାଇଛି: ଇରାନ
- ଆକ୍ରମଣ ପାଇଁ ଟ୍ରମ୍ପଙ୍କୁ ଉସୁକାଯାଇଛି
- ଯୁଦ୍ଧରେ ସାମିଲ ହେବାକୁ ତୁର୍କୀର ଘୋଷଣା

■ ତେହରାନ/ତେଲ ଆଭିଭ, ୯।୩ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଯୁଦ୍ଧ ସମ୍ପୂର୍ଣ୍ଣ ଅଞ୍ଚଳକୁ କବଳିତ କରି ନେଇଛି। ଦଶମ ଦିନରେ ଏହା ତୁର୍କୀ ପର୍ଯ୍ୟନ୍ତ ବ୍ୟାପି ଯାଇଛି। ଦେଶ ଉପରେ ଇରାନ ଆକ୍ରମଣ କରିଥିବା ଦାବି କରିଛି। ଅଭିଯୋଗକୁ ଇରାନ ଖଣ୍ଡନ କରିଥିଲେ ବି ଯୁଦ୍ଧରେ ସାମିଲ ହେବାକୁ ତୁର୍କୀ ଧମକ ଦେଇଛି। ଅନ୍ୟପଟେ ଇରାନକୁ ରୁଷ ସମର୍ଥନର ହାତ ବଢ଼ାଇଛି। ଯୁଦ୍ଧ ରତ ତେହରାନକୁ ଅକୁଣ୍ଠ ସମର୍ଥନ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଘୋଷଣା କରିଛନ୍ତି। ଏହି ଯୁଦ୍ଧର କଳା ବାଦଲରେ ପଶ୍ଚିମ ଏସିଆ ଛାରଖାର ହେବାକୁ ବସିଛି। ଇସ୍ରାଏଲ ଚାରିପଟୁ ଇରାନ ଉପରେ ଆକ୍ରମଣ କରୁଛି। ତେହରାନ, ଇସ୍‌ଫାହନ ଏବଂ ଦକ୍ଷିଣ ଭାଗରେ ଭିତ୍ତିଭୂମିକୁ ନିଶାଣ କରି ତୁହାକୁ ତୁହା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିବାରେ ଲାଗିଛି। ତେହରାନର ତୈଳ ବିଶୋଧନ କେନ୍ଦ୍ରରେ ପୁଣି ସୋମବାର ଆକ୍ରମଣ କରିଛି। ଏଥିଯୋଗୁଁ ଉକ୍ତ କେନ୍ଦ୍ରରୁ ଭୟଙ୍କର କଳା ଧୂଆଁ ଉଠୁଥିବା ଦେଖାଯାଉଛି। ଇରାନର ସହଯୋଗୀ ହୁତି ବିଦ୍ରୋହୀଙ୍କ ଲେବାନନ ସ୍ଥିତ ଠିକଣାକୁ ମଧ୍ୟ ଇସ୍ରାଏଲ ସେନା ନିଶାଣ କରୁଛି। ଏହି ଅଞ୍ଚଳରେ ନିଷିଦ୍ଧ ଫସଫରସ ବୋମା ମାଡ଼ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ଜବାବରେ ମଧ୍ୟପ୍ରାଚ୍ୟରେ ଥିବା ବିଭିନ୍ନ ଆମେରିକା ଏୟାରବେସକୁ ଇରାନ ନିଶାଣ କରି ଚାଲିଛି।

ଘମାଘୋଟ ଯୁଦ୍ଧ ମଧ୍ୟରେ ଆକ୍ରମଣ ପ୍ରାଣ ହରାଇଥିବା ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମନେଇଙ୍କ ପୁତ୍ର ମୋଜତବାଙ୍କୁ ତାଙ୍କର ଉତ୍ତରାଧିକାରୀ ନିଯୁକ୍ତ କରିଛି। ଆମେରିକା ରାଷ୍ଟ୍ରପତିଙ୍କ ଧମକକୁ ଅଣଦେଖା କରି ଇରାନ ଏପରି କରିଛି। ଏହାକୁ ନେଇ ଆମେରିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ବାପାଙ୍କର ଯାହା ସ୍ଥିତି ହେଲା ତାହା ପୁଅର ମଧ୍ୟ ହେବ ବୋଲି ଆମେରିକାର ରିପବ୍ଲିକାନ ସାଂସଦ ଧମକ ଦେଇଛନ୍ତି। ଆଜିର ଆକ୍ରମଣରେ ମୋଜତବା ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଇରାନ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା କହିଛନ୍ତି ଯେ ଆକ୍ରମଣ ଜାରି ରହିଥିବା ପର୍ଯ୍ୟନ୍ତ କୌଣସି ଆଲୋଚନା କରାଯିବ ନାହିଁ। ଇରାନ ଦୃଢ଼ ଜବାବ ଦେବାକୁ ଧ୍ୟାନ ଦେଉଛି। ଇରାନ ବୈଦେଶିକ ମନ୍ତ୍ରୀ ଅବାସ ଅରାଗଚି କହିଛନ୍ତି ଯେ ଇରାନ ଉପରେ ଯୁଦ୍ଧ ଲଦା ଯାଇଛି। ଇରାନ ଯୁଦ୍ଧ ଚାହୁଁ ନ ଥିଲା। ଏହି ଆକ୍ରମଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଉସୁକା ▶ପୃଷ୍ଠା-୭

# ସଂସଦରେ ଯୁଦ୍ଧ ତାତି

## ଅଧିବେଶନ ଆରମ୍ଭରୁ ଅଚଳାବସ୍ଥା

■ ନୂଆଦିଲ୍ଲୀ, ୯।୩: ବିରୋଧୀ ଦଳଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଆଜି ଆରମ୍ଭ ହୋଇଛି ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ବିରୋଧୀ ଦଳ ସଂସଦର ଉଭୟ ଗୃହକୁ ଅଚଳ କରିଦେଇଛନ୍ତି। ଫଳରେ ଲୋକସଭାରେ ବାଚସ୍ପତି

### ଆସିପାରିଲା ନାହିଁ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଓମ୍ ବିର୍ଲାଙ୍କ ବିରୋଧରେ ଆଜି ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରି ନାହିଁ। ବିରୋଧୀ ଦଳମାନଙ୍କର ଏଭଳି ଆଚରଣ ନେଇ ସରକାର ସେମାନଙ୍କର ତୀବ୍ର ସମାଲୋଚନା କରିଛନ୍ତି।

ଆଜି ସଂସଦ ଆରମ୍ଭ ହେବାମାତ୍ରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଭାରତର ଆଭିମୁଖ୍ୟ ଉପରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ଦାବି କରିଥିଲେ ବିରୋଧୀ ଦଳ। ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଫସିଥିବା ଭାରତୀୟ ନାଗରିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ଭାରତ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ମନ୍ତବ୍ୟ ସେମାନଙ୍କୁ ଶାନ୍ତ କରିପାରି ନଥିଲା। ସେ କହିଥିଲେ ଯେ ଭାରତ ସର୍ବଦା ଶାନ୍ତି ସପକ୍ଷରେ ରହିଛି। ସବୁ ପ୍ରକାର ବିବାଦର ସମାଧାନ ପାଇଁ ଆଲୋଚନା ▶ପୃଷ୍ଠା-୭

### ଜ୍ଞାନେଶ କୁମାରଙ୍କୁ ବହିଷ୍କାର ପାଇଁ ମହାଭିଯୋଗ ଆଣିବେ ବିରୋଧୀ

■ ନୂଆଦିଲ୍ଲୀ, ୯।୩: ମହାଭିଯୋଗ ଜରିଆରେ ଭାରତର ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ଞାନେଶ କୁମାରଙ୍କ 'ସମ୍ବିଧାନ-ବିରୋଧୀ' ଆଚରଣ ଏବଂ ବିଶେଷ କରି ଏସ୍‌ଆଇଆର୍ ଜରିଆରେ ବ୍ୟାପକ ଭୋଟର କାଟ୍ ଅଭିଯାନ ନେଇ କ୍ଷୁବ୍ଧ ଅଛନ୍ତି ବିରୋଧୀ ଦଳ। ତେଣୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ସେମାନେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବେ ବୋଲି ଜଣାପଡ଼ିଛି। ଏହି ଦସ୍ତଖତ ସଂଗ୍ରହ ଅଭିଯାନର ନେତୃତ୍ୱ ନେଉଛି ତୃଣମୂଳ କଂଗ୍ରେସ ଏବଂ କଂଗ୍ରେସ ସମେତ ଅନ୍ୟ ସମଭାବାପନ୍ନ ଦଳ ଏହାକୁ ସମର୍ଥନ କରୁଥିବା ଜଣାପଡ଼ିଛି। କୌଣସି କ୍ଷମତାସୀନ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଏଭଳି ମହାଭିଯୋଗ ପ୍ରସ୍ତାବ ହେବ ପ୍ରଥମ ଘଟଣା। ଏହାପୂର୍ବରୁ କୌଣସି ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଏଭଳି ପ୍ରସ୍ତାବ ଆସିନଥିଲା।

ସଂସଦୀୟ ବ୍ୟବସ୍ଥା ଅନୁଯାୟୀ କୌଣସି ସୁପ୍ରିମକୋର୍ଟ/ହାଇକୋର୍ଟ ▶ପୃଷ୍ଠା-୭

## ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା

# ପ୍ରତିଦିନ ଗଡୁଛି ୧୮ ମୁଣ୍ଡ

■ ଭୁବନେଶ୍ୱର, ୯।୩(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ ସବୁସ୍ତରରେ ଯାଞ୍ଚ କଡ଼ାକଡ଼ି ହେଉଥିଲେ ମଧ୍ୟ ଦୁର୍ଘଟଣା ହାର କମିବାର ନାଁ ନେଉନାହିଁ।

- ୧୦ ବର୍ଷରେ ମଲେଣି ୫୩,୪୫୧ ଜଣ
- ୬୧ ହଜାର ଗୁରୁତର, ୪୫ ହଜାର ଆହତ

ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ସାଙ୍ଘାତିକ ତଥ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ଗତ ୧୦ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ୧ଲକ୍ଷ ୧୩ ହଜାର ୩୨୫ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ଏହି ଅବଧି ମଧ୍ୟରେ ସଡ଼କ ଦୁର୍ଘଟଣାରେ ୫୩ହଜାର ୪୫୧ ଲୋକଙ୍କ ଜୀବନ ଯାଇଛି। ଏଥିସହ ୬୧ ହଜାର ୧୮୬ ଜଣ ଗୁରୁତର ଓ ୪୫ ହଜାର ୧୪୬ ଆହତ ହୋଇଛନ୍ତି। ଚାଞ୍ଚଲ୍ୟକର କଥାଟି ହେଲା, ରାଜ୍ୟରେ ସଡ଼କ ଦୁର୍ଘଟଣା ପ୍ରତିଦିନ ୧୮ଟି ମୁଣ୍ଡ ନେଉଛି।

ମୁଖ୍ୟମନ୍ତ୍ରୀଙ୍କ ସୂଚନାନୁଯାୟୀ, ୨୦୧୬ ମସିହାରେ ୪୪୬୩ ଜଣ, ୨୦୧୭ରେ ୪୭୯୦ ଜଣ, ୨୦୧୮ରେ ୫୩୧୫ଜଣ, ୨୦୧୯ରେ ୫୩୩୩ ଓ ୨୦୨୦ରେ ୪୭୩୮ଜଣ ପ୍ରାଣ ହରାଇଛନ୍ତି। ସେହିପରି ୨୦୨୧ ମସିହାରେ ୫୦୮୧ ଜଣ, ୨୦୨୨ ରେ ୫୪୬୭ ଜଣ, ୨୦୨୩ରେ ୫୭୩୯ ଜଣ, ୨୦୨୪ରେ ୬୧୪୨ ଓ ୨୦୨୫ ମସିହାରେ ୬୪୮୩ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୫ ମସିହାର ଦୁର୍ଘଟଣାଜନିତ ମୃତ୍ୟୁ ହିସାବକୁ ନେଲେ, ରାଜ୍ୟରେ ଦିନକୁ ୧୮ଜଣ ଲୋକ ଦୁର୍ଘଟଣାରେ ପ୍ରାଣ ହରାଉଥିବା କଥା ସାମ୍ନାକୁ ଆସିଛି। ସେହିପରି, ୨୦୨୪ ଓ ୨୦୨୫ରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି। ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୫.୫୫ ପ୍ରତିଶତ ବୃଦ୍ଧି ପାଇଛି।

### ଦୁଃଖ ପ୍ରକାଶ କଲେ ବ୍ରାଣ୍ଡ ଆମ୍ବାସାଡର୍ ସିଦ୍ଧାନ୍ତ

ଶୂନ୍ୟକାଳରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଦିଗପହଣ୍ଡି ଅଞ୍ଚଳରେ ଘଟିଥିବା ଏକ ଦୁର୍ଘଟଣା ଉପରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ମୁଁ ଦୁଃଖିତ ବୋଲି କହିବା ସହ ରାଜ୍ୟରେ ବଢୁଥିବା ଦୁର୍ଘଟଣା ହାରକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଜାତୀୟ ତୁଳନାରେ ରାଜ୍ୟର ଦୁର୍ଘଟଣା ହାର ଅଧିକ ରହିଛି ଓ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଓଡ଼ିଶା ଦେଶରେ ସବୁଠାରୁ ଆଗରେ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏଣୁ, ପରିବହନ ମନ୍ତ୍ରୀ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଇଣ୍ଟରସେପ୍ଟର୍ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟମନ୍ତ୍ରୀ ଦୁର୍ଘଟଣାସ୍ଥଳକୁ ତୁରନ୍ତ ଆମ୍ବୁଲାନ୍ସ ପଠାଇବାକୁ ଦାବି କରିଛନ୍ତି।

## ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ

# ଜଳୁଛି ଭାରତ ବଜାର

## ୧୦ ଦିନରେ ଅଶୋଧିତ ତୈଳ ଦର ୬୦% ବୃଦ୍ଧି

■ ନୂଆଦିଲ୍ଲୀ, ୯।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟାରେ ସାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ବଜାରରେ ବର୍ତ୍ତମାନ ଅଶୋଧିତ ତୈଳ ମୂଲ୍ୟ ଗତ ସାଢେ ତିନି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସୋମବାର ଅଶୋଧିତ ତୈଳ ମୂଲ୍ୟରେ ୨୫%ରୁ ବୃଦ୍ଧି ଘଟି ଏହା ବ୍ୟାରେଲ ପିଛା ୧୨୦ ଡଲାର ନିକଟତର ହୋଇଛି। ଯୁଦ୍ଧ ଯୋଗୁ ମାତ୍ର ୧୦ ଦିନରେ ଅଶୋଧିତ ତେଲ ଦରରେ ୬୦% ବୃଦ୍ଧି ଘଟିଛି। ବଜାର ବିଶେଷଜ୍ଞଙ୍କ ମତରେ ଏମିତି ସ୍ଥିତିରେ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୫୦ ଡଲାରରେ ପହଞ୍ଚିପାରେ। ଯାହା ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଶେଷ ଥର ପାଇଁ ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ସମୟରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଥିଲା। ଏବେ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ ହ୍ରାସ ପରେ କଞ୍ଚା ତେଲ ମୂଲ୍ୟ ହୁ ହୁ ବଢ଼ିବାରେ ଲାଗିଛି । ଅପରପକ୍ଷେ ଅଶୋଧିତ ତୈଳ ଦର ବୃଦ୍ଧିର ପ୍ରଭାବ ଆଜି ଭାରତୀୟ ସେୟାର ବଜାର ଉପରେ ପଡିଛି। ଯାହାଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧୩୫୦ ପଏଣ୍ଟ ହ୍ରାସ ଘଟିଛି। ଗୋଟିଏ ଦିନରେ ଭାରତୀୟ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ସେହିପରି ଆମେରିକୀୟ ଡଲାର ତୁଳନାରେ



ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ଦ୍ରୁତ ଅବମୂଲ୍ୟାୟନ ଘଟିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥରପାଇଁ ସର୍ବନିମ୍ନ ସ୍ତରକୁ ଖସିଆସିଛି। ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ଘଟି ଏହା ୯୨.୩୩ ଟଙ୍କାର ରେକର୍ଡ ନିମ୍ନ ସ୍ତରରେ ପହଞ୍ଚିଛି। ଯାହାଫଳରେ ଦେଶକୁ ଆମଦାନୀ ମହଙ୍ଗା ହୋଇଯାଇଛି। ଫଳରେ ଭାରତୀୟ ବଜାର କ୍ଷତିଗ୍ରସ୍ତ ହୋଇଛି ଓ ଏହାର ପ୍ରତିଫଳନ ଯୋଗୁଁ ଦରଦାମ ବୃଦ୍ଧି ଘଟିବା ନିଶ୍ଚିତ ବୋଲି କୁହାଯାଉଛି।

ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରୁଥିବା ୧୬୭ କିଲୋମିଟର ଲମ୍ବା ଜଳପଥ ହରମୁଜ୍ ପ୍ରଣାଳୀ ବନ୍ଦ ଦ୍ୱାରା କଞ୍ଚା ତେଲ ମୂଲ୍ୟ ବୃଦ୍ଧି ପାଇଛି। ଆମେରିକା ଓ ଇସ୍ରାଏଲ୍ ଆକ୍ରମଣ ପରେ

- ଦିନକରେ ସେନ୍‌ସେକ୍ସ ଖସିଲା ୧୩୫୦ ପଏଣ୍ଟ
- ଡଲାର ତୁଳନାରେ ସର୍ବନିମ୍ନ ସ୍ତରରେ ଟଙ୍କା ମୂଲ୍ୟ

ଇରାନ୍ ଏହି ଜଳମାର୍ଗକୁ ବନ୍ଦ କରିଛି। ଇରାନ ଯୁଦ୍ଧ ଯୋଗୁଁ ହରମୁଜ୍ ବାଟ ଦେଇ ଯାତାୟତ ଆଉ ନିରାପଦ ନୁହେଁ। ବିପଦ ଆଶଙ୍କାରେ କୌଣସି ତେଲ ଟ୍ୟାଙ୍କରବାହୀ ଜାହାଜ ଏହି ମାର୍ଗ ଦେଇ ଯାଉନାହିଁ। ବିଶ୍ୱର ୨୦% ପେଟ୍ରୋଲିୟମ୍ ଏହି ପଥ ଦେଇ ଆମଦାନୀ ହୋଇଥାଏ। ସାଉଦି ଆରବ, ଇରାକ ଏବଂ କୁଏତ୍ ଭଳି ଦେଶ ମଧ୍ୟ ସେମାନଙ୍କର ରପ୍ତାନି ପାଇଁ ଏହି ମାର୍ଗ ▶ପୃଷ୍ଠା-୭

# ଘରୁ ଡାକି ନେଇ ଯୁବକଙ୍କୁ ହତ୍ୟା

■ ଭଦ୍ରକ, ୯।୩ (ସମିସ): ଘରୁ ଡାକି ନେଇ ମାରିଦେଲେ। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଗୁଣ୍ଠୁଣିଆଠାରେ ଗତ ରାତିରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଚରମ୍ପା ବରାଳ ପୋଖରୀ ରେଳବାଇ କଲୋନୀର ଶ୍ରୀକୁମାର ସ୍ୱାମୀ(୨୪)। ୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ଗୁଣ୍ଠୁଣିଆ ବଜାରରେ ସର୍ବସମ୍ମୁଖରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ସେଠାରୁ ଏକ ସୁନାଚେନ୍, ୨ଟି ଜୋତା ସହ ରକ୍ତ ନମୁନା ସଂଗ୍ରହ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ପୁଲିସ ହତ୍ୟାକାରୀଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି। ୨ଟି ସ୍ୱତନ୍ତ୍ର ଟିମ୍ ଅପରାଧୀଙ୍କୁ ଧରିବା ▶ପୃଷ୍ଠା-୭

# ଦୁଇ ବାଇକ୍ ମଧ୍ୟରେ ଧକ୍କା; ଜଣେ ମୃତ

■ ବାରିପଦା, ୯।୩(ସମିସ): ସୋମବାର ସନ୍ଧ୍ୟା ସାଢ଼େ ୮ଟାରେ ଟାଉନ୍ ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଶେରାଓ୍ୱାଲି ଢାବା ସମ୍ମୁଖରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଭଞ୍ଜପୁର ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୯ ଅଞ୍ଚଳର କାର୍ତ୍ତିକ ଗିରି (୪୮) ଓ ଗୁରୁତର ଆହତଜଣଙ୍କ ବାରିପଦା ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ଅଞ୍ଚଳର କୁଶ ଗୋଚ୍ଛାୟତ(୨୭)। ସୋମବାର ସନ୍ଧ୍ୟାରେ ଦୁଇଟି ବାଇକ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିଲେ। କୌଣସି କାରଣରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଭାରସାମ୍ୟ ହରାଇ ରାସ୍ତାକଡ଼ରେ ପଡ଼ିବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ବାଇକ୍‌ରେ ଥିବା ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ହସ୍ପିଟାଲକୁ ପଠାଇଛି।

## ରେସନ କାର୍ଡ ଭୋଜବାଜୀ

# କାଟିଲେ ଅଧିକ; ଯୋଡ଼ିଲେ କମ୍

## ବାଦ୍ ପଡ଼ିଲେ ୧୭ ଲକ୍ଷ, ନୂଆ ପାଇଲେ ୯ ଲକ୍ଷ

■ ଭୁବନେଶ୍ୱର, ୯।୩(ସମିସ): ରାଜ୍ୟରେ ନୂତନ ସରକାର ଆସିବା ପରେ ପ୍ରାୟ ୧୭ ଲକ୍ଷ ହିତାଧିକାରୀଙ୍କ ରାସନ୍ କାର୍ଡ କାଟିଛନ୍ତି। ଏହା ବଦଳରେ ମାତ୍ର ୯ ଲକ୍ଷ ଲୋକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଛି। ଏବେ ବି ୮ ଲକ୍ଷ ଲୋକଙ୍କୁ ରେସନ କାଡର୍ ମିଳିପାରିବ, ମାତ୍ର ସରକାର ଆବେଦନ କରିଥିବା ଲୋକଙ୍କୁ ରେସନ କାଡର୍ ଦେଉ ନାହାନ୍ତି। ଯେଉଁମାନେ ବ୍ଲକ୍‌କୁ ଗେରୁଆ ଗାମୁଛା ପକାଇ ଯାଉଛନ୍ତି, ସେମାନଙ୍କ ନାମରେ ରେସନ କାଡର୍ ଇସ୍ୟୁ ହେଉଛି । ସୋମାବାର ଏମିତି ଆକ୍ଷେପ କରି ସରକାରଙ୍କୁ ବିଧାନସଭାରେ ଘେରିଛନ୍ତି ବିରୋଧୀ। ଏହା ସହ ଏହି ଆଲୋଚନା ସମୟରେ ଧାନ କିଣା ଅବ୍ୟବସ୍ଥା, ଚାଷୀ ମୃତ୍ୟୁ, ବଳକା ଚାଉଳ ବଣ୍ଟନ ପ୍ରସଙ୍ଗରେ ବିଜେଡ଼ି ଓ କଂଗ୍ରେସ ବିଧାୟକ ସରକାରଙ୍କ ନୀତିକୁ କଟୁ ସମାଲୋଚନା କରିଛନ୍ତି ।

- ଗେରୁଆ ଗାମୁଛା ପକାଇଲେ ଯୋଡ଼ା ଯାଉଛି ନାମ: ବିରୋଧୀ
- ବିଜେପି ସରକାର ଆସିବା ପରେ ଚାଷୀ ସବୁଠୁ ଖୁସି: ଶାସକ

ଏ ସଂକ୍ରାନ୍ତ ମୁଲତବୀ ଆଲୋଚନା ଆରମ୍ଭ କରି ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି ଯେ ସରକାର ଗତ ବର୍ଷ ରବି ଓ ଖରିଫ ଋତୁରେ ୯୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଟାର୍ଗେଟ୍ ରଖିଥିଲେ। ଏହି ଧାନରୁ ୬୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ହେବ। ପିଡିଏସ୍ ପାଇଁ ଚାଉଳ ଯାଇ ସାରିବା ପରେ ୩୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ ବଳକା ରହୁଛି। ଏହି ଚାଉଳ କେଉଁଠି ରଖାଯାଇଛି? କେନ୍ଦ୍ର କେତେ ଚାଉଳ ଉଠାଇଛି? କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏମଏସପି ଉପରେ ବୋନସ ଦେଲେ କେନ୍ଦ୍ର ଚାଉଳ ନେବାକୁ ବାଧ୍ୟ ନୁହେଁ। ବିଭିନ୍ନ ଆଳରେ ବହୁ ରାସନ୍ କାର୍ଡ କାଟି ୨୦୦ କୋଟି ଟଙ୍କା ରାଜସ୍ୱ ବଞ୍ଚାଇଛନ୍ତି ବୋଲି ସରକାର କହୁଛନ୍ତି। ହେଲେ ପର୍ବ ପର୍ବାଣୀ ଆଳରେ ବିଭିନ୍ନ ଅଞ୍ଚଳରେ ବଳକା ଚାଉଳ ବଣ୍ଟାଯାଉଛି। ସେଥିରେ ସରକାର ୧୧୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରେ ରାଜସ୍ୱ କ୍ଷତି କେତେ ହୋଇଛି ବୋଲି ସେ ପ୍ରଶ୍ନ କରିଥିଲେ। ୩୧୦୦ ଟଙ୍କା ଦେବା କଥା କହି ବିଜେପି ସରକାରକୁ ଆସିଲେ, ହେଲେ ସରକାରଙ୍କ ଠନ ଠନ ଏବେ ଲଣ୍ଠନ ହୋଇଯାଇଛି। ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଦେଇଛନ୍ତି। ହେଲେ ରଖିବା ପାଇଁ ଜାଗା ନାହିଁ ବୋଲି କହି ପ୍ରତାପ ଦେବ ସରକାରଙ୍କୁ ▶ପୃଷ୍ଠା-୭






ସକାଳ
www.sakalaepaper.com

## ଇରାନ-ଆମେରିକା ଯୁଦ୍ଧ: ଉପରାଷ୍ଟ୍ରପତି ଜେଡ୍ ଭାନ୍ସଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

ୱାସିଂଟନ, ୯ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସକ୍ରିୟ ଥିବା ବେଳେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଚୁପ୍ ରହିବା ଓ ସର୍ବସାଧାରଣରେ ଦୃଶ୍ୟମାନ ନ ହେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ଆମେରିକା ଯୁଦ୍ଧ ଅଭିଯାନ ଆରମ୍ଭ କରିବାର ୭୨ ଘଣ୍ଟା ପର୍ଯ୍ୟନ୍ତ ଭାନ୍ସ ଏନେଇ କୌଣସି ସାର୍ବଜନୀନ ମନ୍ତବ୍ୟ ଦେଇନଥିଲେ। ସାଧାରଣତଃ ଯୁଦ୍ଧ ସମୟରେ ଉପରାଷ୍ଟ୍ରପତିମାନେ ସରକାରଙ୍କ ସବୁଠାରୁ ବଡ଼ ଚେହେରା ହୋଇଥାନ୍ତି, କିନ୍ତୁ ଏଠାରେ ସ୍ଥିତି ଓଲଟା। ଯୁଦ୍ଧ ସପକ୍ଷରେ ଓକିଲାତି ଅର୍ଥାତ ସମର୍ଥନ କରିବା ପାଇଁ ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ ସାମ୍ନାକୁ ଆସିଛନ୍ତି। ସେ ଅତ୍ୟନ୍ତ ଆକ୍ରମଣାତ୍ମକ ଢଙ୍ଗରେ ଯୁଦ୍ଧକୁ ବର୍ଣ୍ଣନା କରୁଛନ୍ତି, ଯାହା ପ୍ରଶାସନର କୌଶଳକୁ ପ୍ରତିଫଳିତ କରୁଛି। ଭାନ୍ସଙ୍କ ଚୁପ୍ ରହିବା ପଛରେ ବିଚାରଧାରାଗତ ମତଭେଦକୁ ମୁଖ୍ୟ କାରଣ ବୋଲି କୁହାଯାଉଛି। ସେ ଅନେକ ସମୟରେ ଆମେରିକାର ବିଦେଶୀ ସାମରିକ ହସ୍ତକ୍ଷେପକୁ ଦୃଢ଼ ବିରୋଧ କରିଆସିଛନ୍ତି ଓ ଆମେରିକାକୁ ବିଶ୍ୱର ପୁଲିସ ହେବା ଉଚିତ ନୁହେଁ ବୋଲି କହିଛନ୍ତି। ତେଣୁ ଏହି ଯୁଦ୍ଧ ତାଙ୍କ ରାଜନୈତିକ ବ୍ୟକ୍ତିତ୍ୱ ସହ ମେଳ ଖାଉନାହିଁ। ପୁଣି ଭାନ୍ସ ଆମେରିକାର ରାଷ୍ଟ୍ରପତି ପଦ ପାଇଁ ଜଣେ ପ୍ରମୁଖ ପ୍ରାର୍ଥୀ ବୋଲି ବିବେଚନା କରାଯାଉଛି। ତେଣୁ ଟ୍ରମ୍ପ ପ୍ରଶାସନକୁ ସମର୍ଥନ କରିବା ଓ ନିଜର ପୁରୁଣା ଯୁଦ୍ଧ ବରୋଧୀ ଛବିକୁ ବଜାୟ ରଖିବା ମଧ୍ୟରେ ସେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ମଧ୍ୟ ସେ ଭେନେଜୁଏଲା ପ୍ରସଙ୍ଗରେ ମଧ୍ୟ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲେ। ଭାନ୍ସଙ୍କ ଏହି ନୀରବତା ରିପବ୍ଲିକାନ ପାର୍ଟି ମଧ୍ୟରେ ବୈଦେଶିକ ନୀତିକୁ ନେଇ ଏକ ଗଭୀର ମତଭେଦ ରହିଛି ବୋଲି ସ୍ପଷ୍ଟ ହେଉଛି। ତେବେ ତାଙ୍କ ନୀରବତା ନେଇ ଚାଲିଥିବା ଆକଳନ ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

## ଆକ୍ରମଣରେ ମୋଜତବା ଆହତ ହେବା ନେଇ ଚର୍ଚ୍ଚା

ତେହେରାନ, ତେଲ ଅଭିଭ୍, ୯ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଉତ୍କଟ ରୂପ ନେଇଛି। ଇରାନର ନୂତନ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି ପାଇଥିବା ମୋଜତବା ଖାମନେଇ ଆମେରିକା-ଇସ୍ରାଏଲ ଆକ୍ରମଣରେ ଆହତ ହେବା ଖବର ସାମ୍ନାକୁ ଆସିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇରାନର ସରକାରୀ ଟିଭି ତାଙ୍କୁ 'ଜାନ୍‌ବାଜ୍' ବୋଲି ସମ୍ବୋଧନ କରିଛି। ଯାହାର ଅର୍ଥ ହେଉଛି ସେ ଶତ୍ରୁ ପକ୍ଷରୁ ଆକ୍ରମଣରେ ଆହତ ହୋଇଛନ୍ତି। ତେବେ ତାଙ୍କ ଆହତ ହେବାର ସ୍ପଷ୍ଟ ଘଟଣା ସମ୍ପର୍କରେ ଅଧିକ ସୂଚନା ମିଳିନାହିଁ। ଇରାନ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ଇସ୍‌ମାଇଲ ବଘାଇ କହିଛନ୍ତି ଯେ ଏହି ଯୁଦ୍ଧ ଇରାନ ଉପରେ ଜବରଦସ୍ତ ଲଦି ଦିଆଯାଇଛି। ଇରାନ ଏହି ଯୁଦ୍ଧ ଆରମ୍ଭ କରିନାହିଁ ଓ ବର୍ତ୍ତମାନ କୌଣସି ଯୁଦ୍ଧବିରତି କିମ୍ବା ଆଲୋଚନା ପାଇଁ ସମୟ ନୁହେଁ। ପୁଣି ଇରାନ ତୁର୍କୀ, ସାଇପ୍ରସ କିମ୍ବା ଅଜାରବାଇଜାନ ଉପରେ କୌଣସି ଆକ୍ରମଣ କରିଥିବା ଅଭିଯୋଗକୁ ଇରାନ ଖଣ୍ଡନ କରିଛି।

## ଶର୍ଜିଲ ଇମାମଙ୍କୁ ୧୦ ଦିନର ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି): ଦିଲ୍ଲୀର ଏକ କୋର୍ଟ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଅଭିଯୁକ୍ତ ଛାତ୍ରନେତା ଶର୍ଜିଲ ଇମାମଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ନିଜ ଭାଇଙ୍କ ବାହାଘରରେ ଯୋଗ ଦେବା ଓ ନିଜର ଅସୁସ୍ଥ ମାଆଙ୍କର ଯତ୍ନ ନେବା ପାଇଁ କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରଛନ୍ତି। ଅତିରିକ୍ତ ସେସନ ଜଜ୍ ସମୀର ବାଜପେୟୀ ତାଙ୍କୁ ମାର୍ଚ୍ଚ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଜାମିନ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସେ ଜାମିନ ଅବଧି ମଧ୍ୟରେ କୌଣସି ଗଣମାଧ୍ୟମ ସହ କଥା ହୋଇପାରିବେ ନାହିଁ କିମ୍ବା ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ ନାହିଁ। ସେ କେବଳ ନିଜର ପରିବାର, ବନ୍ଧୁ ଓ ସମ୍ପର୍କୀୟଙ୍କ ସହିତ ମିଳାମିଶା କରିପାରିବେ। ଏହା ଛଡ଼ା ୫୦, ୦୦୦ ଟଙ୍କାର ବଣ୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଥାଉ କି, ୨୦୨୦ ଫେବୃଆରୀରେ ଉତ୍ତର-ପୂର୍ବ ଦିଲ୍ଲୀରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ପଛରେ ବୃହତ ଷଡ଼ଯନ୍ତ୍ର ମାମଲାରେ ଶର୍ଜିଲ ଜଣେ ମୁଖ୍ୟ ଅଭିଯୁକ୍ତ। ଚଳିତ ବର୍ଷ ଜାନୁଆରୀରେ ସୁପ୍ରିମକୋର୍ଟ ସର୍ଜିଲ ଓ ଉମର ଖାଲିଦଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିଥିଲେ।

## ଉସ୍‌ମାନ ହାଦି ହତ୍ୟାକାଣ୍ଡ: ପଶ୍ଚିମବଙ୍ଗରୁ ୨ ଅଭିଯୁକ୍ତ ଗିରଫ

କୋଲକାତା, ୯ ।୩(ଏଜେନ୍ସି): ବାଂଲାଦେଶର ଯୁବ ନେତା ତଥା ଲେଖକ ଉସ୍‌ମାନ ହାଦିଙ୍କୁ ହତ୍ୟା ମାମଲାର ଦୁଇ ଅଭିଯୁକ୍ତଙ୍କୁ ଭାରତର ପଶ୍ଚିମବଙ୍ଗରୁ ଗିରଫ କରାଯାଇଛି। ପଶ୍ଚିମବଙ୍ଗ ପୁଲିସ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏମାନଙ୍କୁ ଗିରଫ କରିଛି। ଏହି ଦୁଇ ଅଭିଯୁକ୍ତ ହେଲେ ରାହୁଲ ଉରଫ ୩୭ ବର୍ଷୀୟ ଫୈଜଲ କରିମ ମାସୁଦ ଓ ୩୪ ବର୍ଷୀୟ ଆଲମଗିର ହୁସେନ। ପୁଲିସ ସୂଚନା ଅନୁଯାୟୀ ଉଭୟ ଅଭିଯୁକ୍ତ ମେଘାଳୟ ସୀମା ଦେଇ ବେଆଇନ୍ ଭାବେ ଭାରତରେ ପ୍ରବେଶ କରିଥିଲେ। ସେମାନେ ପଶ୍ଚିମବଙ୍ଗର ବନଗାଁ ଅଞ୍ଚଳରେ ଲୁଚି ରହିଥିଲେ ଓ ପୁଣି ବାଂଲାଦେଶ ଫେରିଯିବା ପାଇଁ ସୁଯୋଗ ଖୋଜୁଥିଲେ। ଗତ ମାର୍ଚ୍ଚ ୭ ଓ ୮ ମଧ୍ୟରାତ୍ରିରେ ଏସ୍‌ଟିଏଫ୍ ଏକ ସ୍ୱତନ୍ତ୍ର ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ରବିବାର ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ପୁଲିସ ହେପାଜତକୁ ପଠାଇ ଦିଆଯାଇଛି। ଉସ୍‌ମାନ ହାଦି ଜଣେ ରାଜନୈତିକ କର୍ମୀ, ଲେଖକ ଏବଂ ଇନ୍‌କିଲାବ ମଞ୍ଚର ମୁଖପାତ୍ର ଥିଲେ। ସେ ବାଙ୍ଗଲାଦେଶର ଆବାମୀ ଲିଗ୍ ଦଳକୁ ବିରୋଧ କରୁଥିଲେ ଓ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବାକୁ ଯୋଜନା କରିଥିଲେ। କିନ୍ତୁ ୨୦୨୫ ଡିସେମ୍ବର ୧୨ରେ ରାଜଧାନୀ ଢାକାରେ ଏକ ରିକ୍ସା ଯାଉଥିବା ବେଳେ ବାଇକ୍‌ରେ ଆସିଥିବା ଦୁର୍ବୃତ୍ତ ହାଦିଙ୍କୁ ଗୁଳି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେ ୧୮ ତାରିଖରେ ମୃତ୍ୟୁବରଣ କରିଥିଲେ।

# ମାଂସ ପୋଡ଼ା ରସାୟନ ଅସ୍ତ୍ର ବ୍ୟବହାର କରୁଛି ଇସ୍ରାଏଲ

ବେରୁଟ୍/ତେଲ ଅଭିଭ୍, ୯ ।୩(ଏଜେନ୍ସି): ମାନବାଧିକାର ସଂଗଠନ 'ହ୍ୟୁମାନ ରାଇଟ୍ ୱାଚ୍' (ଏଚ୍‌ଆରଡବ୍ଲ୍ୟୁ) ଏବେ ଇସ୍ରାଏଲ ବିରୋଧରେ ଏକ ନୂଆ ଗୁରୁତର ଅଭିଯୋଗ ଆଣିଛି। ଯୁଦ୍ଧରେ ଇସ୍ରାଏଲ ମାଂସ ଜାଳୁଥିବା ରାସାୟନିକ ଅସ୍ତ୍ର ଅର୍ଥାତ ହ୍ୱାଇଟ୍ ଫସ୍‌ଫରସ୍ ବ୍ୟବହାର କରୁଛି ବୋଲି ଏହି ସଂଗଠନ ଅଭିଯୋଗ କରିଛି। ଇସ୍ରାଏଲ ସେନାବାହିନୀ ଲେବାନନ୍‌ରେ 'ୟୋହୋମୋର' ନାମକ ଏକ ଜନବସତି ଅଞ୍ଚଳରେ ବେଆଇନ୍ ଭାବେ 'ହ୍ୱାଇଟ୍ ଫସ୍‌ଫରସ୍' ବୋମା ବ୍ୟବହାର କରିଛି ବୋଲି ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୩ରେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା। ଏଚ୍‌ଆରଡବ୍ଲ୍ୟୁ ୭ଟି ଭିନ୍ନ ଭିନ୍ନ ଫଟୋ ଓ ଭିଡ଼ିଓକୁ ଯାଞ୍ଚ କରି ଏହା ସ୍ପଷ୍ଟ କରିଛି ଯେ ଘରୋଇ ଅଞ୍ଚଳରେ ଏହି ମାରାତ୍ମକ ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଇସ୍ରାଏଲ ମଧ୍ୟ ଏହାର ସଫେଇ ଦେଇଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ସର୍ବଦା କହିଆସିଛି ଯେ ସେମାନେ କେବଳ ଏହାକୁ 'ସ୍ମୋକ୍‌ସ୍କ୍ରିନ୍' (ଶତ୍ରୁଠାରୁ ବଞ୍ଚିବା ପାଇଁ ଧୂଆଁ ସୃଷ୍ଟି କରିବା) ପାଇଁ ବ୍ୟବହାର କରନ୍ତି ଓ ଏହା ଅନ୍ତର୍ଜାତୀୟ



ନିୟମ ଅନୁସାରେ ସମ୍ମତ ଅର୍ଥାତ ବେଆଇନ ନୁହେଁ। ଉଲ୍ଲେଖଥାଉ କି, ହ୍ୱାଇଟ୍ ଫସ୍‌ଫରସ୍ ୮୦୦ ଡିଗ୍ରୀରୁ ଅଧିକ ତାପମାତ୍ରାରେ ଜଳିଥାଏ। ଏହା କେବଳ ଧାତୁକୁ ତରଳାଇ ଦେଇପାରେ ତାହା ନୁହେଁ, ମଣିଷର ଚର୍ମ ଓ ମାଂସ ହାଡ଼ ପର୍ଯ୍ୟନ୍ତ ଜାଳି ଦେଇପାରେ। ଏହା ଅମ୍ଳଜାନ ସଂସ୍ପର୍ଶରେ ଆସିବା ମାତ୍ରେ ନିଜେ ନିଜେ ଜଳିବା ଆରମ୍ଭ କରେ। ଏହା ଫ୍ୟାଟ ସଲ୍ୟୁବୁଲ ହୋଇଥିବାରୁ ଶରୀର ଭିତରକୁ ମଧ୍ୟ ପ୍ରବେଶ କରିପାରେ। ଏହାର ଧୂଆଁ ନିଶ୍ୱାସରେ ନେଲେ ଫୁସ୍‌ଫୁସ୍ ନଷ୍ଟ ହୋଇଯାଇଥାଏ ଏବଂ ରକ୍ତରେ ମିଶିଲେ ଲିଭର ଓ କିଡନୀ ଫେଲ୍ ହୋଇଥାଏ। ପୁଣି ଏହା ମାଟିରେ ଦୀର୍ଘ ବର୍ଷ ଧରି ରହିଯାଏ, ଯାହାଦ୍ୱାରା ଚାଷ ଜମି ନଷ୍ଟ ହୋଇଯାଏ ଓ ପରିବେଶ ଉପରେ ଏହା ବିଶାକ୍ତ ପ୍ରଭାବ ପଡ଼ିଥାଏ। ଅନ୍ତର୍ଜାତୀୟ ଚୁକ୍ତି ଅନୁସାରେ ଜନବସତି ଅଞ୍ଚଳରେ ଏଭଳି ଅଗ୍ନିକାରୀ ଅସ୍ତ୍ରର ବ୍ୟବହାର ନିଷିଦ୍ଧ। ତଥାପି କେତେକ ଦେଶ ଏହାକୁ ସ୍ମୋକସ୍କ୍ରିନ୍ ବୋଲି ଦର୍ଶାଇ ବର୍ତ୍ତିଯାଇଥାନ୍ତି। ଏହାକୁ ଏକ ଖସିଯିବାର ବାଟ ବୋଲି ବିବେଚନା କରାଯାଇଥାଏ। ତେବେ ଏହି ଅସ୍ତ୍ରର ବ୍ୟବହାର ନେଇ ପୁଣି ଥରେ ଏକ ବିବାଦ ସୃଷ୍ଟି ହୋଇଛି। ଏହି ଘଟଣା ଇସ୍ରାଏଲ- ଇରାନ- ଲେବାନନ ମଧ୍ୟ ଚାଲିଥିବା ଯୁଦ୍ଧକୁ ଆହୁରି ଜଟିଳ କରିଛି ଓ ଏହା ସାଧାରଣ ନାଗରିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି।

## କୋଟି କୋଟି ଖର୍ଚ୍ଚ ସତ୍ତ୍ୱେ ଇରାନ ପାଇଁ ଯୁଦ୍ଧ କରିବାକୁ ମନା କରୁଛନ୍ତି ମିଲିସିଆ

ତେହେରାନ, ୯ ।୩(ଏଜେନ୍ସି): ଇରାନ ଓ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୧୦ ଦିନ ପାର କରିସାରିଛି। ଏହି ସମୟରେ ଇରାନ ପାଇଁ ସବୁଠାରୁ ଚିନ୍ତାର ବିଷୟ ହେଉଛି ଯେ, ଇରାନ ଯେଉଁ ଇରାକୀ ମିଲିସିଆ ବା ସ୍ଥାନୀୟ ଯୋଦ୍ଧାଙ୍କ ଗୋଷ୍ଠୀକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତିଆରି କରିଥିଲା, ସେମାନେ ଏବେ ଯୁଦ୍ଧରେ ସାମିଲ ହେବାକୁ ମନା କରିଦେଇଛନ୍ତି। ଦଶନ୍ଧି ଧରି ଇରାନ ଇରାକ, ଲେବାନନ, ସିରିଆ, ୟେମେନ ଓ ଗାଜାରେ ଅନେକ ସଶସ୍ତ୍ର ଗୋଷ୍ଠୀକୁ ପୋଷଣ କରିଆସୁଥିଲା। କିନ୍ତୁ ଆଜି ଯେତେବେଳେ ଇରାନ ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି, ସେତେବେଳେ ଇରାକର ପ୍ରମୁଖ ମିଲିସିଆ ଗୋଷ୍ଠୀଗୁଡ଼ିକ ତରଫରୁ କୌଣସି ବଡ଼ ଧରଣର ଗତିବିଧି ଦେଖିବାକୁ ମିଳିନାହିଁ। ଇରାକ ମିଲିସିଆ କମାଣ୍ଡରମାନେ ବର୍ତ୍ତମାନ ଯୁଦ୍ଧ ଅପେକ୍ଷା ନିଜର ରାଜନୈତିକ ସ୍ଥିତି ଓ ବ୍ୟବସାୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। କାସେମ ସୋଲେମାନୀ ଓ ହସନ ନସରୁଲ୍ଲାଙ୍କ ଭଳି ପ୍ରଭାବଶାଳୀ ନେତାଙ୍କ ମୃତ୍ୟୁପରେ ଏହି ଗୋଷ୍ଠୀଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ନିର୍ଦ୍ଦେଶ ଦେବା ପାଇଁ ଶକ୍ତିଶାଳୀ ନେତୃତ୍ୱର ଅଭାବ ଦେଖା ଦେଇଛି। ପୁଣି ଅନେକ କମାଣ୍ଡର ଏବେ ଇରାକୀ ସଂସଦରେ ସାଂସଦ ଅଛନ୍ତି ଓ ସେମାନେ ବଡ଼ ବଡ଼ ବ୍ୟବସାୟର ମାଲିକ। ସେମାନେ ଆମେରିକାର କଟକଣା ଭୟରେ ପୁଣିଥରେ ସିଧାସଳଖ ଯୁଦ୍ଧ କରିବାକୁ ଚାହୁଁନାହାନ୍ତି। ସେହିପରି ଇରାନ ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ସେମାନଙ୍କ ପାଖରେ ଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ପୁରୁଣା ଓ ନିଷ୍କ୍ରିୟ ହୋଇଯାଇଛି। ଇରାକୀ କମାଣ୍ଡରମାନେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ କୂଟନୈତିକ ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛନ୍ତି। ସେହିପରି ସିରିଆରେ ବଶର ଅଲ- ଆସାଦଙ୍କ ଶାସନର ପତନ ଓ ସେଠାରେ ସୁନ୍ନି ବିଦ୍ରୋହୀ କ୍ଷମତାକୁ ଆସିବା ପରେ ଇରାନର ପ୍ରକ୍ସି ନେଟୱର୍କକୁ ବଡ଼ ଧରଣର ଝଟ୍‌କା ଲାଗିଛି। ତେଣୁ ଏବେ ଇରାକର ଏହି ମିଲିସିଆ ଗୋଷ୍ଠୀଗୁଡ଼ିକ ଇରାନ ପାଇଁ ବଳି ଦେବାକୁ ଚାହୁଁନାହାନ୍ତି। ଫଳରେ ଇରାନକୁ ନିରାଶ ହେବାକୁ ପଡ଼ିଛି।

## ମଝି ଆକାଶରୁ ଫେରିଲା ଇଣ୍ଡିଗୋ ବିମାନ

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି): ଦିଲ୍ଲୀରୁ ବ୍ରିଟେନର ମାଞ୍ଚେଷ୍ଟର ଯାଉଥିବା ଇଣ୍ଡିଗୋର ଏକ ବିମାନକୁ ଜରୁରୀକାଳୀନ ଭାବେ ଦିଲ୍ଲୀ ଫେରାଇ ଅଣାଯାଇଛି। ବିମାନଟି ୫ ଘଣ୍ଟାରୁ ଅଧିକ ସମୟ ଉଡ଼ାଣ ଭରିବା ପରେ ଇଥିଓପିଆ ସୀମା ନିକଟରୁ ହଠାତ ୟୁ-ଟର୍ଣ୍ଣ ନେଇଥିଲା। ନୋର୍ସ ଦ୍ୱାରା ପରିଚାଳିତ ଇଣ୍ଡିଗୋ ବିମାନ ୬ଇ୩୩ ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ଇଥିଓପିଆ ସୀମା ନିକଟରୁ ଫେରିଥିଲା। ମିଳିଥିବା ସୂଚନା ଅନୁଯାୟ ଏହି ବିମାନ ଦିଲ୍ଲୀରୁ ମାଞ୍ଚେଷ୍ଟର ଅଭିମୁଖେ ଯାତ୍ରା କରିଥିଲା। ଯେତେବେଳେ ବିମାନଟି ଇଥିଓପିଆର ଆକାଶମାର୍ଗରେ ପହଞ୍ଚିଥିଲା, ସେତେବେଳେ ପାଇଲଟ ବିମାନକୁ ଫେରାଇ ଆଣିଥିଲେ। ପଶ୍ଚିମ ଏସିଆରେ ଚାଲିଥିବା ସାମ୍ପ୍ରତିକ ଯୁଦ୍ଧ ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ହଠାତ ଏୟାରସ୍ପେଶ ନିୟନ୍ତ୍ରଣ ଲାଗୁ ହେବାରୁ ଏହି ବିମାନର ଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ଏହି ବିମାନଟି ସାଧାରଣତଃ ସଂଘର୍ଷପୂର୍ଣ୍ଣ ଅଞ୍ଚଳକୁ ଏଡ଼ାଇବା ପାଇଁ ଆଫ୍ରିକା ଓ ଆଡେନ ଉପସାଗର ଦେଇ ଯାତ୍ରା କରୁଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କଟକଣା ଲାଗୁ ହେବା କାରଣରୁ ବିମାନକୁ ଶେଷରେ ଫେରିବାକୁ ପଡ଼ିଥିଲା। ତେବେ ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ, ସୁରକ୍ଷା ଦୃଷ୍ଟିକୋଣରୁ ବିମାନକୁ ଆଗକୁ ନ ନେଇ ପାଇଲଟ ତୁରନ୍ତ ଦିଲ୍ଲୀ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପଶ୍ଚିମ ଏସିଆରେ ବଦଳୁଥିବା ସ୍ଥିତିକୁ ଦୃଷ୍ଟିରେ ରଖି କିଛି ବିମାନର ରୁଟ୍ ବଦଳାଯାଇଛି କିମ୍ବା ବାଧ୍ୟତାମୂଳକ ଭାବେ ଫେରାଇ ଅଣାଯାଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବା ପରେ ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବାର ସୂଚନା ମିଳିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଆକାଶରେ ରହିବା ପରେ ପୁଣି



ସେହି ସ୍ଥାନକୁ ଫେରିଆସିବା ଯୋଗୁଁ ଯାତ୍ରୀମାନେ କିଛି ସମୟ ପାଇଁ ଆତଙ୍କିତ ହୋଇ ପଡ଼ିଥିଲେ। ଇଞ୍ଜିନିୟରିଂ ଟିମ୍ ବର୍ତ୍ତମାନ ବିମାନର ଯାଞ୍ଚ କରୁଛନ୍ତି। ଉଲ୍ଲେଖଥାଉ କି, ଦିଲ୍ଲୀ ଓ ଇଂଲଣ୍ଡର ମାଞ୍ଚେଷ୍ଟର ରୁଟର ସମୁଦାୟ ଦୂରତା ପ୍ରାୟ ୬, ୮୨୯ କିମି ଓ ଏଥିପାଇଁ ହାରାହାରି ୧୧ ଘଣ୍ଟା ସମୟ ଲାଗିଥାଏ। ବିମାନଟି ଆଡେନ ଉପସାଗର ଓ ଆଫ୍ରିକା ଦେଇ ଦକ୍ଷିଣ ପଥ ଅନୁସରଣ କରୁଥିଲା।

## ନେପାଳ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବାଲେନ୍ଦ୍ର ଶାହା



କାଠମାଣ୍ଡୁ, ୯ ।୩(ଏଜେନ୍ସି): ନେପାଳ ନିର୍ବାଚନର ଆଂଶିକ ଫଳାଫଳ ଅନୁଯାୟୀ, ବାଲେନ୍ଦ୍ର ଶାହାଙ୍କ ଦଳ ସଂସଦରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଦଶନ୍ଧି ଦଶନ୍ଧି ଧରି ଚାଲି ଆସିଥିବା ନେପାଳ ରାଜନୈତିକ ବ୍ୟବସ୍ଥାରେ ପ୍ରଥମଥର ପାଇଁ କୌଣସି ଗୋଟିଏ ଦଳ ଏତେ ବଡ଼ ବିଜୟ ହାସଲ କରିଛି। ବର୍ତ୍ତମାନର ଭୋଟ ଗଣତି ଅନୁଯାୟୀ, ବାଲେନ୍ଦ୍ରଙ୍କ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସପି) ଅନ୍ୟ ପାରମ୍ପରିକ ଦଳଗୁଡ଼ିକୁ ଯଥେଷ୍ଟ ପଛରେ ପକାଇଦେଇଛି। ଦୀର୍ଘ ବର୍ଷ ପରେ ପ୍ରଥମଥର ପାଇଁ ନେପାଳର ଜଟିଳ ଦୁଇ-ସ୍ତରୀୟ ନିର୍ବାଚନ ପ୍ରଣାଳୀରେ ଏକକ ଦଳ ଭାବେ ଆରଏସ୍‌ପି ବହୁମତ ପାଇବାକୁ ଯାଉଛି। ସାଧାରଣତଃ ଏହି ପ୍ରଣାଳୀରେ କୌଣସି ଗୋଟିଏ ଦଳ ସିଧାସଳଖ ବହୁମତ ହାସଲ କରିବା ଦୁର୍ଲଭ। ବର୍ତ୍ତମାନ ମିଳିଥିବା ଫଳାଫଳ ଅନୁଯାୟୀ, ଶାହାଙ୍କ ଦଳ ୧୨୪ଟି ଆସନ ଜିତିସାରିଛି। ୩୫ ବର୍ଷୀୟ ବାଲେନ୍ଦ୍ର ଝାପା-୫ ଆସନରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛନ୍ତି। ଏହି ଆସନ ଓଲିଙ୍କ ପାରମ୍ପରିକ ଦୃଢ଼ ଗଡ଼ ଭାବେ ପରିଚିତ ଥିଲା। ଏହି ବିଜୟ ଶାହାଙ୍କ ପାଇଁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାର ପଥକୁ ସୁଗମ କରିଛି। ଅନ୍ୟପଟେ ନିର୍ବାଚନରେ ବଡ଼ ପରାଜୟ ପରେ ଓଲିଙ୍କ ଦଳ ସିପିଏନ୍-ୟୁଏମ୍‌ଏଲ୍ ମଧ୍ୟରେ ପୁନର୍ଗଠନ ଓ ନେତୃତ୍ୱ ପରିବର୍ତ୍ତନ ନେଇ ଆଲୋଚନା ହୋଇଛି। ଦଳର ନେତାମାନେ ଏହାକୁ ଗଭୀର ପତନ ବୋଲି ବର୍ଣ୍ଣନା କରିଛନ୍ତି। ଉଲ୍ଲେଖଥାଉ କି, ୨୦୨୫ ସେପ୍ଟେମ୍ବରରେ ହଜାର ହଜାର ନେପାଳୀ ଯୁବକ- ଯୁବତୀ ଦୁର୍ନୀତି ଓ ପରିବାର ବିରୋଧରେ ସଂସଦ ସାମ୍ନାରେ ବିଶାଳ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦରେ ନେତୃତ୍ୱ ଦେଇଥିଲେ ନିଜକୁ ଜେନ୍-ଜେଡ୍ ବୋଲି ପରିଚୟ ଦେଉଥିବା ଯୁବକମାନେ। ଏହି ଆନ୍ଦୋଳନ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା ଓ ସେବେକାର ସରକାରର ପତନ ହୋଇଥିଲା। ଏହି ଆନ୍ଦୋଳନରେ ୭୭ ଜଣଙ୍କର ମୃତ୍ୟୁ ହୋଇଥିଲା।

## ଦିଲ୍ଲୀ ମଦ ମାମଲା: କେଜ୍ରିୱାଲ, ସିସୋଦିଆଙ୍କୁ ହାଇକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି): ବହୁ ଚର୍ଚ୍ଚିତ ମଦ ନୀତି ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଛି। ଦିଲ୍ଲୀ ହାଇକୋର୍ଟ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ୨୩ ଜଣ ଅଭିଯୁକ୍ତଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ନିମ୍ନ ଅଦାଲତ (ଟ୍ରାଏଲ କୋର୍ଟ) ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିବା ଆଦେଶ ବିରୋଧରେ ସିବିଆଇ ଆବେଦନ କରିବା ପରେ ହାଇକୋର୍ଟ ଏହି ପଦକ୍ଷେପ ନେଇଛନ୍ତି। କେବଳ ସେତିକି ନୁହେଁ ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମା ଶୁଣାଣି କରି ଟ୍ରାଏଲ କୋର୍ଟ ଦ୍ୱାରା ସିବିଆଇ ଅଧିକାରୀଙ୍କ ବିରୋଧରେ ଦିଆଯାଇଥିବା ମନ୍ତବ୍ୟ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଉପରେ ରୋକ ଲଗାଇଛନ୍ତି। ଏଥିସହ ମନି ଲଣ୍ଡରିଂ ମାମଲାରେ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଟ୍ରାଏଲ କୋର୍ଟଙ୍କ ଶୁଣାଣିକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସିବିଆଇ ନିଜର ୯୭୪ ପୃଷ୍ଠାର ଆବେଦନରେ ଦର୍ଶାଇଛି ଯେ ଟ୍ରାଏଲ କୋର୍ଟ ଚାର୍ଜ ଫ୍ରେମିଂ ସମୟରେ ହିଁ ମାମଲାର ପୂରା ବିଚାର କରିବା ଭଳି ଆଚରଣ ପ୍ରଦର୍ଶନ କରିଛନ୍ତି, ଯାହା ଆଇନଗତ ଭାବେ ଠିକ୍ ନୁହେଁ। ସିବିଆଇର ଦାବି ଅନୁଯାୟୀ, କେଜ୍ରିୱାଲଙ୍କ ନିର୍ଦ୍ଦେଶକ୍ରମେ ବିଜୟ ନାୟାର 'ସାଉଥ ଗ୍ରୁପ୍'ରୁ ୧୦୦ କୋଟି ଟଙ୍କା ଆଦାୟ କରିଥିଲେ। ଏଥିରୁ ୪୪.୫ କୋଟି ଟଙ୍କା ଗୋଆ ନିର୍ବାଚନରେ ବ୍ୟୟ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୨୭ରେ ଦିଲ୍ଲୀର ରାଓଜ ଆଭେନ୍ୟୁ କୋର୍ଟଙ୍କ ଦ୍ୱାରା ଦୋଷମୁକ୍ତ ହେବା ପରେ କେଜ୍ରିୱାଲ ଗଣମାଧ୍ୟମ ସମ୍ମୁଖରେ କାନ୍ଦି ପକାଇଥିଲେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ଆମ ଆଦମୀ ପାର୍ଟିକୁ ଶେଷ କରିବା ପାଇଁ ଏକ ଷଡ଼ଯନ୍ତ୍ର ରଚିଥିଲେ ବୋଲି କହିଥିଲେ। ତେବେ ହାଇକୋର୍ଟଙ୍କ ନୋଟିସ ପରେ ଏହି ମାମଲା ପୁଣି ସକ୍ରିୟ ହୋଇଛି।

### ରାଷ୍ଟ୍ରପତିଙ୍କ ପ୍ରୋଟୋକଲ ମାମଲା

## ରିପୋର୍ଟ ଦାଖଲ କଲେ ପଶ୍ଚିମବଙ୍ଗ ସରକାର

କୋଲକାତା, ୯।୩ (ଏଜେନ୍ସି): ପଶ୍ଚିମବଙ୍ଗ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରୋଟୋକଲ୍ ଉଲ୍ଲଂଘନ ମାମଲାକୁ ନେଇ ଦେଶରେ ରାଜନୀତି ଜୋର ଧରିଛି। ଶିବସେନା ନେତା ସଞ୍ଜୟ ରାଉତ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମଣିପୁରରେ ଆଦିବାସୀ ମହିଳାଙ୍କୁ ଅତ୍ୟାଚାର ମାମଲାରେ ରାଷ୍ଟ୍ରପତି କାହିଁକି ଚୁପ ରହିଥିଲେ ବୋଲି ପଚାରିଛନ୍ତି। ଏପରି ସମୟରେ ସିଲିଗୁଡ଼ିରେ ପ୍ରୋଟୋକଲ ଉଲ୍ଲଙ୍ଘନକୁ ନେଇ ପଶ୍ଚିମବଙ୍ଗ ସରକାର କେନ୍ଦ୍ରକୁ ରିପୋର୍ଟ ପ୍ରଦାନ କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ସୋମବାର କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନଙ୍କ ନିକଟକୁ ଏହି ଘଟଣା ସମ୍ବନ୍ଧିତ ବିବରଣୀ ଓ ଆବଶ୍ୟକୀୟ ଦଲିଲ ସହ ଏହି ରିପୋର୍ଟ ପଠାଇଛନ୍ତି। ଘଟଣାବଳୀର ବାଖ୍ୟା କରି ବିସ୍ତୃତ ରିପୋର୍ଟ ଦିଆଯାଇଛି ବୋଲି ପଶ୍ଚିମବଙ୍ଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।ଏଥିରେ ପ୍ରତିଟି ପର୍ଯ୍ୟାୟରେ ନିଆଯାଇଥିବା ପ୍ରଶାସନିକ ନିଷ୍ପତ୍ତିଗୁଡ଼ିକୁ ବିଷୟରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାହିଁକି ଉପସ୍ଥିତ ନ ଥିଲେ, ସେ ସମ୍ପର୍କରେ ମଧ୍ୟ ରିପୋର୍ଟ ଦିଆଯାଇଛି। ଏହାବ୍ୟତୀତ ରାଷ୍ଟ୍ରପତିଙ୍କ ସମ୍ମିଳନୀ ସ୍ଥଳର ସ୍ଥାନ ପରିବର୍ତ୍ତନ ନିଷ୍ପତ୍ତି ପଛରେ ଥିବା କାରଣ ବିଷୟରେ ମଧ୍ୟ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇଛନ୍ତି।

ଗତ ୭ ତାରିଖରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରୋଟୋକଲ୍ ଉଲ୍ଲଂଘନ ହୋଇଥିବା ଅଭିଯୋଗ ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପଶ୍ଚିମବଙ୍ଗ ସରକାରଙ୍କଠାରୁ ଏକ ରିପୋର୍ଟ ମାଗିଥିଲା। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଜବବା ମଗା ଯାଇଥିଲା। ରାଷ୍ଟ୍ରପତି ରାଜ୍ୟରେ ପହଞ୍ଚିବା ସମୟରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଡିଜିପି ଙ୍କ ଅନୁପସ୍ଥିତି ଉପରେ ଜବାବ ମଗାଯାଇଥିଲା।

# ବିଶ୍ୱକୁ ଅଶାନ୍ତ କରି ଆମେରିକା ମାଲେମାଲ

ନୂଆଦିଲ୍ଲୀ, ୯।୩ (ଏଜେନ୍ସି): ଯୁଦ୍ଧର କରାଳ ଛାୟାରେ ବିଶ୍ୱ କବଳିତ ହୋଇଯାଇଛି। ଏବେ ଦୁଇ ଦୁଇଟି ଯୁଦ୍ଧ ଜାରି ରହିଛି। ଶତ୍ରୁ ତ ଦୂରର କଥା ମିତ୍ର ରାଷ୍ଟ୍ର ବି ସୁରକ୍ଷିତ ନାହାନ୍ତି। ୟୁକ୍ରେନ ଉପରେ ରୁଷର ଆକ୍ରମଣ ଏହାର ଉଦାହରଣ ପାଲଟିଛି। ସେହିପରି ଭେନେଜୁଏଲା ଏବଂ ଇରାନରେ ଆମେରିକାର ଆକ୍ରମଣ 'ଜୋରଜାର ମୂଳକ ତାର' ସ୍ଥିତି ସୃଷ୍ଟି କରିଛି। ଏହା ବିଶ୍ୱର ଭୂରାଜନୈତିକ ସ୍ଥିତିକୁ ବଦଳାଇ ଦେଇଛି। ନିଜ ଅର୍ଥବ୍ୟବସ୍ଥାକୁ ବଞ୍ଚାଇବା ପାଇଁ ଆମେରିକା ମିଛ ଅଭିଯୋଗ ଲଗାଉଛି। ପରେ ସାଲିସ କରିବା ପାଇଁ ଚାପ ପକାଉଛି। ଯଦି କୌଣସି ରାଷ୍ଟ୍ର ଏହାକୁ ବିରୋଧ କରୁଛନ୍ତି ତେବେ ଆକ୍ରମଣ ଭୟ ଦେଖାଯାଉଛି। ପରିଶେଷରେ ସେହି ଦେଶକୁ ନିୟନ୍ତ୍ରଣ କରିବା ପାଇଁ ଆକ୍ରମଣ କରାଯାଉଛି। ଭେନେଜୁଏଲା ପରେ ଇରାନ ସହ ଆମେରିକା ଏପରି କରିଛି। ଏହା ଦ୍ୱାରା ଆମେରିକାର ବୁଡ଼ି ଯାଉଥିବା ଅର୍ଥନୀତି ଲାଭବାନ ହେଉଛି। ଶତ୍ରୁ ରାଷ୍ଟ୍ର ଆକ୍ରମଣ କରିବାର ଭୟରେ ଛାନିଆ ହୋଇ ସାମରିକ ଦୃଷ୍ଟିରୁ ଦୁର୍ବଳ ଦେଶଗୁଡ଼ିକ ଆମେରିକାଠାରୁ ବିପୁଳ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି। ଫଳରେ ଆମେରିକା ମାଲେମାଲ ହେଉଛି। ଏହାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସୁଛି। ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଲାଗିଥିବାବେଳେ ଆମେରିକା ବିକ୍ରିରେ ଆଗରେ ରହିଛି। ବିଶ୍ୱର ବିକ୍ରି ହେଉଥିବା ପ୍ରତି ଶହେରୁ ୪୨ ଅସ୍ତ୍ରଶସ୍ତ୍ର ଆମେରିକା ନିର୍ମାଣ କରୁଛି।

**■ ବଢୁଛି ଅସ୍ତ୍ରଶସ୍ତ୍ର କ୍ରୟ ପ୍ରତିଯୋଗିତା**
**■ ଶୀର୍ଷରେ ସାଉଦି; ଦ୍ୱିତୀୟରେ ଭାରତ**

ଅନ୍ୟପଟେ ଅସ୍ତ୍ରଶସ୍ତ୍ର କ୍ରୟରେ ସାଉଦି ଆରବ ବିଶ୍ୱରେ ପ୍ରଥମ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ୱିଡେନର ଗବେଷଣା ସଂସ୍ଥା ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏସଆଇପିଆରଆଇ) ରିପୋର୍ଟରେ ଏହା କୁହାଯାଇଛି।

ମଧ୍ୟପ୍ରାଚ୍ୟ ଏବଂ ୟୁରୋପରେ ଚାଲିଥିବା ଯୁଦ୍ଧ ପାଇଁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି। ମାତ୍ର ଏହି ଯୁଦ୍ଧ ସୃଷ୍ଟି କରି ଆମେରିକା ତାହାର ଲାଭ ଉଠାଉଛି। ଗତ ୪ ବର୍ଷରେ ଯୁଦ୍ଧ ପ୍ରଭାବିତ ଦେଶକୁ ଆମେରିକା ବିପୁଳ ଅସ୍ତ୍ରଶସ୍ତ୍ର ବିକିଛି। ଏଥିପାଇଁ ଅସ୍ତ୍ରଶସ୍ତ୍ର ବଜାରରେ ଆମେରିକାର କର୍ତ୍ତୃତ୍ୱ ବୃଦ୍ଧି ପାଇବାରେ ଲାଗିଛି। ୨୦୨୧-୨୫ ଭିତରେ ବିକ୍ରି ହୋଇଥିବା ଅସ୍ତ୍ରଶସ୍ତ୍ରରେ ଆମେରିକାର ଅଂଶ ୪୨ ପ୍ରତିଶତ ରହିଛି। ୨୦୧୬-୨୦ରେ ଏହା ୩୬ ପ୍ରତିଶତ ଥିଲା। ମାତ୍ର ଏହି ଅବଧିରେ ରୁଷର ସର୍ବାଧିକ କ୍ଷତି ହୋଇଛି। ଅସ୍ତ୍ରଶସ୍ତ୍ର ବିକ୍ରିରେ ରୁଷର ଯୋଗଦାନ ୬.୮ ପ୍ରତିଶତକୁ ଖସି ଆସିଛି। ୨୦୨୧-୨୫ ଭିତରେ ଆମେରିକା ୯୯ ଦେଶକୁ ଅସ୍ତ୍ରଶସ୍ତ୍ର ବିକିଛି। ଏଥିରେ ୟୁରୋପର ୩୫ ଦେଶ, ଉତ୍ତର ଏବଂ ଦକ୍ଷିଣ ଆମେରିକା ମହାଦେଶର ୧୮ ରାଷ୍ଟ୍ର, ଆଫ୍ରିକାର ୧୭, ଏସିଆ ଏବଂ ଓସିନିଆର ୧୭, ମଧ୍ୟପ୍ରାଚ୍ୟର ୧୨ ଦେଶ ସାମିଲ ଅଛନ୍ତି। ଅସ୍ତ୍ରସ୍ତ୍ର ରପ୍ତାନୀରେ ଫ୍ରାନ୍ସ (୯.୮%) ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦେଶଠାରୁ ଭାରତ (୨୪%), ଇଜିପ୍ଟ (୧୧%) ଏବଂ ଗ୍ରୀସ (୧୦%) ରହିଛି। ଅନ୍ୟପଟେ ରୁଷର ରପ୍ତାନୀ ୬୪ ପ୍ରତିଶତ ହ୍ରାସ ପାଇଛି। ସମୀକ୍ଷାଧିନ ଅବଧିରେ ଭାରତକୁ ୪୮%, ଚୀନ୍ ଏବଂ ବେଲାରୁଷକୁ ୧୩% ଲେଖାଏଁ ଅସ୍ତ୍ରଶସ୍ତ୍ର ବିକିଛି। ଅସ୍ତ୍ରଶସ୍ତ୍ର ବିକ୍ରି ତାଲିକାରେ ଚୀନକୁ ପଛରେ ପକାଇ ଜର୍ମାନୀ ଚତୁର୍ଥ ସ୍ଥାନରେ ରହିଛି।

୨୦୨୧-୨୫ରେ ସାଉଦିକୁ ଆମେରିକା ୪୮ଟି ଏଫ-୩୫ ବିମାନ, ଥାଡ ସିଷ୍ଟମ ଆଦି ଦେଇଛି। ଏହି ଅବଧିରେ ଆମେରିକା ବିକିଥିବା ଅସ୍ତ୍ରଶସ୍ତ୍ରର ୧୨ ପ୍ରତିଶତ ସାଉଦି କିଣିଛି। ଭାରତ ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର କ୍ରେତା ଥିଲା। ମାତ୍ର ଏବେ ଆମଦାନୀ ୪ ପ୍ରତିଶତ ହ୍ରାସ ପାଇଛି। ଭାରତର ୪୦% ଅସ୍ତ୍ରଶସ୍ତ୍ର ରୁଷରୁ ଆସୁଥିଲା। ଏବେ ପଶ୍ଚିମ ଦେଶରୁ ଅଧିକ କିଣାଯାଉଛି। ୨୦୧୬-୨୦ ତୁଳନାରେ ୨୦୨୧-୨୫ରେ ଦେଶ ଦେଶ ମଧ୍ୟରେ ବୃହତ ଅସ୍ତ୍ରଶସ୍ତ୍ର ସ୍ଥାନାନ୍ତର ମାମଲା ୯.୨ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୧-୧୫ ପରେ ଏହା ସର୍ବାଧିକ। ୟୁରୋପରେ ଅସ୍ତ୍ରଶସ୍ତ୍ର ଚାହିଦା ବଢ଼ିବା ଏହାର ପ୍ରମୁଖ କାରଣ। ୨୦୨୧-୨୫ ମଧ୍ୟରେ ୟୁରୋପୀୟ ଦେଶଗୁଡ଼ିକ ଅସ୍ତ୍ରଶସ୍ତ୍ର କ୍ରୟ ତିନି ଗୁଣ ବୃଦ୍ଧି କରିଛନ୍ତି। ଏଥିଯୋଗୁଁ ୟୁରୋପ ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର କ୍ରେତା ପାଲଟି ଯାଇଛି। ଏହି ଅବଧିରେ ବିକ୍ରି ହୋଇଥିବା ମୋଟ ଅସ୍ତ୍ରଶସ୍ତ୍ରରୁ ୩୩ ପ୍ରତିଶତ ଭାରତକୁ ମିଳିଛି।

## କେହି ପ୍ରତ୍ୟାହାର କଲେନାହିଁ ନାମାଙ୍କନ: ଆସନ ୪, ପ୍ରାର୍ଥୀ ୫

# ଚତୁର୍ଥ ଆସନରେ ବିଜୟ ପାଇଁ ଶାସକ-ବିରୋଧୀଙ୍କ ଦମ୍ଭୋକ୍ତି

ଭୁବନେଶ୍ୱର, ୯।୩(ସମିସ): ରାଜ୍ୟସଭା ନିର୍ବାଚନ ନେଇ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଥିବାବେଳେ କୌଣସି ପ୍ରାର୍ଥୀ ନିଜର ନାମାଙ୍କନ ପ୍ରତ୍ୟାହାର କରିନାହାନ୍ତି। ମଇଦାନରେ ମୋଟ ୫ ଜଣ ପ୍ରାର୍ଥୀ ଥିବାବେଳେ ଆସନ୍ତା ୧୬ ତାରିଖରେ ବିଧାନସଭା ସଚିବାଳୟରେ ଭୋଟ ଗ୍ରହଣ କରାଯିବା ନିଶ୍ଚିତ ହୋଇଛି। ନିର୍ବାଚନ ନେଇ ତାରିଖ ପାଖଉଥିବା ବେଳେ ଚତୁର୍ଥ ଆସନରେ ବିଜୟ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଏପଟେ କଂଗ୍ରେସ ପକ୍ଷରୁ ସୋମବାର ବିଧାନସଭାରେ ନିଜର ବିଧାୟକଙ୍କୁ ନେଇ ବୈଠକ କରାଯିବା ସହ ନିର୍ବାଚନରେ କେମିତି ମତଦାନ କରିବାକୁ ହେବ, ସେନେଇ ଏକ ପ୍ରାଥମିକ ତାଲିମ ପ୍ରଦାନ କରାଯାଇଛି।

ମୋଟ ୪ ଆସନ ମଧ୍ୟରୁ ବିଜେପି ଖାତାକୁ ୨ଟି ଆସନ ଏବଂ ବିଜେଡି ଖାତାକୁ ଗୋଟିଏ ଆସନ ଯିବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି। ତେବେ ଚତୁର୍ଥ ଆସନକୁ ନେଇ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ବିଜେଡି ଦ୍ୱାରା ଘୋଷିତ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସ ଏବଂ ସିପିଏମ ସମର୍ଥନ ଘୋଷଣା କରିଥିବାରୁ ତାଙ୍କ ପାଥରେ ନିର୍ବାଚନ ଜିଣିବା ପାଇଁ ଆବଶ୍ୟକୀୟ ସଂଖ୍ୟା ରହିଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଦିଲ୍ଲୀପ ରାୟ ସ୍ୱାଧୀନ ଭାବରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ବିଜେପି ତାଙ୍କୁ ସମର୍ଥନ ଘୋଷଣା କରି ସାରିଛି। ବିଜେପି ସହ ନିଜେ ଦିଲ୍ଲୀପ ନିଜର ବିଜୟ ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିବାବେଳେ ବିଜେପି ୩ଟି ଆସନରେ ବିଜୟ ଲାଭ କରିବ ବୋଲି ଭବିଷ୍ୟତବାଣୀ କରିଛି। ଶାସକ ବିଜେପିର ଏପ୍ରକାରର ଆକଳନକୁ ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ଧ୍ରୁବଚରଣ ସାହୁ। ସେ କହିଛନ୍ତି ଯେ ବିଜେପି ଗଣତନ୍ତ୍ରକୁ ହତ୍ୟା କରି ଚାଲିଛି। ଏକ ସରକାରୀ ଦଳ ଘୋଡ଼ା ବେପାରକୁ ଜାତୀୟକରଣ କରିବା ପାଇଁ ସୁଯୋଗ ଦେଇଛି ଏବଂ ବିଧାୟକମାନଙ୍କୁ କିଣିବା ପାଇଁ ଖୋଲାଖୋଲି ଆହ୍ୱାନ କରୁଛି। ଏପରି ଅଗଣତାନ୍ତ୍ରିକ କାର୍ଯ୍ୟର ଉତ୍ତର ଜନ ସାଧାରଣ ଆଗାମୀ ଦିନରେ ଦେବେ।

- ବିଧାୟକଙ୍କୁ କିଣିବା ପାଇଁ ଶାସକ ଖୋଲା ଆହ୍ୱାନ କରୁଛି: ବିଜେଡି
- ଆମେ ସବୁ ଏକାଠି, ଦତ୍ତେଶ୍ୱରଙ୍କୁ ମିଳିବ ସବୁ ଭୋଟ: କଂଗ୍ରେସ
- ବିଜେପିର ସବୁ ତିନି ଜଣ ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ: ଶାସକ

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ କଂଗ୍ରେସ ୧୪ ଜଣ ବିଧାୟକ ଏକ ହୋଇ ରହିଛନ୍ତି। କୌଣସି ପରିସ୍ଥିତିରେ ଆମର କ୍ରସ ଭୋଟିଂ ହେବାର ନାହିଁ। ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ସମସ୍ତ କଂଗ୍ରେସ ଭୋଟ ଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅପରପକ୍ଷେ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ ବିଜେପି ନିଶ୍ଚିତ ଭାବରେ ଚତୁର୍ଥ ଆସନରେ ବିଜୟ ହେବ। ଏଥିପାଇଁ ଉଭୟ ଗଣିତ ଏବଂ ସଂଖ୍ୟା ଆମ ସାଥିରେ ଅଛି ବୋଲି ବିଜେପି ବିଧାୟକ ଅଶୋକ ମହାନ୍ତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ବିଜେପି କେଉଁଠୁ ଆବଶ୍ୟକୀୟ ସଂଖ୍ୟା ଆଣିବ ସେ ସମ୍ପର୍କରେ ସେ ନିରବ ରହିଛନ୍ତି।

ଅପରପକ୍ଷେ କଂଗ୍ରେସ ପକ୍ଷରୁ ଆଜି ବିଧାନସଭା ପରିସରରେ ଦଳୀୟ ବିଧାୟକଙ୍କୁ ପ୍ରାଥମିକ ଟ୍ରେନିଂ ଦିଆଯାଇଛି। ଏନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଦଳୀୟ ବିଧାୟକଙ୍କୁ ନିର୍ବାଚନ ନେଇ ଥିବା ନୀତି ନିୟମ ସମ୍ପର୍କରେ ଆଜି ଆଲୋଚନା ହେଲା। ଆଜି ଏକ ମକ୍ ଟ୍ରାଏଲ ହୋଇଛି। ଆଜି ବିଧାୟକମାନଙ୍କୁ ଭୋଟିଂ ପ୍ରକ୍ରିୟା ନେଇ ଟ୍ରେନିଂ ଦିଆଯାଇଥିବା ବେଳେ ଆଉ ୨ ଥର ଟ୍ରେନିଂ ଦିଆଯିବ। ଆମର ୧୪ ବିଧାୟକ ସହ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଭୋଟ ମଧ୍ୟ ଆମକୁ ମିଳିବ। ଆମର ବିଜୟ ସୁନିଶ୍ଚିତ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ପୁରୀ କୋର୍ଟକୁ ପୁଣି ବୋମା ଧମକ

ପୁରୀ, ୯।୩ (ସମିସ): ପୁଣି ପୁରୀ କୋର୍ଟକୁ ବୋମା ଧମକ। ସୋମବାର ପୁରୀ କୋର୍ଟକୁ ଉଡ଼ାଇଦେବାକୁ ଆସିଥିଲା ଧମକପୂର୍ଣ୍ଣ ଇ-ମେଲ୍। ଅଜଣା ଆଇଡିରୁ ଆସିଥିବା ଏହି ଧମକପୂର୍ଣ୍ଣ ମେଲ୍‌କୁ ନେଇ କିଛି ସମୟ ପାଇଁ ପୁରୀରେ ଭୟର ବାତାବରଣ ଖେଳିଯାଇଥିଲା। ଯାଞ୍ଚ ପରେ ପୁଣି ସ୍ୱାଭାବିକ ହୋଇଥିଲା କୋର୍ଟ କାର୍ଯ୍ୟ।

ସୋମବାର କୋର୍ଟ ଖୋଲିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହଠାତ୍ ଏକ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ବୋମାରେ ଉଡ଼ାଇଦେବା ନିମନ୍ତେ ଆସିଥିଲା ଧମକପୂର୍ଣ୍ଣ ମେଲ୍। ଏହା ପରେ କୋର୍ଟ ସମେତ ଆଖପାଖ ଅଞ୍ଚଳ ଏପରିକି, ପୁରୀ ସହରରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ସଶସ୍ତ୍ର ପୁଲିସ ଓ ବମ୍ ସ୍କ୍ୱାଡ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ। କିଏ, କାହିଁକି ଓ କାହା ଉଦ୍ଦେଶ୍ୟରେ ଏହି ମେଲ୍ ପଠାଇଛି, ସେନେଇ ଖୋଳତାଡ଼ କରାଯାଇଥିଲା। କୋର୍ଟ ପରିସରରେ ସମସ୍ତ କୋଠରି ଓ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଇଥିଲା। କିନ୍ତୁ ସେମିତି କୌଣସି ବିସ୍ଫୋରକ ମଧ୍ୟ ଠାବ ହୋଇନଥିଲା।

ଏନେଇ ପୁରୀ ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ଫେକ୍ ଆଇଡିରୁ ଏପରି ମେଲ୍ ବାରମ୍ବାର ଆସୁଛି। ପୂର୍ବରୁ ପୁରୀ କୋର୍ଟ ସମେତ ଅନ୍ୟ କିଛି କୋର୍ଟକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହାଦ୍ୱାରା ସମସ୍ତଙ୍କ ମନରେ ଭୟ ହେବା ସ୍ୱାଭାବିକ। ତେଣୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅଜଣା ମେଲ୍ ଆଇଡି କରି ଅଭିଯୁକ୍ତ ବ୍ୟବସ୍ଥାକୁ ଚାଲେଞ୍ଜ ଦେଉଛନ୍ତି। ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଏପରି ମେଲ୍ କରାଯାଉଛି। ପୁଲିସ ମେଲ୍ କରୁଥିବା ବ୍ୟକ୍ତିଙ୍କୁ କାହିଁକି ଧରିପାରୁନି ବୋଲି ସେ ପ୍ରଶ୍ନ କରିଛନ୍ତି।



ଯାଞ୍ଚ ପରେ ସ୍ୱାଭାବିକ ହେଲା କୋର୍ଟ କାର୍ଯ୍ୟ

ଅନ୍ୟପକ୍ଷରେ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, 'ପୁରୀ କୋର୍ଟକୁ ବୋମା ଥିବା ନେଇ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହାପରେ ପୁଲିସ ତୁରନ୍ତ ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ସହ କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ଭାବେ ସର୍ଚ୍ଚ କରିଥିଲା। ତେବେ ଯାଞ୍ଚ ପରେ କୌଣସି ବୋମା କିମ୍ବା ଅନ୍ୟ କିଛି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା। ତଦନ୍ତରୁ ଜଣାପଡ଼ିଛି, ଏହା ଏକ ଫେକ୍ ମେଲ୍। କିନ୍ତୁ, କିଏ ଧମକପୂର୍ଣ୍ଣ ମେଲ୍ ପଠାଇଛି, ତାହାର ତଦନ୍ତ କରାଯାଉଛି। ଦୋଷୀକୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାଞ୍ଚ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଛି।

ପୁରୀ କୋର୍ଟକୁ ବୋମା ଧମକ ନୂଆ ନୁହେଁ। ପୂର୍ବରୁ ମଧ୍ୟ ଆସିଛି ଧମକପୂର୍ଣ୍ଣ ମେଲ୍। ଗତ ଫେବୃଆରୀ ୬ ତାରିଖରେ ପୁରୀ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ତଦନ୍ତ ପରେ ତାହା ମିଥ୍ୟା ଧମକ ବୋଲି ଜଣାପଡ଼ିଥିଲା। ଲଗାତାର କିଛି ମାସ ଧରି ଓଡ଼ିଶାର ବିଭିନ୍ନ କୋର୍ଟକୁ ମିଥ୍ୟା ଧମକ ଆସିବାରେ ଲାଗିଛି। ଏପରି ଧମକ ଆସିବା ପରେ କୋର୍ଟ ପରିସରରେ ଭୟର ବାତାବରଣ ଖେଳିବା ସହ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସାଇବର ପୁଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଆସୁଛି।




ଟି-୨୦ ବିଶ୍ୱକପ୍‌ରେ ଭାରତ ଟିମ୍‌ର ବିଜୟ ଉପଲକ୍ଷେ ପ୍ରସିଦ୍ଧ ବାଲୁକା କଳା ମାନସ ସାହୁଙ୍କ ବାଲୁକା କଳା

## ● ସାଇବର୍ ଅପରାଧ ତଦନ୍ତରେ ବ୍ୟାଙ୍କ ଆକାଉଣ୍ଟ ସମ୍ପୂର୍ଣ୍ଣ ଅଚଳ କରାଯିବା ପ୍ରସଙ୍ଗ

# ଗୃହ ମନ୍ତ୍ରଣାଳୟ ଏସ୍‌ଓପି ଆଣିବା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ, ୯।୩ (ସମିସ): ସାଇବର୍ ଅପରାଧ ତଦନ୍ତ ସମୟରେ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଫ୍ରିଜ୍ କରିଦେବା ଦ୍ୱାରା ନିର୍ଦ୍ଦୋଷ ବ୍ୟକ୍ତି ଓ ବ୍ୟବସାୟୀମାନେ ଭୋଗୁଥିବା ସମସ୍ୟାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ସନ୍ଦେହଜନକ ଥାଏ, ତେବେ କେବଳ ସେତିକି ଟଙ୍କା ଉପରେ ପ୍ରତିବନ୍ଧକ ଲଗାଯାଇପାରିବ। କିନ୍ତୁ, ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରିଦେବା ଅନୁଚିତ ଓ ଯୁକ୍ତିସଙ୍ଗତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ପରାମର୍ଶ କରି ସମାନ ନୀତି ପ୍ରଣୟନ ସହ ଏକ ଏସ୍‌ଓପି ଏବଂ ନିର୍ଦ୍ଦେଶାବଳୀ ଜାରି କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରି କହିଛନ୍ତି ଯେ, ବାରମ୍ବାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ସମ୍ପର୍କିତ ମାମଲା କୋର୍ଟକୁ ଆସୁଥିବାରୁ କେନ୍ଦ୍ର ସରକାର ଏହି ବିଷୟରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଅଭିଯୋଗକାରୀଙ୍କ ସ୍ୱାର୍ଥ ଏବଂ ଜଣେ ନିର୍ଦ୍ଦୋଷ ବ୍ୟାଙ୍କ ଖାତାଧାରୀଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ସହ ପୁଲିସ୍ ଯେପରି ଏହି ମାମଲାଗୁଡ଼ିକୁ ସମ୍ବେଦନଶୀଳ ଭାବେ ପରିଚାଳନା କରିବ, ସେଥିପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ୍ ରହିବା ଆବଶ୍ୟକ। ସେହିଭଳି, ଜଣେ ବ୍ୟକ୍ତି କୌଣସି ଅପରାଧ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥାଇ କିମ୍ବା ନିର୍ଦ୍ଦୋଷ ହୋଇ ମଧ୍ୟ ଯେପରି ନିଜର ବ୍ୟାଙ୍କ ଆକାଉଣ୍ଟ ଅଚଳ ଯୋଗୁଁ ଅଯଥା କଷ୍ଟ ନପାଆନ୍ତି, ତାହାକୁ ସୁନିଶ୍ଚିତ କରିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ଗଜପତି ଜିଲ୍ଲାର ଏକ ଗ୍ୟାସ୍ ବିତରକ ସଂସ୍ଥା 'ମେସର୍ସ ସାଇରାମ ଭାରତ ଗ୍ୟାସ୍'ର ବ୍ୟାଙ୍କ ଆକାଉଣ୍ଟକୁ ଏକ ସାଇବର ଅପରାଧ ମାମଲାରେ କେରଳ ସାଇବର ପୁଲିସ୍ ଫ୍ରିଜ୍ କରିବା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ କରିଛନ୍ତି। ବ୍ୟାବସାୟିକ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆକାଉଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଫଳରେ କର୍ମଚାରୀଙ୍କ ଦରମା ଓ ଦୈନନ୍ଦିନ କାରବାର ବାଧାପ୍ରାପ୍ତ ହେଉଥିବା ଦର୍ଶାଇ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। କେରଳ ସାଇବର୍ ପୁଲିସ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସନ୍ଦେହଜନକ ଟଙ୍କାର ପରିମାଣ ଜଣାଇବ। ସମ୍ପୃକ୍ତ ବ୍ୟାଙ୍କ କେବଳ ସେତିକି ଟଙ୍କାକୁ ଅଟକାଇ ବାକି ଟଙ୍କାରେ ବ୍ୟବସାୟୀଙ୍କୁ କାରବାର କରିବାକୁ ଅନୁମତି ଦେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

# ବାଇକ୍-କଣ୍ଟେନର୍ ଧକ୍କା; ୩ ମୃତ

ଜମନକିରା, ୯।୩ (ସମିସ): ସମ୍ବଲପୁର ଜିଲ୍ଲା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ପିଠାମାରେନ-ଡୁମେରମୁଣ୍ଡା ରାସ୍ତାରେ ଆଜି ପୂର୍ବାହ୍ନ ସାଢ଼େ ୧୦ଟାରେ ଏକ ଛାତିଥରା ଦୁର୍ଘଟଣାରେ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାଇକ୍ ଉପରେ ଏକ କଣ୍ଟେନର୍ ମାଡ଼ିଯିବାରୁ ଏହି ଦୁଃଖଦ ଘଟଣା ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁର୍ଘଟଣା ପରେ ଉଭୟ ବାଇକ୍ ଓ କଣ୍ଟେନର୍‌ଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ମୃତକମାନେ ହେଲେ, ବଡ଼ରମା ପଞ୍ଚାୟତ ବିଶାଳପାଲି ଗ୍ରାମର ରାମ ବିରିତ ସିଂ(୨୧), କୁଲୁଣ୍ଡି ପଞ୍ଚାୟତ ପତ୍ରାପାଲିଗ୍ରାମର ସୁଜିତ ଲମଗା (୧୭) ଓ ପତ୍ରାପାଲି ଗ୍ରାମର ବୁଲୁ ରଣା(୨୦)। ଜମନକିରା ପୁଲିସ୍ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଜି ରାମଙ୍କ ବଡ଼ଭାଇର ବାହାଘର ଭୋଜି ଥିଲା। ଜମନକିରାରୁ ଜିନିଷପତ୍ର କିଣିବା ପାଇଁ ରାମ, ସୁଜିତ ଓ ବୁଲୁ ବ୍ରାହ୍ମଣୀପାଲି ଗ୍ରାମର ଲୋଚନ ସିଂଙ୍କ ବାଇକ୍ ନେଇ ଯାଇଥିଲେ। ସେଠାରୁ କିଣାକିଣି ସାରି ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ୫୩ନମ୍ବର ଜାତୀୟ ରାଜପଥରେ ସେମାନେ ଘରକୁ ଫେରୁଥିବା ବେଳେ ପିଠାମାରେନ-ଡୁମେରମୁଣ୍ଡା ରାସ୍ତାରେ ବାଇକ୍‌ଟି ମୁହାଁମୁହିଁ କଣ୍ଟେନର୍ ସହ ଧକ୍କା ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ, ଦୁର୍ଘଟଣା ପରେ କଣ୍ଟେନର୍‌ଟି ବାଇକ୍‌କୁ କିଛି ବାଟ ଘୋଷାଡ଼ି ନେବା ଫଳରେ ସ୍ପାର୍କିଂ ହୋଇ ବାଇକ୍ ଓ କଣ୍ଟେନର୍‌ରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଜମନକିରା ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ସେହିପରି, ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ କଣ୍ଟେନର୍ ଡ୍ରାଇଭର୍ ଓ ହେଲପର୍ ଫେରାର୍ ହୋଇଯାଇଛି।



# ତ୍ରିଲୋଚନଙ୍କ ମୃତ୍ୟୁ ହୃଦ୍‌ଘାତଜନିତ: ମନ୍ତ୍ରୀ

ଭୁବନେଶ୍ୱର, ୯।୩(ସମିସ): ଧାନକିଣାରେ ଅବ୍ୟବସ୍ଥାରୁ ରାଜନଗରର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଜିଲ୍ଲାପାଳଙ୍କଠାରୁ ହସ୍ତଗତ ତଦନ୍ତ ରିପୋର୍ଟ ଅନୁସାରେ ତାଙ୍କ ମୃତ୍ୟୁ ହୃଦ୍‌ଘାତଜନିତ। ଫେବ୍ରୁଆରି ୧୮ରେ ତ୍ରିଲୋଚନଙ୍କ ଆକାଉଣ୍ଟକୁ ଏମ୍‌ଏସପି ଓ ଇନପୁଟ୍ ସହାୟତା ବାବଦକୁ ୧ଲକ୍ଷ ୨୦ ହଜାର ଟଙ୍କା ଯାଇଥିଲା। ସେ ୨୦ ଓ ୨୧ ତାରିଖରେ ଟଙ୍କା ଉଠାଇଛନ୍ତି। ୨୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଛି। ମିଲର୍‌ମାନଙ୍କ ସହ ସରକାରଙ୍କ ମଧୁଚନ୍ଦ୍ରିକା ଏବଂ ସେମାନଙ୍କଠାରୁ ଅର୍ଥ ଆଦାୟ ନେଇ ବିରୋଧୀ ତଥ୍ୟ ଦେଲେ ଆମେ ତଦନ୍ତ କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

ସୋମବାର ମୁଲତବୀ ଆଲୋଚନାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ମୋଟ୍ ୯୨.୬୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ସେଥିମଧ୍ୟରୁ ୬୨.୮୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ହୋଇଥିଲା। ୨୬ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେବା ସହ ୩୧.୬୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପିଡିଏସ୍ ପାଇଁ ରହିଥିଲା। ବାକି ୪.୯୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ସେଥିମଧ୍ୟରୁ ୩.୭୯ଲକ୍ଷ ମେଟ୍ରିକ ଟନ୍ ସରକାରୀ ଗୋଦାମ ଓ ୧.୧୮ ଲକ୍ଷ ମେଟ୍ରିକ ଟନ୍ ମିଲରଙ୍କ ପାଖରେ ରହିଛି। ଖୁବ୍‌ଶୀଘ୍ର ଏଫ୍‌ସିଆଇ ୧.୫ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ଉଠାଇବ। ରାଜ୍ୟରେ ବର୍ତ୍ତମାନ ୯୭ପ୍ରତିଶତ ହିତାଧିକାରୀଙ୍କ ଇ-କେୱାଇସି ହୋଇସାରିଛି। କେୱାଇସି କରି ନଥିଲେ ବି କାହାର ଚାଉଳ କଟି ନାହିଁ। ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୪୬ ହଜାର ହିତାଧିକାରୀ ଇ-କେୱାଇସି କରିଛନ୍ତି। ଏହାସହ ବଳକା ଚାଉଳ ଯୋଗୁଁ ଧାନକିଣାରେ ସମସ୍ୟା ନେଇ ବିରୋଧୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି।

**ମିଲରଙ୍କ ପାଖରେ ରହିଛି ୧.୧୮ ଲକ୍ଷ ଟନ୍ ଚାଉଳ**

**ପୂର୍ବ ବର୍ଷର ୪.୯୫ ଲକ୍ଷ ମେଟ୍ରିକ ଟନ ଚାଉଳ ବଳକା**

ବର୍ତ୍ତମାନ ରାଜ୍ୟରେ ୧୨ ଲକ୍ଷ ୩୬ ହଜାର ୩୯୯ ପରିବାରର ୩୪ ଲକ୍ଷ ୭୭ ହଜାର ୫୫୦ ସଦସ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ଥିବା ବେଳେ ୮୬ଲକ୍ଷ ୬୨୫ ପରିବାରର ୨କୋଟି ୯୧ ଲକ୍ଷ ୧୮ ହଜାର ୫୭୬ ସଦସ୍ୟ ଅଗ୍ରାଧିକାର ପରିବାର ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଦୁଇ ଶ୍ରେଣୀର ହିତାଧିକାରୀଙ୍କୁ ମିଶାଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ସମୁଦାୟ ୯୮ଲକ୍ଷ ୩୭ ହଜାର୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ହଜାର ୧୨୬ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଓଏଏସ୍ ଓ ଓଆରଏସ୍ ଅଧିକାରୀଙ୍କ ବିରୋଧରେ ପୁଳାପୁଳା ଅଭିଯୋଗ

ଭୁବନେଶ୍ୱର, ୯।୩(ସମିସ): ଓଏଏସ୍ (କନିଷ୍ଠ ବର୍ଗ) ଏବଂ ଓଆରଏସ୍ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବକେୟା ଥିବା ତଦନ୍ତ ରିପୋର୍ଟଗୁଡ଼ିକ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢୀ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, କନ୍ଧମାଳର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, କଟକ ଓ ସମ୍ବଲପୁର ଆରଡିସିଙ୍କୁ ଚିଠି ଲେଖି ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ କହିଛନ୍ତି। ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶାନୁସାରେ ତଦନ୍ତକାରୀ ଅଧିକାରୀ ନିଯୁକ୍ତି ତାରିଖରୁ ୯୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବକେୟା ଥିବା ମାମଲା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାରେ ଅନାବଶ୍ୟକ ବିଳମ୍ବ ହେଉଛି। ଏହି ପରିପ୍ରେକ୍ଷୀରେ ସମସ୍ତ ବକେୟା ମାମଲାକୁ ପ୍ରାଥମିକତା ଆଧାରରେ ତଦନ୍ତ କରାଯାଇ ଏକ ମାସ ମଧ୍ୟରେ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୨୬ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଡଃ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଅବହେଳା କିମ୍ବା ଖିଲାପ ହେଲେ ଏ ସମ୍ପର୍କିତ ମାମଲା ସରକାରଙ୍କ ଦୃଷ୍ଟିଗୋଚରକୁ ଆଣି ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ଏଥିସହିତ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ମାମଲାଗୁଡିକର ନିୟମିତ ସମୀକ୍ଷା କରି ସରକାରୀ ନିର୍ଦ୍ଦେଶ ପାଳନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।

- ମାର୍ଚ୍ଚ ୩୧ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ ପାଇଁ ସରକାରଙ୍କ ନିର୍ଦ୍ଦେଶ
- ଅବହେଳା କଲେ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ■ ବାର୍ଷିକ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

# ଇତିହାସରେ ସାହିତ୍ୟ ପ୍ରଶ୍ନ

ଦଶରଥପୁର, ୯।୩(ସମିସ): ଆଜିଠାରୁ ଦଶରଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ୬ଷ୍ଠ, ୭ମ ଓ ୯ମ ଶ୍ରେଣୀ ବାର୍ଷିକ ପରୀକ୍ଷା ସମେତ ୫ମ ଓ ୮ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ୫ମ ଓ ୮ମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ସ୍କୁଲମାନଙ୍କରେ ବହୁ ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚିବା ସହ ଆବଶ୍ୟକ ପ୍ରଶ୍ନପତ୍ର ପରିମାଣରେ ଅଭାବ ଯୋଗୁଁ କିଛି ବିଦ୍ୟାଳୟରେ ଅଭାବନୀୟ ସ୍ଥିତି ଉପୁଜିଥିଲା। ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଆଡୁ ଜେରକ୍ସ କରି ପ୍ରଶ୍ନପତ୍ର ପ୍ରସ୍ତୁତ କରି ପରୀକ୍ଷା ପରିଚାଳନା କରିଥିବା ଜଣାଯାଇଛି। ସବୁଠୁ ବଡ଼ ତ୍ରୁଟି ୬ଷ୍ଠ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ଇତିହାସ ବିଷୟରେ ଦେଖିବାକୁ ମିଳିଥିଲା। ଆଜି ପ୍ରଥମ ପର୍ଯ୍ୟାୟରେ ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ ବିଭିନ୍ନ ବିଦ୍ୟାଳୟରେ ମୋଟ ୨୭୧୮ ଜଣ ପରୀକ୍ଷାର୍ଥୀ ସାହିତ୍ୟ ବିଷୟରେ ପରୀକ୍ଷା ଦେଇଥିବା ବେଳେ ୨ୟ ପର୍ଯ୍ୟାୟରେ ଥିବା ଇତିହାସ ପରୀକ୍ଷା ପ୍ରଶ୍ନପତ୍ରରେ ପ୍ରଥମ ପୃଷ୍ଠାରେ ଇତିହାସ ଓ ଅନ୍ୟ ସମସ୍ତ ପୃଷ୍ଠାରେ ସାହିତ୍ୟ ବିଷୟରୁ ପ୍ରଶ୍ନ ରହିଥିଲା। ଏହାଦ୍ୱାରା ଇତିହାସରେ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିବା ଶିକ୍ଷା ମଣ୍ଡଳର ୧୩୧ଟି ବିଦ୍ୟାଳୟରେ ୨୭୧୮ ଜଣ ୬ଷ୍ଠ ଶ୍ରେଣୀ ପରୀକ୍ଷାର୍ଥୀ ନିରାଶ ହୋଇଥିଲେ।

- ଅନ୍ୟାଦେଶ ପର୍ଯ୍ୟନ୍ତ ପରୀକ୍ଷା ବାତିଲ
- ୧୩୧ଟି ବିଦ୍ୟାଳୟରେ ୨୭୧୮ ବିଦ୍ୟାର୍ଥୀ ନିରାଶ
- ୫ମ ଓ ୮ମ ଶ୍ରେଣୀ ପ୍ରଶ୍ନପତ୍ର ଅଭାବ; ବଣ୍ଟାହେଲା ଜେରକ୍ସ କପି

ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରଥମେ କିଛି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଇତିହାସ ବିଷୟରେ ନିଜଆଡୁ ପ୍ରଶ୍ନପତ୍ର ପ୍ରସ୍ତୁତ କରି ପରୀକ୍ଷା ପରିଚାଳନା ନିମନ୍ତେ ପ୍ରସ୍ତାବ ଦିଆଯାଇଥିବା ବେଳେ ଜେରକ୍ସ ସୁବିଧା ନ ଥିବା ବହୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ପ୍ରସ୍ତାବରେ ଅରାଜି ହେବାରୁ ମଣ୍ଡଳ ଶିକ୍ଷାଧିକାରୀ ବାଧ ହୋଇ ୬ଷ୍ଠ ଶ୍ରେଣୀର ଇତିହାସ ବିଷୟ ପରୀକ୍ଷାକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ପୂର୍ବାହ୍ନ ୧୦ଟା ପରେ ମଣ୍ଡଳ ଅଧୀନ ସମସ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହାକୁ ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ସମେତ ସେମାନଙ୍କ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକଙ୍କୁ ପଚାରିବାରେ ୬ଷ୍ଠ ଶ୍ରେଣୀ ଇତିହାସ ପ୍ରଶ୍ନପତ୍ରରେ ତ୍ରୁଟିକୁ ସ୍ୱୀକାର କରିଥିଲେ ମଧ୍ୟ ୫ମ ଓ ୮ମ ଶ୍ରେଣୀ ବାର୍ଷିକ ବୋର୍ଡ ପରୀକ୍ଷାରେ ପ୍ରଶ୍ନପତ୍ର ଅଭାବ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

## ଗୃହ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ

# ପୁଲିସ ବ୍ୟବସ୍ଥାରେ ପୃଥକ୍ ହେଉ ଆଇନଶୃଙ୍ଖଳା ଓ ତଦନ୍ତ ପ୍ରକ୍ରିୟା

ଭୁବନେଶ୍ୱର, ୯।୩(ସମିସ): ଓଡ଼ିଶା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଗତ କିଛିମାସ ହେଲା ପ୍ରଶ୍ନବାଚୀ ସୃଷ୍ଟି ହୋଇ ଆସୁଛି। ପୁଲିସ ଉପରେ ଉଭୟ ଆଇନ ଶୃଙ୍ଖଳା ରକ୍ଷା ଏବଂ ତଦନ୍ତ ପରି ଦୁଇଟି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ଏହା ପୁଲିସର କାର୍ଯ୍ୟଦକ୍ଷତା ଉପରେ କୁପ୍ରଭାବ ପକାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଗଭୀର ଉଦବେଗ ପ୍ରକାଶ କରିଛି ଗୃହ ବିଭାଗ ସମ୍ପର୍କିତ ବିଧାନସଭା ଷ୍ଟାଣ୍ଡିଂ କମିଟି। ଏପରି ଦ୍ୱୈତ ଦାୟିତ୍ୱ ପୁଲିସର କାର୍ଯ୍ୟକୁଶଳତାକୁ ହ୍ରାସ କରୁଛି ବୋଲି ଷ୍ଟାଣ୍ଡିଂ କମିଟି ମତବ୍ୟକ୍ତ କରିଛନ୍ତି।

ଅନେକ ସମୟରେ ପୁଲିସ ନିକଟରୁ ଆଇନ ଶୃଙ୍ଖଳା ଓ ତଦନ୍ତ ଦାୟିତ୍ୱକୁ ପୃଥକ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଜଣେ ପୁଲିସ ଉପରେ ଦୁଇଟି ଦାୟିତ୍ୱ ଏକ ସାଙ୍ଗରେ ରହୁଥିବାରୁ ଏହା ସେମାନଙ୍କ କାର୍ଯ୍ୟଦକ୍ଷତା ଗଭୀର ଭାବେ ପ୍ରଭାବିତ ହେଉଛି। ପୁଲିସ ଅଧିକାରୀମାନେ ଅଧିକ ଚାପଗ୍ରସ୍ତ ହେବା ଯୋଗୁଁ ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦଣ୍ଡବିଧାନ ହାର ହ୍ରାସ କରିବା ସହ ତଦନ୍ତର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଆସିଛି। ତେଣୁ ପୁଲିସକୁ ପୃଥକ ପୃଥକ ଭାବେ ଉଭୟ ଦାୟିତ୍ୱ ପ୍ରଦାନ କରିଲେ ପୁଲିସ ଅଧିକ ଦକ୍ଷ ତଥା କୁଶଳୀ ହୋଇପାରିବ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇ ଆସୁଛନ୍ତି।

**୧୧୫ ଥାନାରେ ୨୦୧୮ ରେ ଆରମ୍ଭ ହୋଇଥିଲା ପାଇଲଟ୍ ପ୍ରକଳ୍ପ**

ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ ବିଭାଗର ଷ୍ଟାଣ୍ଡିଂ କମିଟି ମଧ୍ୟ ନିଜ ପରାମର୍ଶରେ ସମାନ କଥା ଉଲ୍ଲେଖ କରିଛି। ଦାୟିତ୍ୱ ଦ୍ୱୟକୁ ଅଲଗା କରିବା ସହ ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେବାକୁ ମଧ୍ୟ କମିଟି ପରାମର୍ଶ ଦେଇଛି। ୨୦୦୬ରେ ସୁପ୍ରିମକୋର୍ଟ ପ୍ରକାଶ ସିଂହ ମାମଲାରେ ଏ ନେଇ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ନିଜ ନିର୍ଦ୍ଦେଶରେ ସୁପ୍ରିମକୋର୍ଟ କହିଥିଲେ ଯେ ଦେଶରେ ସହରାଞ୍ଚଳରେ (୧୦ ଲକ୍ଷରୁ ଅଧିକ ଜନସଂଖ୍ୟା) ଏହି ପୃଥକୀକରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯାଉ। ଏହାପରେ ଏହାକୁ ଧିରେ ଧିରେ ଅନ୍ୟ ଅଞ୍ଚଳରେ ଲାଗୁ କରାଯାଉ। ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ରାଜ୍ୟ ଏହାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିନାହାନ୍ତି। ତେବେ ୨୦୧୮ ମସିହାରେ ତତକାଳୀନ ବିଜେଡି ସରକାର ସୁପ୍ରିମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିଲେ। ଏହି କ୍ରମରେ ରାଜ୍ୟର ପ୍ରାୟ ୧୧୫ଟି ଥାନାରେ ତତ୍କାଳୀନ ସରକାର ପାଇଲଟ୍ ପ୍ରକଳ୍ପ ଭାବରେ ଏହି ପୃଥକୀକରଣ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ସେହିପରି ନଭେମ୍ବର ୧୯-୨୦ ତାରିଖରେ ଭୁବନେଶ୍ୱରରେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କର ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ରାଜ୍ୟରେ ଦଣ୍ଡାଦେଶ ହାର ବଢ଼ାଇବା ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୁବନେଶ୍ୱର-କଟକ କମିଶନରେଟ ପୁଲିସ ମଧ୍ୟ ଆଇନ ଶୃଙ୍ଖଳା ଏବଂ ତଦନ୍ତ ପ୍ରକ୍ରିୟାକୁ ପୃଥକ କରିବା ପାଇଁ ଅତୀତରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇସାରିଛନ୍ତି। ତେଣୁ ଏ ଦିଗରେ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଏହାଦ୍ୱାରା ପୁଲିସର କାର୍ଯ୍ୟଦକ୍ଷତା ବଢ଼ିବା ସହ ଦଣ୍ଡବିଧାନ ହାର ଏବଂ ଆଇନ ଶୃଙ୍ଖଳା ରକ୍ଷାରେ ଯଥେଷ୍ଟ ଉନ୍ନତି ଆସିବ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଉଛି।

● ଆନନ୍ଦପୁର ଓକିଲ ସଂଘ ନିର୍ବାଚନ

# ସଭାପତି ପଦ ପାଇଁ ନାମାଙ୍କନ ଭରିଲେ ଦୟାନିଧି



ଆନନ୍ଦପୁର, ୯ ।୩ (ସମିସ): ଓଡ଼ିଶା ଆଇନଜୀବୀ ପରିଷଦଙ୍କ ଆଦେଶ ଅନୁକ୍ରମେ ଆସନ୍ତା ୨୮ ତାରିଖରେ ନିର୍ବାଚନ ଓ ଫଳାଫଳ ଘୋଷଣା ହେବାକୁ ସ୍ଥିର ହୋଇଛି। ଏହିକ୍ରମରେ ଚଳିତ ମାସ ୭,୮ଓ ୯ତାରିଖରେ ନାମାଙ୍କନ ଦାଖଲ ଦିବସ ଧାର୍ଯ୍ୟ ହୋଇଥିଲା। ଶେଷଦିନରେ ଆନନ୍ଦପୁର ଓକିଲ ସଂଘର ଚାରିଥର ସଭାପତି ହୋଇ ଆସିଥିବା ଦୟାନିଧି ଦାଶ ପୁନର୍ବାର ସଭାପତି ପଦ ପାଇଁ ନିଜର ସମର୍ଥକଙ୍କ ଗହଣରେ ନିର୍ବାଚନ ପରିଚାଳନା ସହ ଅଧିକାରୀ ରମେଶ ଚନ୍ଦ୍ର ବାରିକ୍‌ଙ୍କ ଉପସ୍ଥିତିରେ ନିର୍ବାଚନ ଅଧିକାରୀ ମହେନ୍ଦ୍ର କୁମାର ରାମଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ଓକିଲ ସଂଘର ନିର୍ବାଚନରେ ସଭାପତି ପ୍ରାର୍ଥୀ ଭାବେ ଦୟାନିଧି ଦାଶ, ସଚ୍ଚିଦାନନ୍ଦ ପଟ୍ଟନାୟକ ଓ କୁଳମଣୀ ସେଠୀ, ସମ୍ପାଦକଭାବେ ଭଗବାନ ମଲିକ୍, ମହିଳା ଅଧିବକ୍ତା ମଧୁସ୍ମିତା ଦାସ୍ ଓ ଚମ୍ପୁ ପ୍ରସାଦ ଓଝା ନାମାଙ୍କନ ଦାଖଲ କରିଛନ୍ତି। ଚଳିତ ନିର୍ବାଚନରେ ସଭାପତି ଓ ସମ୍ପାଦକ ପଦ ନିମନ୍ତେ ପ୍ରତିଦ୍ୱନ୍ଦିତା ନେଇ ଚର୍ଚ୍ଚା ଲାଗିରହିଛି। ସେହିପରି ଉପସଭାପତି ପଦ ପାଇଁ ଭରତ ଚନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ରାଉଳ, ପ୍ରତ୍ୟେକ ପଦ ନିମନ୍ତେ ଜଣେ ଜଣେ ନାମାଙ୍କନ ଭରିଥିବାବେଳେ କାର୍ଯ୍ୟନିର୍ବାହୀ ସଦସ୍ୟ ତିନୋଟି ପଦବୀ ନିମନ୍ତେ ଝୁମରସିଂ ମହାନ୍ତି, ମନୋଜ କୁମାର ତ୍ରୀପାଠୀ ଓ କହ୍ନେଇ ଚରଣ ସାହୁ ତିନି ସଦସ୍ୟ ନାମାଙ୍କନ ଦାଖଲ କରି ଅପ୍ରତିଦ୍ୱନ୍ଦୀ ସଦସ୍ୟଭାବେ ଉଭା ହୋଇଥିବା ନିର୍ବାଚନ ଅଧିକାରୀ ସୁଚନା ପ୍ରଦାନ କରିଛନ୍ତି।

## ସିଙ୍ଗିଡୋଭ ଗାଁର ଅଙ୍ଗନବାଡ଼ି କେନ୍ଦ୍ରରେ ଉତ୍ତେଜନା

# ଶିକ୍ଷୟିତ୍ରୀଙ୍କୁ ଘରେ ବନ୍ଦକଲେ ଗ୍ରାମବାସୀ



ହାଟଡ଼ିହୀ, ୯ ।୩(ସମିସ): ହାଟଡ଼ିହୀ ବ୍ଲକ ବଞ୍ଚୋ ପଞ୍ଚାୟତ ଅଧୀନ ସିଙ୍ଗିଡୋଭ ଗାଁ ୧୧ନଂ ୱାର୍ଡରେ ଅଙ୍ଗନବାଡ଼ି ଗୃହକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ଅଙ୍ଗନବାଡ଼ି ଗୃହ ସମ୍ପର୍କିତ କିଛି ସମସ୍ୟା ଓ ଅସନ୍ତୋଷକୁ ନେଇ ପ୍ରତିବାଦ କରିଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ଏହି ବିବାଦ ସମୟରେ କିଛି ଉତ୍ତେଜିତ ଗ୍ରାମବାସୀ ଅଙ୍ଗନବାଡ଼ି ଦିଦିଙ୍କୁ ଘର ଭିତରେ ବନ୍ଦ କରି ରଖିଥିଲେ। ଏହି ଘଟଣାରେ କିଛି ସମୟ ପାଇଁ ଗାଁରେ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସ୍ଥାନୀୟ ଆନନ୍ଦପୁର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଆନନ୍ଦପୁର ଥାନାର ଏଏସଆଇ ନାରାୟଣ ମହାପାତ୍ର ପୁଲିସ ଦଳ ସହ ଘଟଣାସ୍ଥଳକୁ ଯାଇ ପରିସ୍ଥିତିର ତଦନ୍ତ କରିଥିଲେ। ପରେ ପୁଲିସ ଓ ହାଟଡ଼ିହୀ ସିଡିପିଓ ଉମାମଣି ମହାପାତ୍ର ଗ୍ରାମବାସୀଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ଶାନ୍ତ କରିଥିଲେ ଏବଂ ଘରେ ବନ୍ଦ ହୋଇ ରହିଥିବା ଅଙ୍ଗନବାଡ଼ି ଦିଦିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପୁଲିସ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରାଯାଇଥିଲା। ପରେ ଗ୍ରାମବାସୀଙ୍କୁ ଶାନ୍ତ ରହିବାକୁ ଓ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସହ ଆଲୋଚନା କରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଘଟଣାକୁ ନେଇ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲେ ମଧ୍ୟ ପୁଲିସର ତତ୍ପରତାରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଘଟଣାକୁ ନେଇ ପ୍ରଶାସନ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଦୁଇ ଦିନିଆ ଉପଖଣ୍ଡସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ



ଯୋଡ଼ା, ୯।୩(ସମିସ):

ଯୋଡ଼ା ପଞ୍ଚାୟତ ସମିତି ଦ୍ୱାରା ଚମ୍ପୁଆ ଉପଖଣ୍ଡସ୍ତରୀୟ ଦୁଇ ଦିନିଆ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ କମାରଯୋଡାସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ୪୦ଟି ଦଳ ଭାଗନେଇଥିବା ଜଣାପଡ଼ିଛି। ପ୍ରଥମ ଦିନରେ ଯୋଡ଼ା, ଚମ୍ପୁଆ, ବଡ଼ବିଲ ଓ ଝୁମ୍ପୁରା ଅଞ୍ଚଳର ୨୦ଟି ଦଳକୁ ନେଇ ଖେଳ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଯୋଡ଼ାର ରାଜ ଏବଂ ରିଶିଙ୍କ ସହିତ ବଡବିଲର ଗୋଲୁ ଏବଂ ରପ୍ତାର ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଗୋଲୁ ଏବଂ ରପ୍ତାରକୁ ହରାଇ ରାଜ ଓ ରିଶି ଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ସେମିଫାଇନଲଟି ଯୋଡ଼ାର ବିକି ଓ ମନୋଜଙ୍କ ସହିତ ଚମ୍ପୁଆର ଇମ୍ରାନ ଏବଂ ଅରବାଜଙ୍କ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବିକି ଓ ମନୋଜ ବିଜୟ ହୋଇ ଫାଇନାଲକୁ ଉନ୍ନିତ ହୋଇଥିଲେ। ଫାଇନାଲ ଖେଳରେ ରାଜ ଓ ରିଶି ଏବଂ ବିକି ଓ ମନୋଜଙ୍କ ମଧ୍ୟରେ ଖେଳାଯାଇଥିବା ବେଳେ ରାଜ ଓ ରିଶି ବିଜେତା ହୋଇଥିଲେ। ତୃତୀୟସ୍ଥାନ ପାଇଁ ବଡବିଲର ଗୋଲୁ ଓ ରପ୍ତାର ଏବଂ ଚମ୍ପୁଆର ଇମ୍ରାନ ଓ ଅରବାଜଙ୍କ ମଧ୍ୟରେ ଖେଳାଯାଇଥିବା ବେଳେ ଗୋଲୁ ଓ ରପ୍ତାର ବିଜୟ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ଅଧିକାରୀମାନଙ୍କ ମଧ୍ୟରେ ହୋଇଥିବା ଏହି ଖେଳରେ ପ୍ରଥମ ସେମିଫାଇନାଲ ମ୍ୟାଚରେ ଚମ୍ପୁଆ ଉପଜିଲ୍ଲାପାଳ ଓ ଚମ୍ପୁଆର ଏସ୍‌ଡିଓ (ଆରଡବ୍ଲୁଏସଏସ) ସହିତ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏଥିରେ ଚମ୍ପୁଆ ଉପଜିଲ୍ଲାପାଳ ବିଜୟ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ଟି ଟିଏ-ଆଇଟିଡିଏ, ଚମ୍ପୁଆ ସହିତ ଜେଆରଏ କାର୍ତ୍ତିକ, ଯୋଡ଼ାର ମୁକାବିଲା ହୋଇଥିଲା। ଏଥିରେ ଯୋଡାର ଜେଆରଏ କାର୍ତ୍ତିକ ବିଜୟ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ଟି ଚମ୍ପୁଆ ଉପଜିଲ୍ଲାପାଳ ସହିତ ଯୋଡ଼ାର ଜେଆରଏ କାର୍ତ୍ତିକ ମଧ୍ୟରେ ହୋଇଥିବାବେଳେ ଏଥିରେ ଚମ୍ପୁଆ ଉପଜିଲ୍ଲାପାଳ ବିଜୟ ହୋଇଥିଲେ। ତୃତୀୟ ସ୍ଥାନ ପାଇଁ ଚମ୍ପୁଆର ଏସ୍‌ଡିଓ (ଆଇଡବ୍ଲୁଏସ୍‌ଏସ୍) ସହିତ ପିଆଇଟିଡିଏ ଚମ୍ପୁଆ ମଧ୍ୟରେ ହୋଇଥିବା ବେଳେ ଚମ୍ପୁଆର ଏସ୍‌ଡିଓ ଦଳ ବିଜୟ ହାସଲ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟିକୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଉଦ୍‌ଘାଟିତ କରିଥିଲେ। ଏହି ଖେଳରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଯୋଡ଼ା ବିଡିଓ ଡାନିଶ କୁମାର ବେହେରା, ଝୁମ୍ପୁରା ବିଡିଓ ହୃଦାନନ୍ଦ ହାଦା, ବଡ଼ବିଲ ପୌର ଅଧିକାରୀ ରମେଶ ଚନ୍ଦ୍ର ନାଏକ, ବଡ଼ବିଲ ଉପଖଣ୍ଡ ପୁଲିସ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ, ଏସ୍‌ଡିଓ (ଟିପିଏନଓଡିଏଲ, ଯୋଡା), ଟିଏ-ଆଇଟିଡିଏଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଟ୍ରକ୍ ପଛରେ ଧକ୍କାଦେଲା ବାଇକ୍, ବାପ-ପୁଅ ମୃତ

କେନ୍ଦୁଝର, ୯ ।୩(ସମିସ): କେନ୍ଦୁଝର ସଦର ଥାନା ଶୁଆକାଟି ଫାଣ୍ଡି ଅଧୀନ ୪୯ ନମ୍ବର ଜାତୀୟ ରାଜପଥର ତେନ୍ତୁଳି ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ବାଇକ୍ ଧକ୍କା ହୋଇଛି। ଫଳରେ ବାପା ଓ ୩ ବର୍ଷର ପୁଅର ମୃତ୍ୟୁ ଘଟିଛି। ଏଥିରେ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏମଡି ନୁରୁର(୩୫) ଓ ପୁଅ ଏମ୍‌ଡି ସାମା। ଗୁରୁତର ମହିଳା ହେଲେ ଆକବରୀ ବେଗମ୍। ସେ ତେନ୍ତୁଳି ନିକଟରେ ଏକ ଡାଇନାମୋ ମିସ୍ତ୍ରୀ ଦୋକାନ କରିଥିଲେ। ଆଜି ପରିବାର ସହିତ ଦେବଗଡ଼ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ବାଇକ୍ ପିଟି ହୋଇଥିଲା। ଘଟଣାସ୍ଥଳରେ ବାପା ପୁଅଙ୍କ ମୃତ୍ୟୁ ଘଟିଛି। ମୃତାହତଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝର ମେଡିକାଲ କଲେଜକୁ ପଠାଯାଇଛି। ଶୁଆକାଟି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

■ କନକମଞ୍ଜରୀ ମହାବିଦ୍ୟାଳୟରେ ଜଗୁଆଳିଙ୍କ ଉନ୍ମତ୍ତକାଣ୍ଡ

# ଢେଲାମାଡ଼ରେ ଛାତ୍ରୀ ଆହତ



ଆନନ୍ଦପୁର, ୯ ।୩ (ସମିସ): ହଷ୍ଟେଲ ରାତ୍ରି ଜଗୁଆଳିଙ୍କ ପଥର ମାଡ଼ରେ ଛାତ୍ରୀ ବୈଶାଖୀ ସେଠୀ ଆହତ ହୋଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ଅନ୍ତେବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଆନନ୍ଦପୁର ନିକଟସ୍ଥ ଶାଳପଡ଼ାରେ ଥିବା କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ମଦ୍ୟପ ରାତ୍ରି ଜଗୁଆଳିଙ୍କ ଉନ୍ମତକାଣ୍ଡ ଦେଖିବାକୁ ମିଳିଛି। ହଷ୍ଟେଲ ଜଗୁଆଳି ଭାବେ କାର୍ଯ୍ୟରତ ବାହାଦୁର ମଦ୍ୟ ପାନ କରି ଗାଳି ଗୁଲଜ କରିବା ସହିତ ହଷ୍ଟେଲକୁ ପଥର ମାଡ଼ କରିଥିଲେ। ପଥର ମାଡ଼ରୁ ବର୍ତ୍ତିବା ପାଇଁ ଦୌଡ଼ି ପଳାଉଥିବା ବେଳେ ହଷ୍ଟେଲରେ ରହୁଥିବା ଦ୍ୱିତୀୟ ବର୍ଷ ଛାତ୍ରୀ ବୈଶାଖୀ ତଳେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ତୁରନ୍ତ ସମ୍ପୃକ୍ତ ଜଗୁଆଳିକୁ କଲେଜରୁ ବାହାର କରିବା ପାଇଁ ଦାବି ହୋଇଛି।

# ଗାଁରେ ବୁଲୁଛି ମୟୂର; ବନବିଭାଗ ପାଖରେ ଖବର ନାହିଁ

ତୁରୁମୁଙ୍ଗା, ୯ ।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଧୀନ ସାହାରପଡ଼ା ସେକ୍ସନର ରାଇଡିହା ବିଟ୍ ଅଧୀନ ଖଜୁରୀଡିହା ପାତ୍ର ସାହି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ରବିବାର ଏକ ମୟୂର ନୃତ୍ୟ କରୁଥିବା ଭିଡିଓ ଓ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ସ୍ଥାନୀୟଲୋକଙ୍କ କହିବା ଅନୁସାରେ, ଏହି ମୟୂରଟି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ପ୍ରାୟ ୭ ବର୍ଷ ପୂର୍ବରୁ ଗାଁକୁ ଆସି ରହୁଥିବା କୁହାଯାଉଛି। ବର୍ତ୍ତମାନ ମୟୂରଟି ଗାଁ ଭିତରେ



ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ଏହି ମୟୂର ସମ୍ପର୍କରେ ବନ ବିଭାଗ ପାଖରେ ସଠିକ୍ ସୂଚନା ନ ଥିବା କଥା ସାହାରପଡ଼ା ବନପାଳ ଶ୍ରୀମନ୍ତ କୁମାର ବେହେରା କହିଛନ୍ତି। ଅନ୍ୟପଟେ ପରିବେଶବିତ୍ ଓ ସ୍ଥାନୀୟ ଲୋକମାନେ ମୟୂରଟିର ସୁରକ୍ଷା ନେଇ ଚିନ୍ତା ପ୍ରକାଶ କରି ଏହାକୁ ଶୀଘ୍ର ବନ ବିଭାଗ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ିବାକୁ ଦାବି କରିଛନ୍ତି। ଏନେଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ମୟୂରଟିକୁ ଉଦ୍ଧାର କରିବା ନେଇ ବିଭାଗପକ୍ଷରୁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ବିଳମ୍ବରେ ବିଲ୍ ଦେବାକୁ ନେଇ ଅସନ୍ତୋଷ

# ୱାଟ୍‌କୋ କର୍ତ୍ତୃପକ୍ଷ ବେଫିକର

ଆନନ୍ଦପୁର, ୯ ।୩(ସମିସ): ଆନନ୍ଦପୁର ପୌରାଞ୍ଚଳରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ(ୱାଟକୋ)ପକ୍ଷରୁ ମାସିକ ବିଲ୍ ବଣ୍ଟନରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉପଭୋକ୍ତାଙ୍କୁ ପ୍ରତି ମାସରେ ଜଳକର ଦେବା ପରିବର୍ତ୍ତେ ୪/୫ମାସରେ ଥରେ ବିଲ୍ ଦିଆଯାଉଥିବା ଏବଂ ଏକକାଳୀନ ଏତେଗୁଡାଏ ଅର୍ଥ ପଇଠ କରିବା ଉପଭୋକ୍ତା ଉପରେ ଚାପ ସୃଷ୍ଟି ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଆନୁସାରେ, ସହରାଞ୍ଚଳ ଜଳ ଯୋଗାଣ ବିଭାଗ ପକ୍ଷରୁ ଘରୋଇ ପାଣି ସଂଯୋଗର ମିଟର ରିଡିଂ ଅନୁସାରେ ଉପଭୋକ୍ତା ଅର୍ଥ ପଇଠ କରିବାକୁ ବ୍ୟବସ୍ଥା ରହିଛି। ତେବେ ମିଟର ରିଡିଂ ପାଇଁ ବେସରକାରୀ ଠିକା ସଂସ୍ଥା ସହାୟତାରେ ବିଭିନ୍ନ ୱାର୍ଡ ପାଇଁ ଜଳସାଥୀ ନିୟୋଜିତ କରାଯାଇଛି। ମାତ୍ର ସମ୍ପୃକ୍ତ ଜଳସାଥୀ ମାନେ ୪/୫ ମାସରେ ମିଟର ରିଡିଂ କରି ଉପଭୋକ୍ତାଙ୍କୁ ଦେଉଥିବା ଅଭିଯୋଗ ହୋଇଛି। ଏଣୁ ୱାଟ୍‌କୋ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାସହିତ ଉପଭୋକ୍ତାଙ୍କୁ ନିୟମିତ ମିଟର ରିଡିଂ ବିଲ୍ ଯୋଗାଇ ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉପଭୋକ୍ତାମାନଙ୍କ ମହଲରେ ଦାବି ହୋଇଛି।

# ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ତୁରୁମୁଙ୍ଗା, ୯ ।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ ମୁଖ୍ୟ ଉଦ୍‌ଘାଟନ କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେହେରା, ଅଧ୍ୟାପକ ପଦ୍ମଲୋଚନ ସାହୁ, ତ୍ରିନାଥ ମହାନ୍ତ, ଲିନା ନାଏକ, ଜୟସ୍ମିତା ଜେନା, ରୋଜାଲୀନ ରଣା, ଜଗତଜନନୀ ଜେନା, ଦେବକୀ ନନ୍ଦନ ସାହୁ, ରଞ୍ଜିତ ବେହେରା, ଅଭିନାଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିବାବେଳେ ଟ୍ରେନର ସୁଶିଳା ମହାନ୍ତ ଛାତ୍ରୀମାନଙ୍କୁ ଆନରକ୍ଷା କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ୮ ଦିନ ଧରି ଚାଲୁ ରହିବ ବୋଲି ଅଧ୍ୟକ୍ଷ କହିଛନ୍ତି।

# ବିଜୟଙ୍କୁ 'ନେଲସନ୍ ମଣ୍ଡେଲା' ଶାନ୍ତି ପୁରସ୍କାର



ଆନନ୍ଦପୁର, ୯।୩(ସମିସ): ନ୍ୟାସନାଲ୍ ଗ୍ଲୋବାଲ୍ ଫାଉଣ୍ଡେସନ୍ ପକ୍ଷରୁ ନୂଆଦିଲ୍ଲୀର ୱାଇ.ଏମ.ସି.ଏ ସଭାଗୃହରେ ଆୟୋଜିତ ଭବ୍ୟ ଉତ୍ସବରେ ଡ. ବିଜୟ ମହାରଣାଙ୍କୁ ନେଲସନ ମଣ୍ଡେଲା ଶାନ୍ତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ମହାରଣାଙ୍କୁ ସମାଜ ସେବା ଓ ଯୋଗ ଜ୍ଞାନ ପ୍ରସାରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ପ୍ରତିଷ୍ଠିତ ନେଲସନ୍ ମଣ୍ଡେଲା ଆନ୍ତର୍ଜାତୀୟ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜଳିଗଲା ସାଧୁପଡ଼ା ଗ୍ରାମ୍ୟ ଦେବତୀଙ୍କ ଠାକୁରାଣୀ ଶାଳ



ତୁରୁମୁଙ୍ଗା, ୯ ।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମରେ ଥିବା ଠାକୁରାଣୀଶାଳରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ ଶତାଧିକ ମୂଲ୍ୟବାନ ଗଛ ସହ ଠାକୁର ପୋଡ଼ି ଯାଇଛନ୍ତି। ଶାଳ ସଂଲଗ୍ନ ଜଙ୍ଗଲ ଶାଗୁଆନ, ଆକାଶିଆ ଗଛ ଜଳି ପୋଡି ନଷ୍ଟ ହୋଇଛି। ଗାଁ ଲୋକ ଓ ପାଟଣା ଅଗ୍ନିଶମବାହିନୀ ନିଆଁ କୁ ଆୟତ୍ତ କରିଥିଲେ। ସେହିଭଳି ପାଟଣା ରେଞ୍ଜ ମୂକ୍ତା ପୁର ଗ୍ରାମ୍ୟ ଜଙ୍ଗଲ ଓ ଅଁଳାଡିହା ନଦୀ କୂଳ ଜଙ୍ଗଲରେ ନିଆଁ ଲାଗି ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଯାଇଛି। ଜଙ୍ଗଲରେ ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।



# ବଡ଼ପୁରୁଣାପାଣିକୁ ପଞ୍ଚାୟତ ମାନ୍ୟତା ଦାବି



ଆନନ୍ଦପୁର, ୯।୩(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅଧୀନ ଗୟଳମୁଣ୍ଡା ପଞ୍ଚାୟତର ବଡ଼ପୁରୁଣାପାଣି ରାଜସ୍ୱ ଗାଁକୁ ନୂତନ ପଞ୍ଚାୟତ ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି। ପଞ୍ଚାୟତବାସୀ ଆଜି କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୧ ଜନଗଣନା ଅନୁସାରେ ଏହି ଗ୍ରାମ ପଞ୍ଚାୟତର ଜନସଂଖ୍ୟା ୮୮୬୭ । ବର୍ତ୍ତମାନ ଜନସଂଖ୍ୟା ଆହୁରି ବଢ଼ିଛି। ପଞ୍ଚାୟତରେ ବାସ କରୁଥିବା ଅଧିକାଂଶ ପରିବାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୧୪ଟି ରାଜସ୍ୱ ଗ୍ରାମ ଗୟଳମୁଣ୍ଡା, ବଡ଼ପୁରୁଣାପାଣି, ବାଦୁଡ଼ିଘର, ଦେଓଝରଣ, ଧବଣୀ, କନ୍ତଲା, କୋଲଡିହା, ମାନଙ୍କବେଡ଼ା, ମରଣଡିହି, ଫୁଟାଝରି, ଉଲେକୁଣ୍ଡି, ଉଲିବସାକୁ ନେଇ ଏହି ପଞ୍ଚାୟତ ଗଠନ ହୋଇଛି। ସେହିପରି ଏହା ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍‌ସୀମାକୁ ଲାଗିଛି ବଡ଼ପୁରୁଣାପାଣି ଗାଁରୁ ଆନନ୍ଦପୁର ବ୍ଲକ୍ ତଥା ସଦର ମହକୁମା ୩୫କିମି ଦୂର ହୋଇଥିବାବେଳେ ଲୋକେ ୧୫କିମି ଦୂର ଠାକୁରମୁଣ୍ଡା ବଜାର ଉପରେ ନିର୍ଭର କରୁଛନ୍ତି। ଜନସଂଖ୍ୟା ଅଧିକ ହୋଇଥିବାରୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସମସ୍ୟା ହେଉଛି ସରକାରଙ୍କ ବିଭିନ୍ନ ଯୋଜନାରୁ ପଞ୍ଚାୟତବାସୀ ଉପକୃତ ହୋଇପାରୁ ନାହାନ୍ତି। ଅନେକ ହିତାଧିକାରୀ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଏବଂ ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତରେ ରାସ୍ତାଘାଟର ଉନ୍ନତି ହୋଇପାରୁନି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇପାରିନି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ-୧୯୬୪ ଅନୁସାରେ ବଡ଼ପୁରୁଣାପାଣିକୁ ପଞ୍ଚାୟତ ମାନ୍ୟତା ପ୍ରଦାନ କରିବାକୁ ଦାବି ହୋଇଛି। ଦାବିପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ବାଲକ୍ରିଷ୍ଣା ହୋ, ଗୋପୀନାଥ ଟୁଡ୍ଡୁ, ଦୀପୁନ ସୟ, ସମାଜସେବୀ ଗାମାଏ ରାମିଲ ସିଂ ଗୋଇପାଇ, ନବୀନ ମୁଣ୍ଡୁରୀ, ସାଧୁ ଚରଣ ଗାଗାରାଇ, ବୀରେନ୍ଦ୍ର ସିର୍କା, ସଞ୍ଜୀବ କୁମାର ଦଙ୍ଗ, ମହେଶ୍ୱର ବିରୁଆ, ମାଙ୍ଗାତା ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## କୋର୍ଟ ପରିସରରୁ ବିଚାରାଧୀନ କଏଦୀ ଚମ୍ପଟ ମାରିବା ଘଟଣା

# ୪ ଦିନ ବିତିଲା; କଏଦୀର ଟେର ପାଉନି ପୁଲିସ

- ୨ କନଷ୍ଟେବଲଙ୍କୁ ନିଲମ୍ବନ କଲା ଜିଲ୍ଲା ପୁଲିସ
- ୨୩ କଏଦୀଙ୍କୁ କୋର୍ଟରେ ହାଜର କରିବାକୁ ୧୨ ଜଣ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଥିଲା ପୁଲିସ
- ସୁରକ୍ଷା ଢ଼ିଲାରୁ ଚମ୍ପଟ ମାରିଥିଲା ଅଭିଯୁକ୍ତ

**ବାଲେଶ୍ୱର, ୯।୩ (ସମିସ)**

ଗତ ୬ ତାରିଖରେ ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ବାଲେଶ୍ୱର ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀ କୋର୍ଟ ପରିସରରୁ ଚମ୍ପଟ ମାରିବା ଘଟଣାକୁ ୪ ଦିନ ବିତିଥିଲେ ସୁଦ୍ଧା ଅଭିଯୁକ୍ତ କଏଦୀର ଟେର ପାଇନି ବାଲେଶ୍ୱର ଜିଲ୍ଲା ପୁଲିସ। ଗୋଟିଏ ସାର୍ଟିଫିକେଟରେ ୨ ଜଣ ହାବିଲଦାର ଏବଂ ୧୦ ଜଣ କନେଷ୍ଟବଲଙ୍କୁ ଜେଲ ପରିସରରୁ ୨୩ ଜଣ ଆସାମୀଙ୍କୁ କୋର୍ଟରେ ହାଜର କରିବା ପାଇଁ ଦାୟୀତ୍ୱ ଦିଆ ଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ଫୁ' କରି ୨୩ ଜଣ ଆସାମୀଙ୍କୁ ୧୨ ଜଣ ପୁଲିସ କର୍ମଚାରୀଙ୍କ ହାତରେ ଦାୟିତ୍ୱ ଟେକିଥିଲା ଜିଲ୍ଲା ପୁଲିସ। ଆବଶ୍ୟକୀୟ ପୁଲିସ ନଥିବା ଏବଂ ସୁରକ୍ଷାର ଢିଲା ପାଇଁ କୋର୍ଟ ପରିସରରୁ ଜଣେ କଏଦୀ ଚମ୍ପଟ ମାରିଥିଲା। ଏହି ଘଟଣାରେ ନିଜ ଦୋଷ ଘୋଡ଼ାଇବା ପାଇଁ ୨ ଜଣ କନେଷ୍ଟବଲଙ୍କୁ ନିଲମ୍ବିତ କରି ନିଜକୁ ସ୍ୱଚ୍ଛ ଦେଖାଇବା ପାଇଁ ଜିଲ୍ଲା ପୁଲିସ ଅପଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି।

ଖବର ଅନୁସାରେ ୨୦୨୫ ମସିହା ଏପ୍ରିଲ ମାସ ୯ ତାରିଖରେ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କୁ ଗୋପୀନାଥପୁର ଅଞ୍ଚଳର ସେକ ଇସ୍ତେଖାର ଦୁଷ୍କର୍ମ କରିଥିବା ନେଇ କାଶାଫଳ ମେରାଇନ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି କାଶାଫଳ ମେରାଇନ ଥାନା ପୁଲିସ ୩୧/୨୫ନମ୍ବରରେ ଏକ ମାମଲା ରୁଜୁ କରି ସିଂଲା ଥାନା ଅର୍ନ୍ତଗତ ଗୋପୀନାଥପୁର ଅଂଚଳର ସେକ ଇସ୍ତେଖାରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିଲ୍ଲା କାରଗାର ପଠାଇ ଦିଆଯାଇଥିଲା। ଏହି ମାମଲାଟି ଏସସିଏସଟି କୋର୍ଟରେ ବିଚାରାଧୀନ ଥିଲା। ସେବେଠାରୁ ସେ ଜେଲରେ ବିଚାରଧାନ ବନ୍ଦୀ ଭାବେ ରହି ଆସୁଥିଲେ। ପ୍ରତି ତାରିଖ ଅନୁସାରେ ପୋଲିସ ହେପାଜତରେ ସେ କୋର୍ଟରେ ହାଜର ହୋଇ ପୁଣି ଜେଲକୁ ଫେରିଯାଆନ୍ତି। ହେଲେ କୋର୍ଟର ତାରିଖ ମୁତାବକ ଗତ ୬ ତାରିଖରେ ବାଲେଶ୍ୱର ଜେଲରୁ ୨୩ ଜଣ ବିଚାରଧୀନ କଏଦୀଙ୍କୁ ୫ଟି କୋର୍ଟରେ ହାଜର ପାଇଁ ନିର୍ଦ୍ଦେଶ ଆସିଥିଲା। ପରେ , ଜିଲ୍ଲା ରିଜର୍ଭ ପୋଲିସ ୨୩ ଜଣ କଏଦୀଙ୍କ ପାଇଁ ୨ ଜଣ ହାବିଲଦାରଙ୍କ ସହ ୧୦ ଜଣ କନେଷ୍ଟବଲଙ୍କଙ୍କ ନାମ ଲେଖି ଗୋଟିଏ ସାର୍ଟିଫିକେଟ କାଟିଥିଲେ। ପରେ ନିର୍ଦ୍ଦେଶ ପାଇବା ପରେ ସମୁଦାୟ ୧୨ ଜଣ ପୁଲିସ କର୍ମଚାରୀ ନିର୍ଦ୍ଦିଷ୍ଟ ସମୟ ଅନୁସାରେ ଜେଲରେ ହାଜର ହୋଇ ନିଜ ହେପାଜତରେ ୨୩ କଏଦୀଙ୍କୁ ଆଣି ହାଜର କରିଥିଲେ। ହେଲେ କମାଣ୍ଡ ସାର୍ଟିଫିକେଟରେ ୫ ଗୋଟି କୋର୍ଟରେ ହାଜର ସମୟରେ କେଉଁ କୋର୍ଟରେ କେତେଜଣ ପୋଲିସ କର୍ମଚାରୀ ରହିବେ ତାହାର ଦାୟୀତ୍ୱ ବାଣ୍ଟି ନ ଥିଲା ଜିଲ୍ଲା ପୁଲିସ। ଯାହା ଫଳରେ ହେପାଜତରେ ଆଣିଥିବା ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ଏସସିଏସଟି କୋର୍ଟରେ ଦୁଷ୍କର୍ମ ଅଭିଯୋଗରେ ଆସିଥିବା ଆସାମୀ ସେକ ଇସ୍ତେଖାରଙ୍କୁ ହାଜର କରିଥିବା ବେଳେ ଅନ୍ୟ ୨୧ ଜଣ ଆସାମୀଙ୍କୁ ୪ କୋର୍ଟରେ ପୁଲିସ କର୍ମଚାରୀ ହାଜର କରିଥିବାର ସୂଚନା ମିଳିଥିଲା। ଏଭଳି ସ୍ଥିତିରେ ଦୁଷ୍କର୍ମ ଅଭିଯୁକ୍ତ ସେକ ଇସ୍ତେଖାର ସେହିଦିନ ଅପରାହ୍ନ ୨.୦୭ ମିନିଟ ସମୟରେ ପୁଲିସକୁ ଚକମା ଦେଇ ଏସସିଏସଟି କୋର୍ଟ ପରିସରରୁ ଚମ୍ପଟ ମାରିଥିଲା। ପରେ ଦାୟୀତ୍ୱରେ ଥିବା ୧୨ ପୋଲିସ କର୍ମଚାରୀମାନେ ଜେଲରୁ ୨୩ କଏଦୀଙ୍କୁ ଆଣିଥିବା ସ୍ଥଳେ ୨୨ ଜଣ କଏଦୀଙ୍କୁ ଜେଲକୁ ଫେରାଇଥିଲେ। ଆସାମୀ କୋର୍ଟ ପରିସରରୁ ଫେରାର ହେବା ପରେ ଦାୟୀତ୍ୱରତ ପୁଲିସ କର୍ମଚାରୀଙ୍କ ଦାୟୀତ୍ୱ ରେ ଅବହେଳା ପାଇଁ ଆସାମୀ କୋର୍ଟ ପରିସରରୁ ଚମ୍ପଟ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଯାହା କୋର୍ଟ ପରିସରରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଜିଲ୍ଲା ପୁଲିସର ପରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଆସାମୀ ଫେରାର ହେବାକୁ ଦୀର୍ଘ ୪ ଦିନ ବିତିଥିଲେ ସୁଦ୍ଧା ଜିଲ୍ଲା ପୁଲିସ ଆସାମୀଙ୍କୁ ଧରିବାରେ ବିଫଳ ହୋଇଛି। ଏଭଳି ସ୍ଥିତିରେ ଗତ ରବିବାର ଦିନ ଦାୟୀତ୍ୱରେ ଅବହେଳା ଦର୍ଶାଇ କନେଷ୍ଟବଳ ନୃସିଂହ ମହାପାତ୍ର ଏବଂ କରୁଣାକର ଖଣ୍ଡାଙ୍କୁ ବାଲେଶ୍ୱର ଏସପି ନିଲମ୍ବିତ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଜିଲ୍ଲା ପୁଲିସ ୨୩ ଜଣ ଆସାମୀଙ୍କୁ କୋର୍ଟରେ ହାଜର ପାଇଁ ମାତ୍ର ୧୨ ଜଣ ପୋଲିସ କର୍ମଚାରୀଙ୍କୁ ଦାୟୀତ୍ୱ ଦେବା ଏବଂ ଆସାମୀ ମାନେ ୫ ଗୋଟି କୋର୍ଟରେ ହାଜର ହେବାକୁ ଥିବା ବେଳେ କିଏ କେଉଁ କୋର୍ଟରେ ଆସାମୀଙ୍କ ଦାୟିତ୍ୱରେ ରହିବେ ତାହା ଉଲ୍ଲେଖ କରିନଥିଲା ଜିଲ୍ଲା ପୁଲିସ। ସ୍ୱଳ୍ପ କର୍ମଚାରୀ ଏବଂ ସଠିକ ଦାୟୀତ୍ୱ ବଣ୍ଟନରେ ଅବହେଳା ଯୋଗୁଁ ଆସାମୀ କୋର୍ଟ ପରିସରରୁ ଚମ୍ପଟ ମାରିବାରେ ସଫଳ ହୋଇଥିବା ଆଇନଜୀବୀ ଅଭିଯୋଗ ଆଣିଛନ୍ତି। ଜିଲ୍ଲା ପୋଲିସ ଗୋଟିଏ କମାଣ୍ଡ ସାର୍ଟିଫିକେଟରେ ୧୨ ଜଣ କର୍ମଚାରୀଙ୍କୁ ଦାୟୀତ୍ୱ ଦେଇଥିବା ବେଳେ ଜିଲ୍ଲା ଏସପି ସମସ୍ତ ୧୨ ଜଣଙ୍କ ପରିବର୍ତ୍ତେ ୨ ଜଣଙ୍କୁ ନିଲମ୍ବିତ କରିବା ଜିଲ୍ଲା ପୋଲିସର ପକ୍ଷପାତିତାକୁ ପଦାରେ ପଡ଼ିଛି।

ଏ ନେଇ ଘଟଣା ବାବଦରେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକରଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରାଥମିକ ତଦନ୍ତରେ କର୍ତ୍ତବ୍ୟରେ ଅବହେଳା କରିଥିବା ୨ ଜଣ କନେଷ୍ଟବଳଙ୍କୁ ନିଲମ୍ବିତ କରିଛନ୍ତି, ଅନ୍ୟ ମାନଙ୍କୁ ମଧ୍ୟ ତଦନ୍ତ ପରିସରକୁ ନିଆଯାଇ ତଦନ୍ତ ଜାରୀ ରହିଛି। ୩ରୁ ୪ ଦିନ ମଧ୍ୟରେ ଘଟଣାର ବିଧିବଦ୍ଧ ତଦନ୍ତ ସାରି ଏହି ଘଟଣାରେ ଅନ୍ୟକେହି ସମ୍ପୃକ୍ତ ଥିଲେ ତାଙ୍କ ବିରୁଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସମ୍ମାନିତ ହେଲେ ୪ ବିଶିଷ୍ଟ ମହିଳା



**ବାଲେଶ୍ୱର, ୯।୩ (ସମିସ):** ନୃତ୍ୟାନୁଷ୍ଠାନ 'ନାଚ୍' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠାନର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷ ପାଇଁ ସମାଜର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ୪ ଜଣ ବିଶିଷ୍ଟ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଲେଖିକା ଏବଂ ସମ୍ପାଦିକା ସୈରିନ୍ଧ୍ରୀ ସାହୁ (ବାଲେଶ୍ୱର), ଜାତୀୟ ସ୍ତରର ଚିତ୍ରଶିଳ୍ପୀ ପାରମିତା ସରକାର, (କୋଲକତା), ଶିକ୍ଷାବିତ ଓ ସୋର ସ୍ଥିତ ପୁରୁବାଇ କନ୍ୟାଆଶ୍ରମର ସମ୍ପାଦିକା ତଥା ସମାଜସେବୀ ସୁମତି ମହାନ୍ତି ଏବଂ ଯୁବ ସାମ୍ବାଦିକା ଓ ଗାଳ୍ପିକା ସ୍ମୃତିଲଗ୍ନା ନନ୍ଦ ପ୍ରମୁଖ 'ନାଚ୍ ମହିଳା ଉତ୍କର୍ଷ ସମ୍ମାନ'ରେ ସମ୍ବର୍ଦ୍ଧିତ ହୋଇଥିଲେ। 'ନାଚ୍' ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଅରୁଣାଂଶୁ ପାଣିଗ୍ରାହୀ ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷାବିତ ତଥା ସମାଜସେବୀ ସତ୍ୟମ କୁମାର ମିଶ୍ର। ଏହି ଅବସରରେ ବିଶିଷ୍ଟ କବି କୃଷ୍ଣ କୁମାର ମହାନ୍ତିଙ୍କ ଶୁଭେଚ୍ଛା ବାର୍ତ୍ତା ଓ ମହିଳା ଦିବସ ଉପଲକ୍ଷେ ରଚିତ ଏକ କବିତାକୁ ସତ୍ୟମ ମିଶ୍ର ପାଠ କରିଥିଲେ। କଥାସାର କବି ଶ୍ରୀଦେବ ରଖିଥିବା ବେଳେ ସମାଜସେବୀ ତଥା ପୂର୍ବରୁ ସମ୍ବର୍ଦ୍ଧିତ ପ୍ରତିଭା ସାରଦା ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ତଥା ବିଶିଷ୍ଟ ନୃତ୍ୟାଙ୍ଗନା ରୋନାଲିସା ପଣ୍ଡା 'ନାଚ୍' ଅନୁଷ୍ଠାନ ତଥା ମହିଳା ଦିବସ ପାଳନର ଆଭିମୁଖ୍ୟ ବିଷୟରେ କହିଥିଲେ। ନାଚ୍ ମହିଳା ଶାଖା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପାରମ୍ପରିକ ନୃତ୍ୟ ପରିବେଷଣ କରଯାଇଥିଲା। ଆଗରୁ ମହିଳାମାନଙ୍କ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ରୋନାଲିସା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୟୁନାଇଟେଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୯ ।୩(ସମିସ):** ସହର ଉପକଣ୍ଠ କାଳିଦାସପୁର ସ୍ଥିତ ୟୁନାଇଟେଡ ପବ୍ଲିକ ସ୍କୁଲର ଊନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ ଚାନ୍ଦିପୁର ସ୍ଥିତ ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରୀ ରାୟ,ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା,ସାହିତ୍ୟିକ ଡକ୍ଟର କାଳିପଦ ପଣ୍ଡା, ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ। ସ୍କୁଲର ନିର୍ଦ୍ଦେଶକ ଶଦ୍ରକ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଅଧକ୍ଷା ସୁରଭିଲତା କର୍ଟିସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଦ୍ମଲୋଚନ ଆଶ, ବର୍ଷା ପଣ୍ଡା, ତପସ୍ୱିନୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମନିଷା କୁମାରୀ ଧନ୍ୟବାଦ ଦେଇଥିଲେ।

## ଟିପିଏନଓଡିଏଲ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

**ବାଲେଶ୍ୱର, ୯।୩ (ସମିସ):** ଟିପିଏନଓଡିଏଲର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଉପକୃତ ତଥା ଆତ୍ମନିର୍ଭରଶୀଳ



ମହିଳାମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ବୈଶିଙ୍ଗାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ୬୦୦ରୁ ଅଧିକ ମହିଳା ସାମିଲ ହେବା ସହ ନିଜ ନିଜର ଅଭିଜ୍ଞତା ବଖାଣି ଥିଲେ। ଏହା ସହ ପ୍ରଦର୍ଶନୀ ଷ୍ଟଲରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତକଳା ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଗଜାନନ କାଲେ, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡା, ସିଏସଆର ମୁଖ୍ୟ ରଞ୍ଜନ ଶର୍ମା, ମୟୂରଭଞ୍ଜ ବିପିଏମ ମଧୁଚନ୍ଦା ବେହେରାଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ତଥା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ନୂଆପାଢ଼ୀ କ୍ୟାମ୍ପସରେ କମ୍ୟୁନିଟି ହଲ୍ ଉଦ୍‌ଘାଟିତ



**ବାଲେଶ୍ୱର, ୯।୩ (ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ କ୍ୟାମ୍ପସରେ ନିର୍ମିତ ଏକ ନୂତନ କମ୍ୟୁନିଟି ହଲ୍‌କୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଛନ୍ତି। ଏହି ଅବସରରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକଙ୍କ ସହ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ପ୍ରଶାସନିକ କର୍ମକର୍ତ୍ତା ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାୟ ୫୦ ଜଣଙ୍କ ବସିବା ସୁବିଧା ସହିତ ନିର୍ମିତ ଏହି କମ୍ୟୁନିଟି ହଲ୍‌ଟି କ୍ୟାମ୍ପସ ଭିତରେ ଅବସ୍ଥିତ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ନିର୍ମାଣ କରାଯାଇଛି। ଏହା ମାଧ୍ୟମରେ ବିଶ୍ୱବିଦ୍ୟାଳୟ ପରିବାରର ଛୋଟ ଛୋଟ ସଭା, ବୈଠକ, ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନରେ ସୁବିଧା ହେବ ବୋଲି ଅଧିକାରୀମାନେ ମତପ୍ରକାଶ କରିଛନ୍ତି।

## ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ବିକ୍ଷୋଭ



**ବାଲେଶ୍ୱର, ୯।୩ (ସମିସ):** ଜିଲ୍ଲା କଂଗ୍ରେସର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ ସହ ବିଭିନ୍ନ ଦାବି ନେଇ ଏକ ବିକ୍ଷୋଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶେଷ କରି ସମ୍ବିଧାନର ୯୩ତମ ସଂଶୋଧନ ଅନୁଯାୟି ରାଜ୍ୟରେ ଆଇନ ଅଣାଯାଇ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଏସସିଏସଟି ଓ ଓବିସି ବର୍ଗର ବାଳକ ବାଳିକାମାନଙ୍କୁ ସଂରକ୍ଷଣର ସୁବିଧା ପ୍ରଦାନ କରାଯାଉ,ଓଆରଭି ଆକ୍ଟ ଅନୁସାରେ ରାଜ୍ୟର ସମସ୍ତ ଏସସି ଏସଟି ବର୍ଗର ସରକାରୀ ଚାକିରିଆମାନଙ୍କୁ ପ୍ରମୋଶନ ଦିଆଯାଉ,ଦଳିତ କିମ୍ବା ଆଦିବାସୀମାନଙ୍କ ଉପରେ ନିର୍ଯ୍ୟାତନା ହେଲେ ତାହାର ତଦନ୍ତ ଭାର ଅତିକମରେ ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଉ, ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ଅନୁଯାୟୀ ଗ୍ରାମ ପଂଚାୟତ ଗୁଡିକୁ ୨୯ଟି ବିଭାଗ ଏବଂ ନଗର ପଂଚାୟତ ଗୁଡିକୁ ୧୮ ଟି ବିଭାଗରେ କ୍ଷମତା ହସ୍ତାନ୍ତର କରାଯାଉ, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମକୁ ପୁର୍ନବାର ଲାଗୁ କରାଯିବା ଲାଗି ଓଡ଼ିଶା ବିଧାନସଭାରେ ଏକ ପ୍ରସ୍ତାବ ପାର କରାଇ କେନ୍ଦ୍ର ସରକାରଙ୍କ ନିକଟକୁ ତୁରନ୍ତ ପଠାଯାଉ, ପଞ୍ଜାବ, କର୍ଣ୍ଣାଟକ, ତେଲେଙ୍ଗାନା, ଝାଡଖଣ୍ଡ, ହିମାଚଳ ପ୍ରଦେଶ ଆଦି ରାଜ୍ୟ ଭଳି ଓଡ଼ିଶାର ସମସ୍ତ ବିଜୁଳି ଉପଭୋକ୍ତାମାନଙ୍କୁ ୩ଶହ ୟୁନିଟ ବିଜୁଳି ମାଗଣାରେ ଦିଆଯିବା ସହ କୃଷି କାର୍ଯ୍ୟ ପାଇଁ ସମସ୍ତ କୃଷକମାନଙ୍କୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଉ, ପଡ଼ୋଶୀ ରାଜ୍ୟମାନଙ୍କ ପରି ଓଡ଼ିଶାରେ ମଧ୍ୟ ବାର୍ଦ୍ଧକ୍ୟ,ବିଧବା ଭତା ଅତିକମରେ ଦୁଇହଜାର ଟଙ୍କା ଏବଂ ଦିବ୍ୟାଙ୍ଗ ଭତ୍ତା ଅତିକମରେ ମାସିକ ୪ହଜାର ୫ଶହ ଟଙ୍କା କରାଯାଉ,ବାଲେଶ୍ୱର ଜିଲ୍ଲାରେ ବସବାସ କରୁଥିବା ସମସ୍ତ ଭୂମିହୀନମାନଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ଓ ଜାତି ପ୍ରମାଣ ପତ୍ର ତୁରନ୍ତ ପ୍ରଦାନ କରାଯିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସରୋଜ ଲେଙ୍କା,ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧକ୍ଷ ମାନସ କୁମର ମଲିକ,ଆଦିବାସୀ ନେତା ମଙ୍ଗ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ଜେନା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିପୁଳ ମଦ ଜବତ, ୪ ଗିରଫ

**ବାଲେଶ୍ୱର, ୯ ।୩(ସମିସ):** ଅବକାରୀ ବିଭାଗ ପକ୍ଷରୁ ସଦର ବ୍ଲକ ଅର୍ନ୍ତଗତ ପାଖରାବାଡ ଅଂଚଳରେ ଚଢ଼ଉ କରି ବ୍ୟାପକ ପରିମାଣର ମଦ ଜବତ କରିବା ସହ ୪ଜଣ ବେପାରୀକୁ ଗିରଫ କରିଛି। ଗିରଫ ହୋଇଥିବା ବେପାରୀମାନେ ହେଲେ ପାଖରାବାଡ ଅଂଚଳର ଗଙ୍ଗାଧର ତରେଇ(୩୦),ସୁଜିତ କୁମାର ବଢ଼େଇ(୨୬),ରତ୍ନାକର ତରେଇ(୩୭) ଏବଂ ନକୁଳ ତରେଇ(୪୫)। ପାଖରାବାଡ ଅଂଚଳରେ ବ୍ୟାପକ ଭାବେ ବେଆଇନ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇବା ପରେ ସେଠାରେ ଚଢ଼ଉ କରିଥିଲା। ବିଶେଷ କରି ପାଖରାବାଡ, ଟିଆଖିଆ ଅଞ୍ଚଳରେ ଚଢ଼ଉ କରି ୩୪୦ଲିଟର ମଦ ଜବତ କରିଛି। ଏହାର ମୂଲ୍ୟ ପାଖାପାଖି ୭୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ଏହାଛଡା ୪ଟି ବାଇକ ମଧ୍ୟ ଜବତ କରିଛି।

## ମହିଳା ବୈଜ୍ଞାନିକ ସମ୍ମାନିତ



**ବାଲେଶ୍ୱର, ୯।୩ (ସମିସ):** ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡି.ଆର.ଡି.ଓ) ପକ୍ଷରୁ ଏହାର ପୁରାତନ ଗବେଷଣାଗାର 'ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିସମେଣ୍ଟ (ପିଏକ୍ସଇ)' ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡିଆରଡିଓ ସଚିବ ତଥା ଅଧ୍ୟକ୍ଷ ଡ. ସମୀର ଭି. କାମତ ଏବଂ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଆର୍ମାମେଣ୍ଟ ଆଣ୍ଡ କମ୍ବାଟ୍ ଇଞ୍ଜିନିୟରିଂ କ୍ଲଷ୍ଟରର ଡିରେକ୍ଟର ଜେନେରାଲ ପ୍ରଫେସର ଡ଼ଃ ପ୍ରତୀକ କିଶୋର, ଏରୋନଟିକାଲ ସିଷ୍ଟମ୍ସର ଡିରେକ୍ଟର ଜେନେରାଲ ଡ. କେ. ରାଜଲକ୍ଷ୍ମୀ ମେନନ ଓ ପିଏକ୍ସଇ,ଚାନ୍ଦିପୁରର ର ନିର୍ଦ୍ଦେଶକ ତଥା ବୈଜ୍ଞାନିକ ସୁବୋଧ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଡି.ଆର.ଡି.ଓ ର ବିଭିନ୍ନ ଟେକ୍ନୋଲୋଜି କ୍ଲଷ୍ଟରର ଡିରେକ୍ଟର ଜେନେରାଲ, ଲ୍ୟାବରେଟରି ନିର୍ଦ୍ଦେଶକ ତଥା ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ବୈଜ୍ଞାନିକ ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ।

## ଜଳେଶ୍ୱର ଦୈନନ୍ଦିନ ହାଟର ଦୁରାବସ୍ଥା

**ଜଳେଶ୍ୱର ବ୍ଲକ, ୯।୩ (ସମିସ) :** ଜଳେଶ୍ୱର ଦୈନନ୍ଦିନ ହାଟର ଉଭୟ ପାର୍ଶ୍ୱରେ ଉଠା ଦୋକାନୀ ଓ ଜବର ଦଖଲକାରୀ ମାନଙ୍କ ଦ୍ୱାରା ୨୫ ଫୁଟ୍ ଉସାର ଥିବା ରାସ୍ତା ଏବେ ୧୦ ଫୁଟରୁ କମ୍ ହେବାକୁ ବସିଲାଣି। ରାସ୍ତାର ଉଭୟ ପାଶ୍ୱର୍ରେ ଅବାଧରେ ଗାଡି ମଟର ଛିଡା କରିବା ଦ୍ୱାରା ରାସ୍ତାରେ ଯିବା ଆସିବା କରୁଥିବା ଲୋକ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବା, ହାଟ ମଧ୍ୟରେ ଏକ ନୂତନ ପରିସ୍ରାଗାର ନ ରହିବା ଏବଂ ଆର୍ ଏମ୍ ସି ର ନିଜସ୍ୱ ହାଟ ମଧ୍ୟରେ ଅଫିସ ଘର ନଥିବା ହେତୁ ବ୍ୟବସାଇ ଟିଏ ସମସ୍ୟା ସମ୍ପର୍କରେ ଅବଗତି ନ କରି ପାରିବା, ହାଟ ମଧ୍ୟରେ ନିୟମିତ ସଫେଇ ନ ହେବା ଫଳରେ କୁଢ଼ କୁଢ଼ ଅଳିଆ ଆବର୍ଜନାରୁ ଦୁର୍ଗନ୍ଧ ବାହାରିବା ପରି ୧୨ ଦଫା ଦାବି ସମ୍ବଳିତ ଅଭିଯୋଗ ପତ୍ର ଶିକ୍ଷାବିତ ବନମାଳୀ ଧଳ ଦାବି କରିଛନ୍ତି।

## ବ୍ରଜେଶ୍ୱର ମନ୍ଦିରରେ ମହିଳା ଦିବସ



**ବାଲେଶ୍ୱର, ୯।୩ (ସମିସ):** ସହଦେବଖୁଣ୍ଟା ବ୍ରଜେଶ୍ୱର ମନ୍ଦିର ଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ମହିଳା ଆରୋଗ୍ୟ ସମିତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରସା ଓ ମେ ଆଇ ହେଲ୍ପ ୟୁ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହିଳା ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଡିପିଓ ପ୍ରଭାବତୀ ନନ୍ଦ, କାଉନସିଲର ଶଶିରେଖା ମହାନ୍ତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟରେ ମହିଳା ମାନଙ୍କୁ ଶିକ୍ଷିତ, ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ। ସଭାରେ ମେ ଆଇ ଜେଲପ ୟୁର ସମ୍ପାଦକ ଉବାଚକ ମହାନ୍ତି ସଭାପତିତ୍ୱ କରିଥିଲେ। ଭରସା ଅନୁଷ୍ଠାନର ସମ୍ପାଦକ ଯାଦବେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ରଙ୍ଗୋଲି ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ବାଲେଶ୍ୱର ଗସ୍ତ

# ବିଭିନ୍ନ ବିଭାଗକୁ ନେଇ ଜିଲ୍ଲା ପ୍ରଶାସନ ସହ ସମୀକ୍ଷା ବୈଠକ

**ବାଲେଶ୍ୱର, ୯।୩ (ସମିସ)**



ସୋମବାର ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଦିନିକିଆ ବାଲେଶ୍ୱର ଗସ୍ତ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଭାଗକୁ ନେଇ ସେ ଜିଲ୍ଲା ପ୍ରଶାସନ ସହ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ,ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ ପ୍ରମୁଖଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତି ଗର୍ଗ କହିଛନ୍ତି ଯେ, ସମ୍ପୂର୍ଣ୍ଣ ବାଲେଶ୍ୱର ଜିଲ୍ଲା ପାଇଁ ଆଉ କ'ଣ କରାଯାଇ ପାରିବ ସେ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହାଛଡା ଓଡ଼ିଶାରେ ଅଧିକ କିପରି ବିକାଶ ହୋଇପାରିବ ସେଥିପାଇଁ ତିଆରି ହୋଇଥିବା ନୂଆ ଭିଜନକୁ ଏଠାରେ ସମସ୍ତ ଅଧିକାରୀମାନଙ୍କୁ ଜଣାଇଥିଲେ। ଏହାଛଡା ସେଥିରେ ସେମାନଙ୍କର କି ପ୍ରକାର ଭୂମିକା ରହିବ ତା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହାଛଡା ବାଲେଶ୍ୱରରେ ଯେଉଁ ବେଳାଭୂମୀମାନ ରହିଛି ତାହାକୁ ଅଧିକ କିପରି ଭାବେ ଡେଭଲପମେଂଟ କରାଯାଇ ପାରିବ, ସମୁଦ୍ର ମାଛ ପାଇଁ ଯେଉଁ ପୋଟେନସିଆଲ ରହିଛି ତାହାକୁ କିପରି ଭାବେ ଅଗ୍ରଗତି କରାଯାଇ ପାରିବ, ଯେଉଁସବୁ ରାସ୍ତାମାନ ନିର୍ମାଣ କରାଯାଉଛି ତାହାକୁ କିପରି ଭାବେ ଶିଘ୍ର ଶେଷ କରାଯାଇ ପାରିବ,ଜଳ ସମ୍ପଦ ବିଭାଗର ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ କିପରି ଭାବେ ଶିଘ୍ର ଶେଷ କରାଯାଇ ପାରିବ ଆଦି ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା। ଏହାଛଡା ଯେଉଁ ବିଭାଗର କାର୍ଯ୍ୟ ଗୁଡିକ ଚାଲୁ ରହିଛି ତାହାକୁ କିପରି ଭାବେ ଶିଘ୍ର ଶେଷ କରାଯିବ ଏବଂ ଯାହା ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇ ନାହିଁ ତାହାକୁ କିପରି ଭାବେ ଆରମ୍ଭ କରାଯିବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡା ସର୍ବାଙ୍ଗିନ ବିକାଶ ପାଇଁ ସବୁ ଜିନିଷ ପ୍ରାଇଁ ପ୍ରାଥମିକତା ଦେବାକୁ ପଡିବ। ଏହାଛଡା ଟୁରିଜିମ,ବେକାରୀ ନିଯୁକ୍ତି, ଇନଫ୍ରାଷ୍ଟ୍ରକଚର ଡେଭଲପମେଂଟ ହେଲେ ଅଧିକ ବିକାଶ ହୋଇପାରିବ। ଏହାଛଡା ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଯେପରିକି କୋଷ୍ଟ ଲାଇନ ରହିଛି ଏଣୁ ଏହାକୁ ନେଇ କିପରି ବେଳାଭୂମୀକୁ ଉନ୍ନତିକରଣ କରାଯାଇପାରିବ, ଶିଳ୍ପକୁ କିପରି ଭାବେ ବୃଦ୍ଧି କରାଯାଇ ପାରିବ, ବନ୍ୟା ଓ ବାତ୍ୟା ପାଇଁ କିପରି ଭାବେ ଅଧିକ ସତର୍କ ହୋଇପାରିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା।

ସକାଳ
THE SAKALA



# ସମ୍ପାଦକୀୟ



ଓଡ଼ିଆ ଭାଷାର ପ୍ରତିଟି ଶବ୍ଦରେ ଅକ୍ଷରଗୁଡ଼ିକ ସ୍ପଷ୍ଟ ଧ୍ୱନି ଧାରଣ କରିଥା'ନ୍ତି । ଶବ୍ଦର ଭାବ ସହିତ ପଦଲାଳିତ୍ୟ, ସୁମଧୁର ଛନ୍ଦ ଓ ସାଂଗୀତିକତାର ସମାବେଶ ଏହି ଭାଷାକୁ ଗ୍ରାହ୍ୟ ତଥା ସୁଗମ କରିଥାଏ ।
-ଜି ଏ ଗ୍ରିୟରସନ୍

## ଇତିହାସ ରଚିଲା ଭାରତ

ଭାରତର ଟି-୨୦ ବିଶ୍ୱକପ୍ ବିଜୟ କ୍ରିକେଟ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି । ଏ ପର୍ଯ୍ୟନ୍ତ କୌଣସି ଦଳ କ୍ରମାଗତ ଦୁଇଥର ଏହି ଟ୍ରଫି ହାସଲ କରିନଥିବାବେଳେ ଭାରତ ୨୦୨୪ ଓ ୨୦୨୬ ବିଶ୍ୱକପ୍ ହାସଲ କରିଛି । ସେହିଭଳି ଭାରତ ତୃତୀୟ ଥର ଟି-୨୦ ବିଶ୍ୱକପ୍ ହାସଲ କରିବା ମଧ୍ୟ ଅନ୍ୟତମ ରେକର୍ଡ । ଏପରିକି ଏ ବିଶ୍ୱକପ୍ ଆୟୋଜକ ଦେଶର ଜାତୀୟ ଦଳ ଚମ୍ପିଅନ୍ ହେବାରେ ପ୍ରାୟତଃ ପରିଲକ୍ଷିତ ହୋଇନଥାଏ । ତେବେ କ୍ରିକେଟ ଇତିହାସ ପୃଷ୍ଠାର ଏହି ସମସ୍ତ ରେକର୍ଡକୁ ଅତିକ୍ରମ କରି ଭାରତ ବିଶ୍ୱକପ୍ ଟି-୨୦ ଟ୍ରଫି ହାସଲ କରିବା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ । ଏକଥା ସତ ଯେ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଭାରତୀୟ ଦଳର ଦକ୍ଷତା ଓ ସାମର୍ଥ୍ୟ ନେଇ ସମସ୍ତେ ଆଶାବାଦୀ ଥିଲେ । ହେଲେ ଟି-୨୦ କ୍ରିକେଟର ସଂକ୍ଷିପ୍ତ ଅବଧିକୁ ନେଇ କିଛି ସମ୍ଭାବନାର ଗଣିତ କଷିବା ଏତେ ସହଜ ନୁହେଁ । ଆଜିର କୃତିତ୍ୱ କାଲିର ମ୍ୟାଚରେ ଯେ ଉପଲବ୍ଧି ହେବ ତାହାର କିଛି ନିର୍ଦ୍ଦିଷ୍ଟତା ନଥାଏ ଏହି ଖେଳରେ । ତେବେ ଏକଥା ସ୍ୱୀକାର କରିବାକୁ ହେବ ଯେ ଭାରତୀୟ ଦଳର କିଛି ସୁଦକ୍ଷ କ୍ରିକେଟରଙ୍କ କମ୍ରାଗତ ଭଲ ପ୍ରଦର୍ଶନ ଯୋଗୁଁ ଏହି ବିଜୟ ସମ୍ଭବ ହୋଇଛି ।

ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ନିକଟରୁ ଶୋଚନୀୟ ପରାଜିତ ହେବା ପରେ ଦଳକୁ ସୁଧାରିଛି ଓ ପରିସ୍ଥିତିର ମୁକାବିଲା ସକାଶେ ନୂଆ ରଣନୀତିକୁ ଆପଣାଇଛି । ସଞ୍ଜୁ ସାମ୍‌ସନ୍‌ଙ୍କୁ ପୁଣି ଥରେ ବ୍ୟାଟିଂ ଓପନ୍ କରିବାକୁ ସୁଯୋଗ ଦିଆଯାଇଛି । ବାମହାତୀ ବ୍ୟାଟ୍‌ସମ୍ୟାନଙ୍କୁ ଆଉଟ୍ କରିବା ସକାଶେ ଅଫ୍‌ସ୍ପିନର ସଫଳ ପ୍ରୟୋଗ କରି ପ୍ରତିପକ୍ଷ ଦଳ ଯେଉଁ ଫାଇନାଲର ସ୍ୱପ୍ନ ଦେଖୁଥିଲେ ତାହାକୁ ସଞ୍ଜୁ ସାମ୍‌ସନ୍ ମାଧ୍ୟମରେ ପ୍ରତିହତ କରାଯାଇପାରିଲା । ସୌଭାଗ୍ୟକୁ ସେ ମଧ୍ୟ ନିଜ ବ୍ୟାଟିଂ ଲୟ ଫେରିପାଇ କ୍ରମାଗତ ବଡ଼ ସ୍କୋର କରିବାକୁ ସମର୍ଥ ହୋଇଥିଲେ । କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲରେ ସେ ସର୍ବାଧିକ ରନ କରି ଦଳର ବିଜୟକୁ ଅପେକ୍ଷାକୃତ ସହଜ କରିଥିଲେ । ଏପରିକି ଟୁର୍ଣ୍ଣାମେଣ୍ଟରେ ସଞ୍ଜୁ ସର୍ବାଧିକ ୩୨୦ ରନ୍ କରି ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଛନ୍ତି ।

ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ବିରୋଧରେ ବିପୁଳ ବିଜୟ ହାସଲ କରି ଫାଇନାଲକୁ ଉନ୍ନୀତ ହୋଇଥିବା ନ୍ୟୁଜିଲାଣ୍ଡର କ୍ରିକେଟ୍ ରେକର୍ଡ ଉପରେ ଆଖି ପକାଇଲେ ଭାରତ ମଧ୍ୟ ଆତଙ୍କିତ ଅବସ୍ଥାରେ ପଡ଼ିଆକୁ ଓହ୍ଲାଇଥିଲା । ଟି-୨୦ ବିଶ୍ୱକପ୍‌ରେ ଦୁଇ ଦଳ ପରସ୍ପରକୁ ୩ ଥର ଭେଟିଥିଲେ ମଧ୍ୟ କୌଣସି ଗୋଟିଏ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇନଥିଲା । ଆଇସିସି ପ୍ରାୟୋଜିତ ବିଭିନ୍ନ ଫର୍ମାଟରେ ଏଥରକୁ ମିଶାଇ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଚତୁର୍ଥଥର ପାଇଁ ଫାଇନାଲରେ ମୁକାବିଲା କରିଛନ୍ତି । ଚମ୍ପିଅନ୍ସ ଟ୍ରଫିର ଦୁଇଟି ଫାଇନାଲ ମ୍ୟାଚ୍ ମଧ୍ୟରୁ ପ୍ରତ୍ୟେକ ଦଳ ପରସ୍ପରକୁ ପରାଜିତ କରି ଚମ୍ପିଅନ୍ ହୋଇଛନ୍ତି । ତେବେ ଟେଷ୍ଟ ଚମ୍ପିଅନ୍‌ସିପ୍ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତ ପରାସ୍ତ ହୋଇଥିଲା । କିନ୍ତୁ ଅହମ୍ମଦାବାଦର ସର୍ବବୃହତ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭାରତ ୯୬ ରନ୍‌ରେ ପରାଜିତ କରିବା ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ । ଏଠାରେ ଉଲ୍ଲେଖଯୋଗ୍ୟ କି ସେମିଫାଇନାଲରେ ଭରାତ-ଇଂଲଣ୍ଡ ମ୍ୟାଚ୍ ଯେଭଳି ପ୍ରତିଯୋଗିତାପୂର୍ଣ୍ଣ ହୋଇଥିଲା, ତାହା ଫାଇନାଲ ମ୍ୟାଚ୍‌ରେ ପରିଲକ୍ଷିତ ହୋଇନଥିଲା । ଭାରତର ୨୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଯେଉଁ ଲଢ଼େଇ କରିଥିଲା ତାହା ପ୍ରଶଂସନୀୟ । ମାତ୍ର ୭ ରନ୍‌ରେ ପରାଜିତ ହୋଇଥିଲା ଇଂଲଣ୍ଡ । ଅଥଚ ରବିବାରର ଫାଇନାଲରେ ଭାରତ ପ୍ରଥମେ ବ୍ୟାଟିଂ କରି ୨୫୬ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା ନ୍ୟୁଜିଲାଣ୍ଡକୁ । ଭାରତୀୟ ବୋଲର ଯଶପ୍ରୀତ ବୁମରା ଓ ଅକ୍ଷର ପଟେଲ ଯଥାକ୍ରମେ ୪ ଓ ୩ ୱିକେଟ ହାସଲ କରି ନ୍ୟୁଜିଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ବୁମରା ୪ ଓଭରରେ ମାତ୍ର ୧୫ ରନ୍ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଭାରତୀୟ ଦଳର ୩ଟି ଅର୍ଦ୍ଧଶତକ ବିପୁଳ ରନ୍ ସଂଗ୍ରହରେ ସହାୟକ ହୋଇଥିଲା । ସେଥିମଧ୍ୟରେ ଥିଲା ସଞ୍ଜୁ ସାମସନ୍‌ଙ୍କ ୮୯ ରନ୍ । ବଡ଼ ସ୍କୋରର ପାଶ୍ଚାତ ଧାବନକରି ବିଜୟୀ ହେବା ଏତେ ସହଜ ନୁହେଁ । ନ୍ୟୁଜିଲାଣ୍ଡ ପକ୍ଷରୁ ଟମ୍ ସେଇଫର୍ଟ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଦୁର୍ଦ୍ଦଶ ଫିନ୍ ଆଲେନ୍‌ଙ୍କ ବିଫଳତାକୁ ଅନ୍ୟ ସହଯୋଗୀମାନେ ଭରଣା କରିବାକୁ ସମର୍ଥ ହୋଇନଥିଲେ ।

ଆଇସିସି ଟ୍ରଫି ଆୟୋଜନକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ଓ ଆଇପିଏଲ୍ ପାଇଁ ଖେଳାଳି ଚୟନରୁ ବାଂଲାଦେଶ ବାଦ୍ ପଡ଼ିବା ଘଟଣାରୁ ବିବାଦର ସୂତ୍ରପାତ ହୋଇଥିଲା । ବାଂଲାଦେଶ ଓ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ଧମକର ସମାଧାନ ସକାଶେ ଆଇସିସିକୁ କେବଳ ହସ୍ତକ୍ଷେପ କରିବାକୁ ପଡ଼ିଲାନି କିଛି ସର୍ତ୍ତକୁ ମଧ୍ୟ ମାନିନେବାକୁ ପଡ଼ିଲା । ଏସୀୟ ରାଷ୍ଟ୍ରରେ କ୍ରିକେଟ କେଜ୍ ପ୍ରତି ଏହା ଶକ୍ତ ଧକ୍କା ।

ଗତଥର ଅପେକ୍ଷା ଟି-୨୦ ବିଶ୍ୱକପ୍ ବିଜେତାଙ୍କ ପୁରସ୍କାର ରାଶି ୨୦ ପ୍ରତିଶତ ବଢ଼ିଛି । ତାହା ଏବେ ୪୭-୪୮ କୋଟି ଟଙ୍କାରେ ପହଞ୍ଚିଛି । ଉପବିଜେତାଙ୍କଠାରୁ ଅନ୍ୟ ଅଂଶୀଦାର ଦଳ ସକାଶେ ପୁରସ୍କାର ରାଶି ଘୋଷଣା ହୋଇଛି । ଭାରତୀୟ ଉପମହାଦେଶରେ କ୍ରିକେଟ ପ୍ରତି ଯେଭଳି ଅତିଶୟ ଉତ୍ସାହ ରହିଛି, ସେହିଭଳି ଗାଁରୁ ସହର ପର୍ଯ୍ୟନ୍ତ ସବୁଠାରେ ପିଲାଙ୍କୁ ବାୟା କରିଛି କ୍ରିକେଟ୍ । ଗୋଟିଏ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ନ ସରୁଣୁ ଆଇପିଏଲ୍ ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । କ୍ରିକେଟର ସବୁ ଫର୍ମାଟରେ ଭାରତୀୟ ଦଳର ପ୍ରଶଂସନୀୟ ଅବଦାନ ସତ୍ତ୍ୱେ କେଜାଣି କାହିଁକି ମନ କହେ ଆମ ଯୁବଶକ୍ତି ଅନ୍ୟ ଦିନରେ ମଧ୍ୟ ଅନୁରୂପ ଭାବେ ଆଗୁସାର ହୁଅନ୍ତେ ତ?

# କୃଷି ଅଭିବୃଦ୍ଧିରେ ଓୟୁଏଟିର ଗବେଷଣା

**ପ୍ରଫେସର ନିରଞ୍ଜନ ପଣ୍ଡା**



କୃଷି ଗବେଷଣା, ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ( ଓୟୁଏଟି)ର ଏକ ପ୍ରମୁଖ ଆଭିମୁଖ୍ୟ ହୋଇଥିଲା ବେଳେ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଆନ୍ତଃ ବିଭାଗୀୟ ଗବେଷଣା ବ୍ୟବହାର କରି ଚାଷ କାର୍ଯ୍ୟକୁ ଅଧିକ ଲାଭଜନକ, ଜଳବାୟୁ ସହନଶୀଳ ଓ ଚିର ନମନୀୟ କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଅନେକ ନୂଆ ପଦକ୍ଷେପ ନିଆ ଯାଉଛି । ପରିବର୍ତ୍ତିତ ଜଳବାୟୁ ଓ ଅନିଶ୍ଚିତ କୃଷି ଦୃଷ୍ଟିପଟ ପରିପ୍ରେକ୍ଷୀରେ ଗବେଷଣା ନିର୍ଦ୍ଦେଶାଳୟର ଅବଦାନ ଓ ଏହାର ଗୁରୁତ୍ୱ ମଧ୍ୟ ସ୍ୱତନ୍ତ୍ର ହେବାରେ ଲାଗିଛି । କୃଷି ଗବେଷଣାକୁ ସ୍ଥାନୀୟ ସମସ୍ୟା, ଅଂଚଳ ଓ ଫସଲ ଭିତ୍ତିକ କରିବା ପାଇଁ ୮ ଟି ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୪ଟି ଉପ-ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୭ଟି ଦ୍ରବ୍ୟ ଭିତ୍ତିକ ଗବେଷଣା କେନ୍ଦ୍ର ଓ ୫୦ ଗୋଟି ସର୍ବଭାରତୀୟ ସମନ୍ୱିତ ପ୍ରକଳ୍ପ ନିରନ୍ତର ଭାବେ କାର୍ଯ୍ୟରତ ଅଛନ୍ତି ।

ବୈଷୟିକ ଜ୍ଞାନକୌଶଳ ଦ୍ୱାରା କୃଷିରେ ବ୍ୟାପକ କର୍ମନିଯୁକ୍ତି, ଆତ୍ମନିଯୁକ୍ତି ଓ ଗ୍ରାମୀଣ ଜୀବିକାରେ ମାନଦଣ୍ଡ ବୃଦ୍ଧି ନିମନ୍ତେ ସର୍ବଦା ପ୍ରାଥମିକତା ଦିଆଯାଉଛି । ନୂତନ କିସମ ଉଦ୍ଭାବନ ସହ ଫସଲରେ ଖାଦ୍ୟସାର ଓ ରୋଗପୋକ ପରିଚାଳନା, ଫସଲ ପର୍ଯ୍ୟାୟ, ସମନ୍ୱିତ କୃଷି ପଦ୍ଧତି ଓ କୃଷି ବନୀକରଣ, ଜୈବିକ ଓ ଜଳବାୟୁ ଅନୁକୂଳ କୃଷି ପ୍ରଣାଳୀ, ମୃତ୍ତିକା ଓ ଜଳ ପରିଚାଳନା, କ୍ଷୁଦ୍ର ଜଳସେଚନ, ଶୁଷ୍କାଞ୍ଚଳ କୃଷି, କୃଷି ଯାନ୍ତ୍ରିକରଣ, ଛତୁ ଚାଷ, ମହୁମାଛି ପାଳନ, ପଶୁପକ୍ଷୀ ପାଳନ, ଖାଦ୍ୟ ପ୍ରକ୍ରିୟାକରଣ ଆଦିରେ ନୂତନ ଜ୍ଞାନକୌଶଳର ବିକାଶ, ପରୀକ୍ଷଣ ଓ ପ୍ରମାଣୀକରଣରେ ବୈଜ୍ଞାନିକ ଓ ଗବେଷକମାନେ ନିୟୋଜିତ ରହି ବିଶ୍ୱବିଦ୍ୟାଳୟର ଗବେଷଣା ଅବଦାନକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ କରୁଛନ୍ତି। ପରିବର୍ତ୍ତିତ ସମସ୍ୟା, ସୁଯୋଗ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରକ୍ଷିତ କୃଷି, ସଠିକ୍ ଓ ସୁରକ୍ଷିତ କୃଷି, ଜୈବ ପ୍ରଯୁକ୍ତିବିଦ୍ୟା, ନାନୋଟେକ୍ନୋଲୋଜି, କୃତ୍ରିମ ବୁଦ୍ଧିମତା ଓ ଭୌଗୋଳିକ ସୂଚନା ପ୍ରଣାଳୀ ଭିତ୍ତିକ କୃଷି ଉପରେ ଗବେଷଣା ଉଦ୍ୟମ ମଧ୍ୟ ଆରମ୍ଭ ହୋଇଛି ।

ବିଶ୍ୱ ବିଦ୍ୟାଳୟ ତରଫରୁ ଅଦ୍ୟାବଧି ୨୧୭ ଅଧିକ ଅମଳକ୍ଷମ ଫସଲ କିସମ ବିକଶିତ ହୋଇ ରାଜ୍ୟର କୃଷକମାନଙ୍କ ପାଖରେ ଆଦୃତ ହୋଇ ସାରିଥିବା ବେଳେ ଚଳିତ ବର୍ଷ ବୈଜ୍ଞାନିକମାନଙ୍କ ଦ୍ୱାରା ୧୨ ଗୋଟି ଅଧିକ ଅମଳକ୍ଷମ, ରୋଗପୋକ ସହନଶୀଳ ଓ ପୋଷକ ତତ୍ତ୍ୱଯୁକ୍ତ କ୍ଷେତ୍ର ଫସଲ (ଧାନ, ମକା, ମାଣ୍ଡିଆ, ବିରି, ସୋରିଷ, ଅଳସି, ଜଡ଼ା) ଓ ୮ ଟି ଉଦ୍ୟାନ ଫସଲ କିସମ (ପନିପରିବା, ଆଳୁ, କାଜୁ, କଳା ହଳଦୀ ଓ ଆମ୍ବ ଅଦା ) କିସମ କୃଷକମାନଙ୍କ ସେବାରେ ଲୋକାର୍ପିତ ହୋଇଛି। ଅଧିକ ପୋଷକ ତତ୍ୱ ଓ ଆଣ୍ଟି ଅକ୍ସିଡାଂଟ ଯୁକ୍ତ ନାଲି ଧାନ କିସମ ସମ୍ପଦ ଓ ପଦ୍ମଜା, ସ୍ୱଳ୍ପ ଅବଧି ଓ ରୋଗପୋକ ସହନଶୀଳ କିସମ ପରଜା ଏବଂ ଅଧିକ ଅମଳକ୍ଷମ, ରୋଗପୋକ ସହନଶୀଳ ଓ ବିଳମ୍ବ ଧାନ କିସମ ଶ୍ରୀପଦ ଚାଷୀମାନଙ୍କ ନିକଟରେ ଆଦୃତ ହେବା ସହ ରାଜ୍ୟରେ ଧାନ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ଆଶା କରା ଯାଉଛି ।

ଏତଦ୍ ବ୍ୟତୀତ ସଦ୍ୟ ବିକଶିତ ହୋଇଥିବା ଅଣଧାନ କିସମ ରାଜ୍ୟ ସରକାରଙ୍କ ଫସଲ ବିବିଧିକରଣ ଓ ଧାନ ପରବର୍ତ୍ତୀ ପଡିଆ ଜମି ପରିଚାଳନା ଯୋଜନାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଏହି ଫସଲ କିସମଗୁଡିକ ମାଣ୍ଡିଆ (ଶ୍ରୀ ନିଧି), ବିରି (ଶ୍ରୀୟା), ଅଳସି (ପ୍ରଭାତ), ମକା (ଖୁସି), ଜଡ଼ା (ମାଣିକ), ସୋରିଷ (ସମୃଦ୍ଧି ଓ ସିଦ୍ଧି) ଓ ଟୋରିଆ (ଜୟନ୍ତୀ) ନିଜସ୍ୱ ସ୍ୱତନ୍ତ୍ର ବିଶେଷତା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହୋଇ ପାରିବ । ମଧ୍ୟମ ଅବଧି ମାଣ୍ଡିଆ କିସମ (ଶ୍ରୀ ନିଧି) ର ହାରାହାରି ହେକ୍ଟର ପ୍ରତି ଅମଳ ୨୫.୨୦ କ୍ୱିଣ୍ଟାଲ ହୋଇଥିଲା ବେଳେ ଏଥିରେ ପୁଷ୍ଟିସାର, ଲୌହ ଓ ଜିଙ୍କ୍ ଆଦି ପୋଷକତତ୍ୱ ମାତ୍ରା ଅଧିକ ରହୁଥିବାରୁ ଏହି ଲଘୁ ଶସ୍ୟ କିସମଟି ରାଜ୍ୟ ଖାଦ୍ୟ ଓ ପୋଷଣ ସୁରକ୍ଷାରେ ବ୍ୟାପକ ଭୂମିକା ଗ୍ରହଣରେ ସହାୟକ ହେବ। ସାହେବି ଓ ପତ୍ରମୋଡା ରୋଗ ଏବଂ ଧଳା ମାଛି, ପତ୍ର ଜଂକୁଣି ଓ ଛୁଇଁ ବିନ୍ଧା ପୋକ ସହନଶୀଳ ମଧ୍ୟମ ଅବଧିର ବିରି କିସମ (ଶ୍ରୀୟା) ଧାନ ପରବର୍ତ୍ତୀ ପଡିଆ ଜମିର ସଫଳ ପରିଚାଳନା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ସ୍ୱଳ୍ପ ଅବଧିର ଟୋରିଆ କିସମ (ଜୟନ୍ତୀ) ଓ ସୋରିଷ କିସମ (ସମୃଦ୍ଧି ଓ ସିଦ୍ଧି) ରାଜ୍ୟର ଉଭୟ ଉପକୂଳବର୍ତ୍ତୀ ଓ ଆଭ୍ୟନ୍ତରୀଣ ଅଂଚଳର ଧାନ ପର୍ଯ୍ୟବସିତ ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇ ଚାଷୀର ଆୟ ଦ୍ୱିଗୁଣିତ କରିବା ସହ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହେବାରେ ଯଥେଷ୍ଟ ସହାୟକ ହେବ । ଅଧିକ ଅମଳକ୍ଷମ, ମଧ୍ୟମ ଅବଧି ଏବଂ ଉଭୟ ଖରିଫ ଓ ପ୍ରାକ ରବି ଚାଷ ପାଇଁ ଉପଯୋଗୀ ଅଳସି କିସମ ପ୍ରଭାତ, କୋରାପୁଟ, ମାଲକାନଗିରି ଓ କେନ୍ଦୁଝର ଆଦି ଆଦିବାସୀ ବହୁଳ ଅଂଚଳର ଚାଷୀମାନଙ୍କ ପାଖରେ ଆଦୃତ ହୋଇ ପାରିବ। ସମ୍ପ୍ରତି ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ ଅଳସି ଦାନା, ତେଲ ଓ ପିଡିଆର ଚାହିଦା ବୃଦ୍ଧି ପାଉଥିଲା ବେଳେ, ଏହି କିସମଟି ଚାଷୀମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାର ରେଶମ ଚାଷକୁ ପ୍ରୋତ୍ସାହନ ଦେଉଥିଲା ବେଳେ ଏରି ରେଶମ କୀଟର ପୋଷକ ଫସଲ ଜଡ଼ା ଚାଷକୁ ମଧ୍ୟ ପ୍ରାଥମିକତା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ତରଫରୁ ରାଜ୍ୟର ପ୍ରଥମ ଶଙ୍କର ଜଡ଼ା କିସମ "ମାଣିକ" ବିକଶିତ ହୋଇଛି। ଅଧିକ ଅମଳକ୍ଷମ ମକା କିସମ "ଖୁସି" ରାଜ୍ୟର ଉଚ୍ଚ ଓ ଡିପ ଜମିରେ ଫସଲ ପରିବର୍ତ୍ତନ ପ୍ରୟାସକୁ ତ୍ୱରାନ୍ୱିତ କରି ପାରିବ।

ଅମ୍ଳ ମାଟିରେ ଖାଦ୍ୟ ସାର ପରିଚାଳନା; ଧାନ, ସୂର୍ଯ୍ୟମୁଖୀ ଓ ଅଳସି ଫସଲରେ ନାନୋ ୟୁରିଆର ପ୍ରୟୋଗ ବିଧି; ଫସଲରେ ଅନାବନା ଘାସ ନିୟନ୍ତ୍ରଣ; ଧାନ ଫସଲରେ ଲୌହ ବିଷାକ୍ତ ନିୟନ୍ତ୍ରଣ; ମାଣ୍ଡିଆ ଓ ହରଡ ଭିତ୍ତିକ ଅନ୍ତଃଫସଲ ଚାଷ, ବାସନା ଧାନ ଓ ହଳଦୀରେ ଜୈବିକ ଚାଷ ପ୍ରଣାଳୀ, ପ୍ରାକୃତିକ କୃଷି ଉପାୟରେ ବିଲାତି ବାଇଗଣ ଚାଷ, ଗମ୍ଭାରୀ ଭିତ୍ତିକ କୃଷି ବନୀକରଣ, ଫଳ ବଗିଚାରେ ଅନ୍ତଃଫସଲ ଚାଷ, ମାଣ୍ଡିଆ ଅମଳ ଯନ୍ତ୍ର, ବଳଦ ଟଣା ମଞ୍ଜିବୁଣା ଯନ୍ତ୍ର, ସୌରଚାଳିତ ବହୁମୁଖୀ ଯାନ ଆଦିର ଉଦ୍ଭାବନ ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକରଣ ଗବେଷଣାକୁ ସମୃଦ୍ଧ କରିଛି। ଧାତବ ଲବଣ ଓ ବୃଦ୍ଧି ଉଦ୍ଦୀପକ ପ୍ରୟୋଗ ଦ୍ୱାରା ବିଂଝାରପୁର ଦେଶୀ ଗାଇର ପ୍ରଜନନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି, କୃମି ନାଶକ ଓ ପୋଷାକ ତତ୍ୱ ପରିଚାଳନା ମାଧ୍ୟମରେ ଗଂଜାମ ଛେଳିର ଶାରୀରିକ ବିକାଶ ଆଦି ଜ୍ଞାନକୌଶଳ ରାଜ୍ୟର ପ୍ରାଣୀ ପାଳନ ଭିତ୍ତିକ ଜୀବିକାକୁ ନୂତନ ଦିଗ ପ୍ରଦାନ କରିଛି। ଅନେକ ଉପଲବ୍ଧି ସହ ଆଗାମୀ ଦିନର ଆହ୍ୱାନକୁ ସମ୍ମୁଖୀନ ହୋଇ କୃଷି ଓ କୃଷକମାନଙ୍କ ସେବାରେ ବିଶ୍ୱବିଦ୍ୟାଳୟର ଏହି ନିର୍ଦ୍ଦେଶାଳୟ ସଦାସର୍ବଦା ସମର୍ପିତ।

**ଗବେଷଣା ଅଧକ୍ଷ, ଓୟୁଏଟି**

# ଯୁଦ୍ଧ ଓ ଅସ୍ଥିରତା ମଧ୍ୟରେ ମୋଦୀଙ୍କ ଇସ୍ରାଏଲ୍ ଗସ୍ତ

**ଡ. ସୁଶାନ୍ତ କୁମାର ପରିଡ଼ା**

ଆଜିର ବିଶ୍ୱ ରାଜନୀତି ଏକ ଅସ୍ଥିର, ଅନିଶ୍ଚିତ ଓ ଦ୍ରୁତ ପରିବର୍ତ୍ତନଶୀଳ ପର୍ଯ୍ୟାୟ ମଧ୍ୟକୁ ଯାଉଛି । ଯୁଦ୍ଧ, ଭୂ-ରାଜନୀତିକ ପ୍ରତିସ୍ପର୍ଧା, ଆର୍ଥିକ ଅସ୍ଥିରତା ଓ ସୁରକ୍ଷା ସଙ୍କଟ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ନୂଆ ଆକୃତି ଦେଉଛି । ବିଶେଷକରି ପଶ୍ଚିମ ଏସିଆ ପୁନର୍ବାର ବିଶ୍ୱ ରାଜନୀତିର କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି । ଗାଜା ସଂଘର୍ଷ, ଇରାନ-ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା, ଶକ୍ତି ସୁରକ୍ଷା ଓ ବୃହତ୍ ଶକ୍ତିମାନ୍ ଦେଶମାନଙ୍କ ପ୍ରଭାବୀ ଯୁଦ୍ଧ ଏହି ଅଞ୍ଚଳକୁ ବିଶ୍ୱ ରଣନୀତିର ମୁଖ୍ୟ ମଞ୍ଚରେ ପରିଣତ କରିଛି । ଏହି ଜଟିଳ ପରିସ୍ଥିତିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା କେବଳ ଏକ ସାଧାରଣ ଦ୍ୱିପକ୍ଷୀୟ ଭ୍ରମଣ ନୁହେଁ; ଏହା ବଦଳୁଥିବା ଭାରତୀୟ ବିଦେଶ ନୀତି, ରଣନୀତିକ ଚିନ୍ତାଧାରା ଓ ବୈଶ୍ୱିକ ଭୂମିକାର ଏକ ସ୍ପଷ୍ଟ ପ୍ରକାଶ । ଏହି ଯାତ୍ରା ଦେଖାଇଦେଉଛି ଯେ ଭାରତ ଆଜି ପୁରୁଣା ଆଦର୍ଶବାଦୀ ସୀମାରେ ଅଟକି ରହୁନାହିଁ; ବରଂ ସୁରକ୍ଷା, ପ୍ରଯୁକ୍ତି ଓ ଜାତୀୟ ସ୍ୱାର୍ଥକୁ କେନ୍ଦ୍ର କରି ବାସ୍ତବବାଦୀ କୂଟନୀତିର ମାର୍ଗରେ ଆଗୁଆ ହେଉଛି ।

ପଶ୍ଚିମ ଏସିଆ ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ରାଜନୀତିର ସବୁଠାରୁ ସଂବେଦନଶୀଳ ଅଞ୍ଚଳ । ତେଲ ରାଜନୀତି, ଧର୍ମୀୟ ପରିଚୟ ସଂଘର୍ଷ, ଆତଙ୍କବାଦ, ସାମରିକ ହସ୍ତକ୍ଷେପ ଓ ଅଞ୍ଚଳୀୟ ଶକ୍ତି ସଂଘର୍ଷ ଏହାକୁ ସଦା ବିଶ୍ୱ ଧ୍ୟାନର କେନ୍ଦ୍ରରେ ରଖିଛି । ଶୀତଳ ଯୁଦ୍ଧ କାଳରୁ ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳ ଆମେରିକା, ରୁଷିଆ ଓ ବର୍ତ୍ତମାନ ଚୀନର ରଣନୀତିକ ଆଗ୍ରହର କେନ୍ଦ୍ର ରହିଆସିଛି । ଗାଜାର ସଂଘର୍ଷ ପଶ୍ଚିମ ଏସିଆର ସୁରକ୍ଷା ସମୀକରଣକୁ ଆହୁରି ଜଟିଳ କରିଛି । ଏହା କେବଳ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷ ନୁହେଁ; ବରଂ ଏକ ବ୍ୟାପକ ଭୂ-ରାଜନୀତିକ ପ୍ରତିସ୍ପର୍ଧାର ଅଂଶ । ଏହି ପରିସ୍ଥିତିରେ ଯେକୌଣସି ଦେଶର କୂଟନୀତିକ ପଦକ୍ଷେପ ଏକ ବଡ଼ ରଣନୀତିକ ସନ୍ଦେଶ ବହନ କରେ । ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଏହି ବୈଶ୍ୱିକ ପରିପ୍ରେକ୍ଷୀରେ ବିଶେଷ ମହତ୍ୱ ବହନ କରେ ।

ସ୍ୱାଧୀନତା ପରେ ଦୀର୍ଘ ସମୟ ଧରି ଭାରତ ପଶ୍ଚିମ ଏସିଆ ପ୍ରତି ସତର୍କ ଓ ସନ୍ତୁଳିତ ନୀତି ଅନୁସରଣ କରିଥିଲା । ପାଲେଷ୍ଟାଇନ ପ୍ରତି ଐତିହାସିକ ସମର୍ଥନ, ଆରବ ଦେଶ ସହ ଶକ୍ତି ନିର୍ଭରତା ଓ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଆଦର୍ଶ ଭାରତର ବିଦେଶ ନୀତିକୁ ପ୍ରଭାବିତ କରୁଥିଲା । ସେହି କାରଣରୁ ଇସ୍ରାଏଲ୍ ସହ ଭାରତ ସମ୍ପର୍କ ରଖୁଥିଲେ ମଧ୍ୟ ତାହାକୁ ଦୀର୍ଘଦିନ ନିମ୍ନ ପ୍ରୋଫାଇଲରେ ରଖିଥିଲା ।

କିନ୍ତୁ ଏକବିଂଶ ଶତାବ୍ଦୀର ଭୂ-ରାଜନୀତି ଏହି ଧାରଣାକୁ ପରିବର୍ତ୍ତନ କରିଦେଲା । ସୁରକ୍ଷା, ପ୍ରଯୁକ୍ତି ଓ ନବୀନତା ବିଦେଶ ନୀତିର ନୂଆ ଆଧାର ହୋଇପଡ଼ିଲା । ଏହି ପରିବର୍ତ୍ତନ ସହ ଭାରତ ନିଜ ଆଭିମୁଖ୍ୟକୁ ପୁନଃନିର୍ଦ୍ଧାରଣ କଲା । ଆଜି ଭାରତ—ଇସ୍ରାଏଲ୍ ସହ ରଣନୀତିକ ସହଯୋଗ କରୁଛି, ଆରବ ଦେଶମାନଙ୍କ ସହ ଆର୍ଥିକ ଭାଗୀଦାରୀ ବଢ଼ାଉଛି, ପାଲେଷ୍ଟାଇନ୍ ରାଷ୍ଟ୍ର ଧାରଣାକୁ ସମର୍ଥନ ଜାରି ରଖୁଛି । ଏହି ନୀତିକୁ ଆଜି "Multi-Alignment Diplomacy ବୋଲି କୁହାଯାଏ ।

ଇସ୍ରାଏଲ୍ ବିଶ୍ୱର ଅଗ୍ରଣୀ ସୁରକ୍ଷା ଓ ପ୍ରଯୁକ୍ତି ଶକ୍ତିମାନ ଦେଶମାନଙ୍କ ମଧ୍ୟରେ ଗଣ୍ୟ । ସୀମା ସୁରକ୍ଷା, ଡ୍ରୋନ୍ ପ୍ରଯୁକ୍ତି, ମିସାଇଲ୍ ରକ୍ଷା ପ୍ରଣାଳୀ, ସାଇବର ସୁରକ୍ଷା ଓ Artificial Intelligenceରେ ତାହାର ଅଭିଜ୍ଞତା ବିଶ୍ୱସ୍ତରରେ ସ୍ୱୀକୃତ । ଭାରତ ପାଇଁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ—ସୀମା ସୁରକ୍ଷା ଚ୍ୟାଲେଞ୍ଜ, ଆତଙ୍କବାଦୀ ଆଶଙ୍କା, ସାଇବର ଯୁଦ୍ଧ, ଆଧୁନିକ ସାମରିକ ପ୍ରଯୁକ୍ତିର ଆବଶ୍ୟକତା ଦ୍ରୁତ ଗତିରେ ବଢ଼ୁଛି । ମୋଦୀ ଓ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସାକ୍ଷାତକାର ଏହି ସହଯୋଗକୁ ଆହୁରି ଗଭୀର କରିବାର ସଙ୍କେତ ଦେଇଛି ।

ବିଶ୍ୱ ଆଜି ଧୀରେଧୀରେ ବହୁଧ୍ରୁବୀୟ ବ୍ୟବସ୍ଥାକୁ ଅଗ୍ରସର ହେଉଛି । ଆମେରିକା-ଚୀନ୍ ପ୍ରତିସ୍ପର୍ଧା, ରୁଷିଆ-ପଶ୍ଚିମ ମତଭେଦ ଓ ଅଞ୍ଚଳୀୟ ସଂଘର୍ଷ ନୂଆ ଶକ୍ତି ସମୀକରଣ ସୃଷ୍ଟି କରୁଛି । ଏହି ପରିସ୍ଥିତିରେ ଭାରତ କୌଣସି ଏକ ଶିବିରରେ ନ ଥାଇ "Strategic Autonomy" ଅନୁସରଣ କରୁଛି । ଅର୍ଥାତ— ଭାରତ ନିଜ ସ୍ୱାର୍ଥ ଆଧାରରେ ସମ୍ପର୍କ ଗଠନ କରୁଛି । ଇସ୍ରାଏଲ୍ ଯାତ୍ରା ଏହି ନୀତିର ସ୍ପଷ୍ଟ ପ୍ରକାଶ । ଭାରତର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ସନ୍ତୁଳନ । ଭାରତ ଏକାଧାରରେ— ଇସ୍ରାଏଲ୍, *UAE*, ସାଉଦି ଆରବ, ଇରାନ୍ ଓ ପାଲେଷ୍ଟାଇନ୍ ସହ ସମ୍ପର୍କ ରଖୁଛି । ଏହା ଭାରତକୁ ପଶ୍ଚିମ ଏସିଆରେ "Balance Power Actor" ଭାବେ ପରିଣତ କରୁଛି । କିଛି ମହଲ ମନେ କରେ ଯେ ଗାଜା ସଂଘର୍ଷ ସମୟରେ ଏହି ଯାତ୍ରା ସଂବେଦନଶୀଳ । ପାଲେଷ୍ଟାଇନ୍ ପ୍ରଶ୍ନରେ ଭୁଲ୍ ସନ୍ଦେଶ ଯାଇପାରେ । କିନ୍ତୁ ବାସ୍ତବ ରାଜନୀତିରେ ଦେଶମାନେ ଭାବନା ନୁହେଁ; ଜାତୀୟ ସ୍ୱାର୍ଥ ଆଧାରରେ ନୀତି ଗଠନ କରନ୍ତି ।

ଜି-୨୦ ନେତୃତ୍ୱ, *Global South* ର ପ୍ରତିନିଧିତ୍ୱ ଓ ବହୁପକ୍ଷୀୟ କୂଟନୀତିରେ ସକ୍ରିୟତା ଭାରତର ବୃଦ୍ଧିଶୀଳ ପ୍ରଭାବକୁ ପ୍ରକାଶ କରୁଛି । ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଏହି ବଡ଼ ରଣନୀତିର ଏକ ଅଂଶ— ଭାରତ ଆଜି କେବଳ ପର୍ଯ୍ୟବେକ୍ଷକ ନୁହେଁ; ବରଂ ବୈଶ୍ୱିକ ରାଜନୀତିର ଏକ ସକ୍ରିୟ ନିର୍ମାତା । ଯୁଦ୍ଧ, ଅସ୍ଥିରତା ଓ ଶକ୍ତି ପ୍ରତିସ୍ପର୍ଧାର ଏହି ଯୁଗରେ ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଭାରତର ବଦଳୁଥିବା ବିଦେଶ ନୀତିର ପ୍ରତୀକ । ଆଦର୍ଶବାଦ ଓ ବାସ୍ତବବାଦ ମଧ୍ୟରେ ସନ୍ତୁଳନ ରଖି ଭାରତ ଆଜି ଏକ ନୂଆ କୂଟନୀତିକ ପଥ ଗଢ଼ୁଛି— ଯେଉଁଠାରେ ମିତ୍ରତା ଭାବନାରୁ ନୁହେଁ; ସହଯୋଗ, ପ୍ରଯୁକ୍ତି ଓ ଜାତୀୟ ସ୍ୱାର୍ଥ ଉପରେ ନିର୍ଭର କରେ । ପଶ୍ଚିମ ଏସିଆର ଜଟିଳ ରାଜନୀତି ମଧ୍ୟରେ ଭାରତର ସନ୍ତୁଳିତ ଭୂମିକା ଭବିଷ୍ୟତରେ ତାହାକୁ ଏକ ବିଶ୍ୱସ୍ତ ମଧ୍ୟସ୍ଥ ଓ ପ୍ରଭାବଶାଳୀ ବୈଶ୍ୱିକ ଶକ୍ତି ଭାବେ ସ୍ଥାପିତ କରିପାରେ ।

ଅଧ୍ୟାପକ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା,
କେନ୍ଦ୍ରାପଡ଼ା

# ତାପମାତ୍ରା ବୃଦ୍ଧିର ଚେତାବନୀ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି । ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇ ନ ପାରେ । କେବଳ ଏତିକି ନୁହେଁ; ଆଗକୁ ପରିସ୍ଥିତି କ'ଣ ହେବ, ଏହା ତାହାର ଏକ ପ୍ରାକ୍ ସୂଚନା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷକରି ଉତ୍ତର ଭାରତୀୟ ଅଂଚଳରେ ଦିନର ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିବ, ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ ଡିଗ୍ରୀ ଅଧିକ । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆମ ରାଜ୍ୟର ଝାରସୁଗୁଡ଼ା ଅଞ୍ଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଞ୍ଚିସାରିଲାଣି । ସୂଚନାଯୋଗ୍ୟ ଯେ ଗତବର୍ଷ ଝାରସୁଗୁଡ଼ାର ତାପମାତ୍ରା ଦେଶରେ ରେକର୍ଡ ସୃଷ୍ଟି କରିଥିଲା । ଗ୍ରୀଷ୍ମ ଅବଧିରେ ଝାରସୁଗୁଡ଼ାର ଦୈନିକ ତାପମାତ୍ରା ହାରାହାରି ୪୨ ଡିଗ୍ରୀ ଉପରେ ରହିଥିଲା । ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ୧୯୮୦ ପରଠାରୁ ଦେଶରେ ହିଟ୍‌ୱେଭ୍ ସଂଖ୍ୟା ଦୁଇଗୁଣ କିମ୍ବା ତା'ଠାରୁ ଅଧିକ ହୋଇଛି । ସେହିପରି ଦେଶରେ ଅସହ୍ୟ ହିଟ୍‌ୱେଭ୍ ପ୍ରଭାବରେ ଅଂଶୁଘାତ ଜନିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ତାପମାତ୍ରା ବୃଦ୍ଧି, କୋଇଲା, ଡିଜେଲ, ପେଟ୍ରୋଲ ଆଦି ଇନ୍ଧନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦ୍ରୁତ ସହରୀକରଣ, ଆଖିବୁଜା ଗଛକଟା, ଜଙ୍ଗଲପୋଡ଼ି, ବ୍ୟାପକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ସବୁଜ ବଳୟ ପରିସର ପ୍ରତିବର୍ଷ ସଂକୁଚିତ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ୍‌ର ଚାପ ବୃଦ୍ଧି ଅସହ୍ୟ ଗ୍ରୀଷ୍ମ ପ୍ରବାହର କାରଣ ବୋଲି କୁହାଯାଏ ।

**ପ୍ରକୃତି-ପରିବେଶ**



ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ଦୀର୍ଘ ଅବଧି ଧରି ଦେଶରେ ଶୀତର ଲହରି ପରେ ଗ୍ରୀଷ୍ମ ଏବେ ହଠାତ୍ ତାପମାତ୍ରା ବୃଦ୍ଧି ଜଳବାୟୁ ଢାଂଚାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନର ସଂକେତ ପ୍ରଦାନ କରେ । କହିବା ବାହୁଲ୍ୟ ଯେ ବସନ୍ତ ଋତୁ ଉଭାନ୍ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି । ଯାହାକି ଆଂଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ । ଏଭଳି ଜଳବାୟୁ ପରିବର୍ତ୍ତନଶୀଳତାର ପ୍ରଭାବ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି । କେବଳ ଜୀବନଜୀବିକା ନୁହେଁ; ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ କୃଷି କ୍ଷେତ୍ର ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି । ୨୦୧୧ରେ ମାର୍ଚ୍ଚ-ଏପ୍ରିଲରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଚାଷ କ୍ଷତିଗ୍ରସ୍ତ ହୋଇଥିଲା । ବୋଧହୁଏ କେହି ଏହା ପାସୋରି ନ ଥିବେ । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶରେ ସେଓ ଚାଷ ସହ ଫଳ ଓ ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି । କହିବା ବାହୁଲ୍ୟ ଯେ ଜଳବାୟୁ ପରିବର୍ତ୍ତନ ଏକ ଆକସ୍ମିକ ପ୍ରବାହ ନୁହେଁ । ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ହେବ । ଅନ୍ୟଥା, ଦେଶ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇପାରେ । ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଂକଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି । ତେବେ କେବଳ ଖାଦ୍ୟ ସଂକଟ ନୁହେଁ; ଉତ୍କଟ ପାନୀୟ ଜଳ ସଂକଟକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଉପକୂଳ, ସମତଳ, ଅଂଚଳଠାରୁ ଆରମ୍ଭ କରି ଦୁର୍ଗମ ପାହାଡ଼ିଆ ଅଂଚଳ ସବୁଠାରେ ଉତ୍କଟ ପାନୀୟ ଜଳ ସଂକଟର ଧ୍ୱନି ଶୁଣାଯାଏ । କୁଅ-ପୋଖରୀ ଶୁଖିଯିବା ସହ ଭୂତଳ ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି, ଯାହାକି ଏବେ ଚିନ୍ତାର କାରଣ । ସେହିପରି ବିଦ୍ୟୁତ୍ ସଂକଟ ମଧ୍ୟ ଦେଖାଯାଏ । ବିଦ୍ୟୁତ୍ ଓ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଜରୁରୀ । ଏହା ନିଃସନ୍ଦେହ ଯେ ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟିଏ ଦେଶର ସମସ୍ୟା ନୁହେଁ; ଏହା ଏକ ବୈଶ୍ୱିକ ସମସ୍ୟା । ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବୈଶ୍ୱିକ ତାପମାତ୍ରାକୁ ଆହୁରି ପ୍ରଜ୍ୱଳିତ କରିବାରେ ଖୋରାକ୍ ଯୋଗାଇଛି ବୋଲି କହିଲେ ଭୁଲ୍ ହୋଇ ନ ପାରେ । ତେଣୁ ବେଳହୁଁ ସାବଧାନ ନ ହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନ କଲେ, ଧ୍ୱଂସ ହିଁ ସାର ହେବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ୍ ନଂ-୩, ଶିଶୁପାଳଗଡ଼,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଦୋଳ ଉତ୍ସବ ଉଦ୍‌ଯାପିତ



**ଭୋଗରାଇ, ୯।୩(ସମିସ) :** ଭୋଗରାଇ ବ୍ଲକ ମନ୍ଦାରସାହି ଗିରି ଗୋବର୍ଦ୍ଧନ ଯୁବକ ସଂଘ ପକ୍ଷରୁ ଆୟୋଜିତ ହେଉଥିବା ଦୋଳ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୨୪ ପ୍ରହର ବ୍ୟାପି ନାମ ସଂକୀର୍ତ୍ତନ ସହିତ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ସୁସଜ୍ଜିତ ଦୋଳ ବିମାନଗୁଡ଼ିକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଗାଁ ମଧ୍ୟସ୍ଥଳ ମେଳଣ ପୀଠରେ ବିଜେ ହୋଇ ଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ସଂକୀର୍ତନ ଦଳ ସହିତ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶ୍ରୀ ରାଧାକୃଷ୍ଣ ବିଗ୍ରହଙ୍କ ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ବିଜେ କରିଥିଲେ। ଦକ୍ଷିଣ ମନ୍ଦାରସାହିର ୨ଟି ବିମାନ ମଧ୍ୟ ଏଥିରେ ଶୋଭା ପାଇଥିଲେ। ଅପରାହ୍ନରେ ଦୋଳ ବିମାନଗୁଡ଼ିକୁ ମହିଳାମାନଙ୍କ ଦ୍ୱାରା ଧୂପ ଦୀପ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ୭ଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଚଢେୟା ନାଚ, ପାଲା ପରିବେଷଣ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ମନ୍ଦାରସାହି ଗିରି ଗୋବର୍ଦ୍ଧନ ଯୁବକ ସଂଘ କମିଟିର ପ୍ରମୁଖ ପ୍ରଶାନ୍ତ ମହାନ୍ତି, ଅଧୀର ମହାନ୍ତି, ଅଜିତ ମହାନ୍ତି, ଅଭିମନ୍ୟୁ ମହାନ୍ତି, ରମାକାନ୍ତ ମହାନ୍ତି, ସୁଶାନ୍ତ ମହାନ୍ତି, ରଣଜିତ୍ ମହାନ୍ତି, ପଞ୍ଚାନନ୍ ମହାନ୍ତି, ସୁବାଷ ମହାନ୍ତି, ଗୁଟାମ ମହାନ୍ତି ,ଅତୁଲ ମହାନ୍ତି, ରାମାନି ଗୟାନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମତ୍ସ୍ୟ ଅବତରଣ କେନ୍ଦ୍ର ଲିଜ୍‌କୁ ନେଇ ହଟହଟା

**ଚନ୍ଦନେଶ୍ୱର, ୯।୩ (ସମିସ)**



ତଦନ୍ତ କଲା ସାମୁଦ୍ରିକ ମତ୍ସ୍ୟ ବିଭାଗ

ବାଲେଶ୍ୱର ଜିଲ୍ଲା ଭୋଗରାଇର ବଙ୍ଗୋପସାଗର ଓ ସୁବର୍ଣ୍ଣରେଖା ନଦୀର ମୁହାଣରେ ସରକାର କୋଟି କୋଟି ଟଙ୍କା ବ୍ୟୟରେ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା କୁ ନେଇ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଏହି କ୍ରମରେ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତ ଅଧୀନ କୀର୍ତ୍ତନିଆ ଠାରେ ଏକ ମତ୍ସ୍ୟ ଅବତରଣ କେନ୍ଦ୍ର (ଜେଟି) ନିର୍ମାଣ କରାଯାଇଛି। ଗତ ଡିସେମ୍ବର ୧୧ତାରିଖରେ ଫିସଫେଡ ମାଧ୍ୟମରେ ଓଡିଶା ସରକାର ଉକ୍ତ ଜେଟି ର ପରିଚାଳନା ପାଇଁ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରିବା ସହିତ ଏହାକୁ ୧ଲକ୍ଷ ଟଙ୍କା ମୂଲ୍ୟରେ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ତେବେ ୩ ମାସ ବିତିଯାଇଥିଲେ ମଧ୍ୟ ଏଯାଏଁ ଫିସଫେଡ ତରଫରୁ ଶୌଚାଳୟ ଓ ଅଫିସ ଗୃହର ଚାବି ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ରକୁ ତଟବର୍ତ୍ତୀ ସାମୁଦ୍ରିକ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିକୁ ଔପଚାରିକ ଭାବେ ହସ୍ତାନ୍ତର କରି ନାହାନ୍ତି ବୋଲି ସମବାୟ ସମିତି ତରଫରୁ ଅଭିଯୋଗ ହୋଇଥିଲା। କେତେକ ପ୍ରଭାବଶାଳୀ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବିଶେଷ ଜୋରଜାର ମୂଳକ ତା'ର ନୀତିରେ ଅବତରଣ କେନ୍ଦ୍ରକୁ ମାଡ଼ି ବସିଥିବା ସହ ଶୌଚାଳୟ ଓ ଅଫିସ ଗୃହକୁ ସେମାନଙ୍କ ବ୍ୟବସାୟ ପାଇଁ ବ୍ୟବହାର କରୁଥିବା ସହିତ ମାଛ ବେପାରୀ, ଡଙ୍ଗା ମାଲିକ, ମତ୍ସ୍ୟଜୀବୀଙ୍କ ଠାରୁ ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ଲିଜ ନେଇଥିବା ସମବାୟର ସମିତିର ସଦସ୍ୟ କିମ୍ବା ମତ୍ସ୍ୟଜୀବୀ ମାନଙ୍କୁ ଉକ୍ତ ଜେଟି ମଧ୍ୟକୁ ପ୍ରବେଶ ସୁବିଧା ନ ମିଳିବା ଏବଂ ସେ ସ୍ଥାନଟି ଗାଡି ପାର୍କିଂ ପାଲଟିଥିବା ନେଇ ସମବାୟ ସମିତିର ସମ୍ପାଦକ ରାଧାମୋହନ ବର୍ମନ, ସଭାପତି କାର୍ତ୍ତିକ ଚନ୍ଦ୍ର ମଙ୍ଗଳ ଙ୍କ ସହ ସମ୍ପାଦିକା ରଞ୍ଜିତା ବର୍ମନ, ରାମଚନ୍ଦ୍ର ଆଧେକ, ସୁଶାନ୍ତ ପ୍ରଧାନ, ଧୃତିରଞ୍ଜନ ଜେନା, ଖଗେନ୍ଦ୍ର ଜେନା, ନନୀଗୋପାଳ ରଞ୍ଜିତ, ଅଜୟ ବର୍ମନ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ଏଥିପାଇଁ ସୋମବାର ମତ୍ସ୍ୟ ସମବାୟ ସମିତିର ଆଇସିଏସ ସତ୍ୟ ରଞ୍ଜନ ମହନ୍ତ, ଭୋଗରାଇ ଏଏଫଓ ନିରଞ୍ଜନ ମଣ୍ଡଳ, ବାଲିଆପାଳ ସାମୁଦ୍ରିକ ସଂପ୍ରସାରଣ ଏଏଫଓ କ୍ଷୀରୋଦ ରାଉତ, ସାମୁଦ୍ରିକ ସଂପ୍ରସାରଣ ଅଧିକାରୀ ଚନ୍ଦନେଶ୍ୱର ଅନନ୍ତ ଜେନା, ସାଗର ମିତ୍ର ସଂଗ୍ରାମ କୁମାର ନନ୍ଦୀ ପ୍ରମୁଖ କୀର୍ତ୍ତନିଆ ମତ୍ସ୍ୟ ଅବତରଣ କେନ୍ଦ୍ରରେ ପହଞ୍ଚି ଏହାର ତଦନ୍ତ କରିଥିବା ଜଣାପଡ଼ିଛି। ତୁରନ୍ତ ଏହି ମତ୍ସ୍ୟ ଅବତରଣ କେନ୍ଦ୍ରକୁ ମତ୍ସ୍ୟଜୀବୀ ସମବାୟ ସମିତିକୁ ହସ୍ତାନ୍ତର କରାଯିବା ପାଇଁ ସମିତି ପକ୍ଷରୁ ଦାବି ହୋଇଛି।

# ବ୍ୟକ୍ତିଗତ ଜମିରେ ସରକାରୀ କଂକ୍ରିଟ ରାସ୍ତା ନିର୍ମାଣ ଅଭିଯୋଗ



**ଭୋଗରାଇ, ୯।୩ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ହରିଦାସପୁର ଗ୍ରାମରେ ଘରୋଇ ବ୍ୟକ୍ତିଗତ ଜମିରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରୁ ଏକ କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ମୁତାବକ ହରିଦାସପୁର ଗ୍ରାମ ମଧ୍ୟ ଦେଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ମୁଖ୍ୟ କଂକ୍ରିଟ ରାସ୍ତା ରହିଛି। ଗ୍ରାମର ବିଭିନ୍ନ ଅଂଶର ଜନବସତିକୁ ଯାତାୟତ ପାଇଁ ସଂଯୋଗକାରୀ ୪/୫ ଟି ମୁଖ୍ୟ ସରକାରୀ ରାସ୍ତା ରହିଥିଲା ବେଳେ ଏଗୁଡ଼ିକ ଏପର୍ଯ୍ୟନ୍ତ କଂକ୍ରିଟରେ ରୂପାନ୍ତରିତ ହୋଇପାରି ନାହିଁ। ଗାଁ ଲୋକେ ମୁଖ୍ୟ ରାସ୍ତାକୁ ବାହାରିବା ପାଇଁ ଏବେ ବି କଚ୍ଚା ମାଟି ରାସ୍ତା ବ୍ୟବହାର କରୁଛନ୍ତି। ତେବେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ହରିଦାସପୁର ଗ୍ରାମର ଉକ୍ତ ପ୍ରଧାନମନ୍ତ୍ରୀ ସଡକର ବଲାଇ ଦାସ ମହାପାତ୍ର ଛକ ଠାରୁ କାଳି ମନ୍ଦିର ପର୍ଯ୍ୟନ୍ତ ଏକ ନୂତନ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ "ବିକଶିତ ଗାଁ ବିକଶିତ ଓଡିଶା" ଯୋଜନାରୁ ୪ ଲକ୍ଷ ୨୭ ହଜାର ୯୭ ଟଙ୍କା ସରକାରୀ ପାଣ୍ଠି ମଞ୍ଜୁର ହୋଇ ରାସ୍ତା ନିର୍ମାଣ ହୋଇଥିଲା ବେଳେ ଗ୍ରାମବାସୀ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ରହିଛନ୍ତି। ଏହାବ୍ୟତୀତ ନିର୍ମାଣାଧୀନ ଏହି ରାସ୍ତାରେ ମାତ୍ର ୭୦ ମିଟର ଲମ୍ବ ସରକାରୀ ରାସ୍ତା ରହିଥିଲା ବେଳେ ଅବଶିଷ୍ଟ ପ୍ରାୟ ୧୫୦ ମିଟରରୁ ଉର୍ଦ୍ଧ ଲମ୍ବା ରାସ୍ତା ଘରୋଇ ବ୍ୟକ୍ତିଗତ ପ୍ଲଟ ନଂ ୬୪୫,୬୭୨,୬୭୩ ଓ ୬୭୪ ଜମିରେ ନିର୍ମାଣ ହୋଇଥିବା ସୂଚନା ମିଳିଛି। ବିଭାଗୀୟ କାର୍ଯ୍ୟାଦେଶ ସହିତ ଦାୟିତ୍?ରେ ଥିବା କନିଷ୍ଠ ଯନ୍ତ୍ରୀ ଏ ବାବଦରେ ଜାଣି ମଧ୍ୟ ସରକାରୀ ଅର୍ଥରେ ଏହି ରାସ୍ତା ନିର୍ମାଣ କରିଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଗାଁରେ ବହୁଳ ବ୍ୟବହୃତ ଏକାଧିକ ସରକାରୀ ରାସ୍ତା ଏପର୍ଯ୍ୟନ୍ତ କଚ୍ଚା ଅବସ୍ଥାରେ ରହିଥିଲେ ମଧ୍ୟ ସେଥିରୁ କୌଣସି ଗୋଟିଏ ବି ରାସ୍ତା କଂକ୍ରିଟ ନିର୍ମାଣ ନ କରି ସରକାରୀ ଅର୍ଥ ବିନିଯୋଗରେ ବ୍ୟକ୍ତିଗତ ଘରୋଇ ଜମିରେ କଂକ୍ରିଟ ରାସ୍ତା ନିର୍ମାଣକୁ ଗ୍ରାମବାସୀ ମାନେ ନାପସନ୍ଦ କରିଛନ୍ତି। ଏ ନେଇ କ୍ଷେତ୍ର ତଦନ୍ତ ପୂର୍ବକ ଦୋଷୀଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୱାର୍ଡସଭ୍ୟ ମଧୁସୂଦନ ନାୟକ, ଗ୍ରାମ ମୁଖ୍ୟ ସୁରପତି ମହାନ୍ତିଙ୍କ ସମେତ ଶିଶିର ମହାପାତ୍ର,ଦିଲ୍ଲୀପ ମହାପାତ୍ର, ହିମାଂଶୁ ଶେଖର ମହାପାତ୍ର, ଗିରିଜା ଶଙ୍କର ମହାନ୍ତି, ଜଗନ୍ନାଥ ମାଝୀ, ମଧୁସୂଦନ ପାତ୍ର,ବରୁଣ ପାତ୍ର, ସୁବଳ ପାତ୍ର,ଅଜୟ ଦାସ, ଜୟଚନ୍ଦ୍ର ପାତ୍ର ପ୍ରମୁଖ ଶତାଧିକ ଗ୍ରାମବାସୀ ଭୋଗରାଇ ବିଡ଼ିଓ ଶ୍ରୀ ମହାରଣାଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି।

● ଅଲ୍‌ଓଡ଼ିଶା ମାଷ୍ଟର୍ସ ଷ୍ଟେଟ୍ ଚାମ୍ପିଅନସିପ୍

# ବାଲେଶ୍ୱର ଭେଟେରାନ୍ ବ୍ୟାଡମିଣ୍ଟନ୍ ଦଳ ଜିତିଲେ ୬ ପଦକ




**ବାଲେଶ୍ୱର, ୯।୩ (ସମିସ):** ବରଗଡ଼ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନ ସହ ମିଳିତ ଭାବରେ ଆୟୋଜିତ "ୟୋନେକ୍ସ-ସନରାଇଜ୍ ଓଏସବିଏ ଅଲ୍ ଓଡ଼ିଶା ମାଷ୍ଟର୍ସ ଷ୍ଟେଟ୍ ଚାମ୍ପିଅନସିପ୍ ୨୦୨୬' ସମାପ୍ତ ହୋଇଯାଇଛି। ବାଲେଶ୍ୱର ଭାଟେରାନ୍ ବ୍ୟାଡମିଣ୍ଟନ୍ ଦଳ ୬ଟି ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ସାରା ଓଡ଼ିଶାରୁ ବିଭିନ୍ନ ବୟସ ବର୍ଗରେ ୧୫୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱରରୁ ୧୦ ଜଣ ଖେଳାଳି ବିଭିନ୍ନ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ ଯେଉଁଥିରୁ ଜୟପ୍ରକାଶ ସିଂ ୪୦+ ପୁରୁଷ ସିଙ୍ଗଲ୍ସ ଚାମ୍ପିଅନ୍, ବିନୋଦ ଶାହା ଏବଂ ଅଜୟ ଦୋସି ଯୋଡି ୬୫+ ପୁରୁଷ ଡବଲ୍ସ ଚାମ୍ପିଅନ୍, ଗୌରୀ ଶଙ୍କର ବିସି ଏବଂ ବିନୋଦ ଶାହା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାଲେଶ୍ୱର ଖେଳାଳି ଗୁନାନିଧି ସେଠୀ ଏବଂ ପ୍ରଦୀପ ଧୀର ୬୫+ ପୁରୁଷ ଡବଲ୍ସ ଇଭେଣ୍ଟରେ ଦ୍ୱିତୀୟ ହୋଇଥିଲେ, ଗୋରୀ ସଙ୍କର ବିସି ୬୦+ ପୁରୁଷ ସିଙ୍ଗଲ୍ସରେ ରନର୍ସ ହୋଇଥିଲେ ଏବଂ ଗୁନାନିଧି ସେଠୀ ମଧ୍ୟ ୬୫+ ପୁରୁଷ ସିଙ୍ଗଲ୍ସରେ ରନର୍ସ ହୋଇଥିଲେ। ସମସ୍ତେ ୧୮ ମାର୍ଚ୍ଚରୁ ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଗୋଆର ନାଭେଲିମରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ମାଷ୍ଟର୍ସ ନ୍ୟାସନାଲ ଚାମ୍ପିଅନସିପରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ବଲାଙ୍ଗୀର ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ସୁରୁଲାଲ ମୋଟାରୀ, ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ମନୋରଞ୍ଜନ ପଣ୍ଡା ଏବଂ ବରଗଡ଼ ଜିଲ୍ଲା ବ୍ୟାଡମିଣ୍ଟନ ସଚିବ ଶିବମ୍ ଅଗ୍ରୱାଲ ଉପସ୍ଥିତ ଥିଲେ ଏବଂ ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ଶିକ୍ଷାବିତ୍ ରାମକୃଷ୍ଣ ସାହୁଙ୍କ ପରଲୋକ

**ଜଳେଶ୍ୱର, ୯।୩ (ସମିସ) :** ଜଳେଶ୍ୱର ବ୍ଲକ ଆର ଆର ପୁର ପଞ୍ଚାୟତ ଏକତାଳି ମାଟିର ସୁଯୋଗ୍ୟ ସନ୍ତାନ, ଆଦର୍ଶ ପ୍ରଧାନ ଶିକ୍ଷକ ରାମକୃଷ୍ଣ ସାହୁ (୭୫)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ୩ ମାସ ତଳେ ଏକ ସଡ଼କ ଦୁର୍ଘଟଣା ରେ ଆହତ ହୋଇ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଥିଲେ। ସେ ପ୍ରଥମେ ବାଘମାରି ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ଚୋରମାରା ହାଇସ୍କୁଲ ଏବଂ ପୁରୀ ଜିଲ୍ଲା ରୁପା ଦେଇ ପୁରି ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଆରତୀ ସାହୁ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପୁତ୍ର ବଧୂ ପରିବାର ବର୍ଗ ଉପସ୍ଥିତ ଥିଲେ। ଶିକ୍ଷକ ନେତା ଖଗେନ୍ଦ୍ର ନାଥ ସାହୁ, ମଧୁସୁଦନ ସେନାପତି, ଶିକ୍ଷାବିତ୍ ଅଜିତ କୁମାର ମହାନ୍ତି, ଡା. ଜୀବନ କୃଷ୍ଣ ସାହୁ, ଆଇନଜୀବୀ ରାମଚନ୍ଦ୍ର ଜେନା, ମନ୍ଟୁସୋ କାମିଲା,ପ୍ରବୀର ଦାସ, ଜାମିନି ରାଉତ,କମଳ ପରିଡ଼ା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଜଳୁଛି କୁଲଡିହା ଜଙ୍ଗଲ

**ନୀଳଗିରି, ୯।୩ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟର ତିନିକୋଶିଆ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଥିବା ବେଳେ ନିଆଁ ବିସ୍ତିର୍ଣ୍ଣ ଭାବେ ବ୍ୟାପିବାରେ ଲାଗିଛି। ନିଆଁରେ ମୂଲ୍ୟବାନ ଔଷଧୀୟ ବୃକ୍ଷ ଜଳି ଯିବା ସହିତ ଜଙ୍ଗଲରେ ବସବାସ କରୁଥିବା ବିଭିନ୍ନ ପ୍ରଜାତିର ସରୀସୃପ ମୃତ୍ୟୁ ଘଟୁଛି। ନିଆଁକୁ ଆୟତ କରିବାକୁ ଯାଇ ବନବିଭାଗ କର୍ମଚାରୀ ଆପ୍ରଣା ଉଦ୍ୟମ କରୁଥିବାର ଦେଖିବାକୁ ମିଳିଛି। ବ୍ଲୋୟର ମେସିନ ମାଧ୍ୟମରେ ନିଆଁକୁ ଆଂଶିକ ଭାବେ ଆୟତ କରାଯାଇଥିବା ବେଳେ ନିଆଁ ବିଭିନ୍ନ ସ୍ଥାନକୁ ବ୍ୟାପିଚାଲିଛି। ତେବେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ଜଙ୍ଗଲ ବିଭାଗ ପକ୍ଷରୁ ସଚେତନ ସୃଷ୍ଟିର ଆବଶ୍ୟକ ରହିଛି ବୋଲି ପରିବେଶବିତ ମତପ୍ରକାଶ କରିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

ରାଜଘାଟ, ୯।୩ (ସମିସ): ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଜୈନିକ ମହିଳା ପାରିବାରିକ କନ୍ଦଳକୁ କେନ୍ଦ୍ର କରି ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ନରେନ୍ଦ୍ର ପରିଡ଼ାଙ୍କ ସ୍ତ୍ରୀ ଦେବୀ (୨୫)। ଆଜି ସକାଳ ପ୍ରାୟ ୯ ଟା ସମୟରେ ଶୋଇବା ଘରେ ବେକରେ ଲୁଗା ଗୁଡ଼ାଇ ଫ୍ୟାନରେ ବାନ୍ଧି ହୋଇ ଝୁଲି ପଡ଼ିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସଚେତନତା ଶିବିର



**ବାଲେଶ୍ୱର, ୯।୩ (ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ମହିଳା ଦିବସ ଅବସରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ପକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଇନ୍ଦିରା ପ୍ରିୟଦର୍ଶିନୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ (ରୁରାଲ) ସରୀତା ପଣ୍ଡା, ବରିଷ୍ଠ ଆଇନଜୀବୀ ସସ୍ମିତା ମିଶ୍ର, ଲାୟନ୍ସ କ୍ଲବ୍, ବାଲେଶ୍ୱର ଗଭର୍ନର ମମତା ଦାସ, ଜିଲ୍ଲା ସହକାରୀ ଚିକିତ୍ସା ଏବଂ ଜନ ସ୍?ାସ୍ଥ୍ୟ ଅଧିକରୀ ଡାକ୍ତର ସୁମିତ୍ରା ଦେ, ସରସ୍ୱତୀ ଶିଶୁ ମନ୍ଦିର, ବାଲିଆର ଆଚାର୍ଯ୍ୟ ଡକ୍ଟର ତନଶ୍ରୀ ପାଣିଗ୍ରାହୀ, ଡେପୁଟି ସୁପରିଟେଡେଟ୍ ଅଫ୍ ପୁଲିସ୍ ଚାନ୍ଦମଣି ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଶିବିରରେ ପ୍ରଥମ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ, ବାଲେଶ୍ୱର ଇରଶାଉଦ୍ଦୁନ୍ ନବୀ, ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଏସ.ସି ଏଣ୍ଡ ଏସ.ଟି ଜଜ୍ ଅବଦୁଲ୍ ସମୀମ୍ ଅଖତର, ଦ୍?ିତୀୟ ଅତିରିକ୍ତ ବରିଷ୍ଠ ଦେଓନୀ ବିଚାରପତି ବାଲେଶ୍ୱର ପଙ୍କଜଳି ସାହୁ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ (ସିଟି) ସମ୍ବେଦନା ସନ୍ଦୀପ୍ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ବାର ଏସୋସିଏସନ୍ ଆଇନ୍‌ଜୀବୀ, ଅଧିକାର ମିତ୍ର (ପାରାଲିଗାଲ୍ ସ୍ୱେଚ୍ଛାସେବୀ), ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଜିଲ୍ଲା ଜଜ୍ କୋର୍ଟ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସ୍ୱାତୀ ସତ୍ୟନିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ଶୁଭଶ୍ରୀ ପ୍ରଧାନ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକ

**ଜଳେଶ୍ୱର, ୯।୩ (ସମିସ):** ଚାକିରୀ ନ କରି ଗାଁ କୁ ଗାଁ ବୁଲି ବୁଲି ପାଠ ପଢ଼ାଇ ପିଲାଙ୍କୁ ମଣିଷ କରିଥିବା ଟିଉସନ ସାର ଆଉ ନାହାନ୍ତି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର କୁଆଁରପୁର ଗ୍ରାମର ୪୭ ବର୍ଷୀୟ ଗୋପାଳକୃଷ୍ଣ କରଣ ୩ ବର୍ଷ ପୂର୍ବରୁ ହୃଦରୋଗରେ ପିଡୀତ ରହି ଗତ ଜାନୁଆରି ମାସରେ ଅସ୍ତ୍ରୋପଚାର ହୋଇଥିଲେ। ଆଜି ହଠାତ ତାଙ୍କର ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ବାଲେଶ୍ୱର ଚିକିତ୍ସା ପାଇଁ ନେଉଥିବା ସମୟରେ ଚମାରଗାଁ ନିକଟରେ ତାଙ୍କର ପ୍ରଣାବାୟୁ ଓଡ଼ି ଯାଇଥିଲା। ୧୯୯୭ ମସିହରୁ ଅଦ୍ୟାବଧି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଟିଉସନ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ଛାତ୍ରଛାତ୍ରୀ, ଗ୍ରାମ ଓ ପାଖାପାଖି ଗ୍ରାମର ଲୋକେ ଶେଷ ଦର୍ଶନ କରିଥିଲେ। ତାଙ୍କର ମୃତ୍ୟୁରେ ସମୀର ଘଡେଇ, ନବ କୁମାର ପାଳ, ବଳରାମ ପାଳ, ସୁମନ୍ତ ପାଳ ଏବଂ ସାମ୍ବାଦିକ ଆଲୋକ ଘଡେଇଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ଓ ଦୁଇ ପୁଅ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶବ ଦାହ ହୋଇଥିବା ବେଳେ ବଡ଼ ପୁଅ ଚିକୁ ଓ ସାନ ପୁଅ ସତ୍ୟସାଇ ମୁଖାଗ୍ନି ଦେଇଥିଲେ।

## କୃପାକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ

**ଭୋଗରାଇ, ୯।୩ (ସମିସ) :** ଧର୍ମୀୟ ଚେତନା ହିଁ ସୃଷ୍ଟି ରକ୍ଷାର ଏକମାତ୍ର ମାଧ୍ୟମ। ଆଧୁନିକ ଯୁଗରେ ବିଜ୍ଞାନ କ୍ଷୀପ୍ର ଗତିରେ ଆଗକୁ ବଢୁଥିବା ବେଳେ ହିଂସା, ଦ୍ୱେଷ, ଅସହନଶୀଳ ମନୋଭାବ ବୃଦ୍ଧି ପାଇ ଚାଲିଛି। ଏସବୁରୁ ନିବୃତ୍ତ ହେବା ଓ ଶାନ୍ତ ଚିତ୍ତ ପାଇଁ ଈଶ୍ୱର ଭକ୍ତି ଓ ସମର୍ପଣ ଆବଶ୍ୟକ ବୋଲି ଭୋଗରାଇ ବ୍ଲକ ରସିଦପୁର ସ୍ଥିତ ଜଗନ୍ନାଥ ମନ୍ଦିର କୃପାକ୍ଷେତ୍ରର ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ମନ୍ଦିର କମିଟିର ସଭାପତି ଶ୍ରୀକୃଷ୍ଣ ଦାସ, ସମ୍ପାଦକ ନଟ ରଞ୍ଜନ ଘରାଇ, ମୁଖ୍ୟ ଅତିଥି ଶ୍ରୀନିବାସ ଚନ୍ଦ୍ର ପ୍ରଧାନ, ମୁଖ୍ୟ ସେବାୟତ ଅରବିନ୍ଦ କର, ରାମକୃଷ୍ଣ ଦାସଅଧିକାରୀ ବିପିନ କୁମାର କର ପ୍ରମୁଖ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଓ ଅପାର କରୁଣା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ କିଶୋର କୁମାର ଦାସ, ଅଶ୍ୱିନୀ କୁମାର ଦଣ୍ଡପାଟ, କାର୍ତ୍ତିକ ଚନ୍ଦ୍ର ସାହୁ, ଅମ୍ବିକା କର, ବିଜୟ କୁମାର ଘଡ଼ାଇ, ବ୍ରଜ ଗୋପାଳ ଦାସ, ସୁଧାକର ଗିରି, ପୂର୍ଣ୍ଣ ଚନ୍ଦ୍ର ପାଳ, ଗୌରଚନ୍ଦ୍ର ପାଳ ପ୍ରମୁଖଙ୍କ ସମେତ ବରିଷ୍ଠ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜଳେଶ୍ୱରରେ ଟ୍ରମା କେୟାର ସେଣ୍ଟର ଖୋଲିବା ଦାବି

**ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୯।୩ (ସମିସ) :** ବାଲେଶ୍ୱର ଜିଲ୍ଲା ଉପାନ୍ତ ଭୋଗରାଇ ବ୍ଲକ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୧୦୦କିମିରୁ ଅଧିକ ଦୂର। ଏଠାରେ ଯେତେବେଳେ କୌଣସି ଦୁର୍ଘଟଣା ଘଟେ ତେବେ ରୋଗୀ କୁ ତ୍ୱରିତ ଚିକିତ୍ସା ପାଇଁ ୨ ଘଣ୍ଟା ସମୟ ଲାଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପହଂଚିବା ପାଇଁ। ସେତେବେଳକୁ ଜରୁରୀ କାଳୀନ ଚିକିତ୍ସା ପାଇଁ ଗୋଲଡେନ ଆୱାର ବା ସ୍ୱର୍ଣ୍ଣିମ ମୁହୂର୍ତ୍ତ ବିତି ଯାଇଥାଏ। ତେଣୁ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାଏ। ତେଣୁ କେନ୍ଦ୍ର ସରକାରଙ୍କ ନିୟମ ମୁତାବକ ଜାତୀୟ ରାଜପଥ ପାଶ୍ୱର୍ରେ ଟ୍ରମା କେୟାର ଖୋଲିବା କଥା।ମାତ୍ର ବାଲେଶ୍ୱର ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ଦୀର୍ଘ ୫୫କିମି ରାସ୍ତା ମଧ୍ୟରେ ଆଦୌ ଏହି ସେଣ୍ଟର ପ୍ରତିଷ୍ଠା କରାଯାଇନାହିଁ। ଏ ନେଇ ଆଜି ବିଧାନସଭା ଅଧିବେଶନର ପ୍ରଶ୍ନକାଳ ରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏହି ପ୍ରସଙ୍ଗ ଉଠାଇ ୧୬ନଂ ଜାତୀୟ ରାଜପଥ ଜଳେଶ୍ୱର ଠାରେ ଏକ ଟ୍ରମା କେୟାର ସେଣ୍ଟର ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଶ୍ରୀ ଦାସ ଦର୍ଶାଇ ଥିଲେ ଯେ, ଭୋଗରାଇରୁ ବାଲେଶ୍ୱର ପ୍ରାୟ ୧୦୦ କିମି ଦୂର। ତେଣୁ ଭୋଗରାଇରେ କୌଣସି ରାସ୍ତା ଦୁର୍ଘଟଣାରେ କୌଣସି ବ୍ୟକ୍ତି ଗୁରୁତର ଆହତ ହେଲେ ବାଲେଶ୍?ର ପହଞ୍ଚିଲା ବେଳକୁ ପ୍ରାୟ ୨ଘଣ୍ଟାରୁ ଅଧିକ ସମୟ ଲାଗୁଛି ଏବଂ ବହୁ ସମୟରେ ତ୍ୱରିତ ଚିକିତ୍ସା ଅଭାବରୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହା ହୋଇପାରିଲେ ଭୋଗରାଇ, ଜଳେଶ୍ୱର ଓ ବସ୍ତା ଭଳି ୩ଟି ନିର୍ବାଚନ ମଣ୍ଡଳୀର ଅଧିବାସୀ ଉପକୃତ ହୋଇପାରିବେ। ଏହାର ଉତ୍ତରରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ ଭୋଗରାଇ ବିଧାୟକଙ୍କ ଦବୀର ଯଥାର୍ଥତା ରହିଛି।ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ତଥା ବିଭାଗୀୟ ଅଧିକାରୀ ମାନଙ୍କ ସହ ପୂର୍ବରୁ ମଧ୍ୟ ଆଲୋଚନା ହୋଇଛି। ତେଣୁ ଏହି ପ୍ରସ୍ତାବ କୁ ଗୁରୁତର ସହ ରାଜ୍ୟ ସରକାର ବିଚାରକୁ ନେବେ ବୋଲି ସେ ପ୍ରକାଶ କରିଥିଲେ।

## ଓଲଟିଲା ଧାନ ଟ୍ରକ, ଚାଳକ ଗୁରୁତର

**ସୋର, ୯।୩ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରେ ଏକ ଧାନ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ଏହାର ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆଜି ସଂଧ୍ୟାରେଟ୍ରକଟି ଧାନ ବୋଝେଇ କରି ବାଲିଆପାଳରୁ ସିମୁଳିଆ ଅଭିମୁଖେ ଯାଉଥିଲା। ଏହି ସମୟରେ ସୋର ଥାନା ବିଦୁ ନିକଟରେ ଭାରସାମ୍ୟ ହରାଇ ଟ୍ରକଟି ରାସ୍ତା କଡରେ ଓଲଟି ପଡିବାରୁ ଏହାର ଚାଳକ ବସ୍ତା ଅଞ୍ଚଳର କାଳିଆ ଦଳେଇ (୩୬) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଏବଂ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରିଥିବା ଜଣାପଡିଛି।

# ବରହମପୁର ମଣ୍ଡଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ନୀଳଗିରି, ୯।୩ (ସମିସ)**



ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତ ଇସାନେଣ୍ଡି ଗ୍ରାମଠାରେ ଥିବା ଅବସର କର୍ମଚାରୀ ସଂଘ ଭବନରେ ପଞ୍ଚଦଶ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ରବି ନାରାୟଣ ଚୌଧୁରୀ ସାଙ୍ଗଠନିକ ଭାଷଣ ପ୍ରଦାନ କରିଥିଲେ।ପରେ ୯ ଟା୨୦ ମିନିଟ ସମୟରେ ସାଂଗଠନିକ ନିର୍ବାଚନ ହୋଇଥିଲା। ପୂର୍ବାହ୍ନ ୧୦ ଘଟିକା ସମୟରେ ସାଧାରଣ ଅଧିବେଶନ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଜଜ ଭାସ୍କର ଚନ୍ଦ୍ର ସାହୁ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘର ସ୍ଥାୟୀ ସଭାପତି ଅବସର ପ୍ରାପ୍ତ ପ୍ରଫେସର ରବି ନାରାୟଣ ଚୌଧୁରୀ ଅତିଥି ପରିଚୟ ପ୍ରଦାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଦିବଙ୍ଗତ ଅବସରପ୍ରାପ୍ତ କର୍ମଚାରୀଙ୍କ ଅର୍।।ରେ ସଦଗତି ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ସମ୍ପାଦକୀୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ବର୍ଷର ଆୟ, ବ୍ୟୟର ହିସାବ ଉପସ୍ଥାପନ କରିବା ସହିତ ୨୦୦୮ ମସିହାରୁ କିଛି ସଦସ୍ୟଙ୍କୁ ନେଇ ଆରମ୍ଭ କରାଯାଇଥିବା ଉକ୍ତ ସଙ୍ଘ ବହୁ ଅଭାବ ଅନାଟନ ଭିତରେ ଗତି କରୁଥିଲାବେଳେ ବୃକ୍ଷରୋପଣ, ରକ୍ତଦାନ ଶିବିର, ଅସହାୟଙ୍କୁ ସହାୟତା, ତତ୍କାଳ ସେବା ସଙ୍ଘ ଦେଇ ଆସୁଛି। ଜାତୀୟ ପେନସନ ଦିବସ, ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସ ପାଳନ ସହିତ ଉକ୍ତ ସଙ୍ଘ କୁଞ୍ଜଲତା ରବିନାରାୟଣ ଚୌଧୁରୀ ମେମୋରିଆଲ ଫଣ୍ଡସ ମାଧ୍ୟମରେ ମେଧା ପୁରସ୍କାର ପ୍ରୋତ୍ସାହନ କାର୍ଯ୍ୟକ୍ରମ ପ୍ରତିବର୍ଷ କରିଆସୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସଂଘର ଉପସଭାପତି ଡ଼. ସୁଦର୍ଶନ ଦାସ ଯୋଗଦେଇ ଥିବା ବେଳେ ତାଙ୍କ ଅଭିଭାଷଣରେ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଦେବା ସହିତ ନିରାମୟ ଓ ଦୀର୍ଘାୟୁ କାମନା କରିଥିଲେ। ଅନୁଷ୍ଠାନ ବଞ୍ଚାଇ ରଖିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରସପ୍ରାପ୍ତ ରେଞ୍ଜର ବଙ୍ଗରାଜ ସୋରେନ ମଞ୍ଚାସୀନ ଥାଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବୟୋଜ୍ୟୋଷ୍ଠ ବ୍ୟକ୍ତି ଓ ମେଧାବୀ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମଣ କୁମାର ସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପରିଚାଳନା ପ୍ରଦୀପ ପଶା, କୋଷାଧ୍ୟକ୍ଷ ବାଇଧର ପଣ୍ଡା, ସହ ସମ୍ପାଦକ କୈଳାଶ ଚନ୍ଦ୍ର ମିଶ୍ର, ଅଡିଟର ଦୀନବନ୍ଧୁ କବାଟ ଓ ନରେନ୍ଦ୍ର ନାଥ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡିରେ ଧାନ କିଣା ନ ଯିବାରୁ ଉତ୍ତେଜନା

**ସିମୁଳିଆ, ୯।୩ (ସମିସ)**



ସିମୁଳିଆରେ ଚାଷୀମାନେ ଧାନ ବିକ୍ରି କରି ପାରୁ ନ ଥିବାରୁ ସେମାନଙ୍କ ଟୋକନ ଅବଧି ସରି ଯାଉଥିବାରୁ ସମସ୍ତ ଚାଷୀଙ୍କ ଠାରୁ ମଣ୍ଡିରେ ଧାନ କିଣିବାକୁ ବିଧାୟକ ନିର୍ଦ୍ଦେଶ ଦେବା ସତ୍ତ୍ୱେ ମଣ୍ଡିରେ ଧାନ ନ କିଣି ଅଫିସ ରେ ବସି ଦଲାଲଙ୍କ ଜରିଆରେ ଧାନ ଏଣ୍ଟ୍ରି କରା ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଚଣ୍ଡୀ ଘର ସେବା ସମିତିରେ କହ୍ନେଇବିନ୍ଧାମଣ୍ଡିରେ ଧାନ କିଣା ନ ଯାଇ ଏଣ୍ଟ୍ରି ଖବର ପାଇ ସିମୁଳିଆ ଯୋଗାଣ ନିରୀକ୍ଷକ ତଦନ୍ତ କରି କେବଳ ବରି ବାସନ୍ତୀ ମଣ୍ଡପରେ ମଣ୍ଡି ହେଉ ଥିବାର ସୂଚନା ଦେଇଥିଲେ। ସିମୁଳିଆ ରେ ବିଭିନ୍ନ ସେବା ସମବାୟ ସମିତି ରେ ଧାନ କିଣାକୁ ନେଇ ସମସ୍ୟା ଦେଖା ଦେଇଛି। କେଉଁଠି ସମିତି ର ସଭାପତି ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୧୦୦ ଟଙ୍କା ଆଦାୟ କରି ସେମାନଙ୍କୁ ମିଲ ରେ ଧାନ ପକାଇବାକୁ ଅନୁମତି ଦେଉଛନ୍ତି ତ କିଏ ମିଲ ରେ ଧାନ ପକାଇ ମଣ୍ଡି ଟଙ୍କା ହଡପ କରୁଛନ୍ତି। ଫଳରେ ଯିଏ ଟଙ୍କା ଦେଲା ସେ ଧାନ ପକାଉଛନ୍ତି। ଏପରିକି ବର୍ତ୍ତମାନ ସୁଦ୍ଧା ଜାନୁଆରୀ ମାସର ଧାନ ବିକ୍ରି ହୋଇ ନ ଥିବା ବେଳେ ଫେବୃଆରୀ ୨୦ ଟୋକନ ଥିବା ବ୍ୟକ୍ତିଙ୍କ ଧାନ କିଣା ଯାଉଛି। ସିମୁଳିଆ ରେ ପ୍ରାୟ ଅଧା ଧାନ କିଣା ଯାଇ ନ ଥିବାରୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଜାଣିବା ପରେ ଏ ବିଷୟରେ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହିତ କଥା ହୋଇଥିଲେ। ଚାଷୀ ମାନଙ୍କ ଠାରୁ ମଣ୍ଡିରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ। ମିଲର ଆସୁ ନ ଥିବାର ଜାଣି ସମ୍ବଲପୁର ଓ ବରଗଡ଼ ଅଂଚଳରୁ ମିଲର ମାନଙ୍କ ଠାରୁ ଟ୍ରକ ମଗାଇଥିଲେ। ଆଜି ବରଗଡ଼ରୁ ଆସିଥିବା ମିଲର ମାନେ ଜାମୁଝଡି ସମିତିରୁ ଧାନ କିଣି ନେଇଥିବାର ଜଣାପଡିଛି। ଆସନ୍ତା କାଲିଠାରୁ ଅଧିକ ମିଲର ଧାନ କିଣିବାକୁ ଆସିବେ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଚଟଉ

**ଯୋଗାଣ ନିରୀକ୍ଷକଙ୍କ ତଦନ୍ତ**

କମିଟି ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ସୂଚନା ଦେଇଛନ୍ତି। ମିଲରେ ଧାନ ନ ପକାଇ ଚାଷୀ ମାନେ ମଣ୍ଡିରେ ଧାନ ପକାଇ ବାକୁ ଚାଷୀମାନଙ୍କୁ ଅନୁରୋଧ କରିଥିଲେ। ଟାର୍ଗେଟ ନ ଥିଲେ ମଧ ମିଲ ରେ ଅଧିକ ଧାନ କେମିତି ପଡୁଛି, କାହିଁକି ପଡିଛି ସେ ବିଷୟରେ ତଦନ୍ତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେବାସତ୍ତ୍ୱେ ଏହାକୁ ଚଣ୍ଡୀଘର ସମିତି ଉଲ୍ଲଙ୍ଘନ କରି ଥିଲା। ବରି ବାସନ୍ତୀ ମଣ୍ଡପ ରେ ମଣ୍ଡି ହେଉ ଥିବା ବେଳେ ସମ୍ପାଦକ, ଧାନ କିଣୁ ଥିବା ପରଜିଙ୍ଗ ଅଫିସର ଓ ଡିଇଓ କହ୍ନେଇବିନ୍ଧାରେ ବିନା ମଣ୍ଡିରେ ଧାନ ଏଣ୍ଟ୍ରି କରୁଥିବା ର ଖବର ଜିଲ୍ଲା ଯୋଗାଣ ଅଧିକାରୀ ତୁରନ୍ତ ସିମୁଳିଆ ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ବରି ବାସନ୍ତୀ ମଣ୍ଡପରେ ମଣ୍ଡି ହେଉ ଥିବାର ଦେଖିଥିଲେ। ଚାଷୀ ଓ ମିଲରଙ୍କ ବ୍ୟତୀତ କାହାରିକୁ ପାଇ ନ ଥିଲେ। ସମ୍ପାଦକ, ପରଚେଜିଙ୍ଗ ଅଧିକାରୀ ଓ ଡିଇଓଙ୍କ ଦେଖା ମିଳି ନ ଥିଲା। ସମିତିର ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଘଟଣା ସ୍ଥଳ ରେ ପହଂଚି କେବଳ ବାସନ୍ତୀ ମଣ୍ଡପ ରେ ମଣ୍ଡି ହେଉ ଥିବାର କହିଥିଲେ। ଧାନ ମଣ୍ଡି ନ କରି କହ୍ନେଇ ବିନ୍ଧା ରେ ଧାନ ଏଣ୍ଟ୍ରି ହୋଇ ଥିବା ବିଷୟରେ ତଦନ୍ତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଗରିବ ଚାଷୀମାନଙ୍କ ଠାରୁ ମଣ୍ଡିରେ ଧାନ ନ କିଣି ମିଲ ରେ ଧାନ ପକାଇବାକୁ ଚାପ ସୃଷ୍ଟି କରୁଥିବା ସଭାପତି ଓ ସମ୍ପାଦକ ଙ୍କ ବିରୋଧ ରେ ପଦକ୍ଷେପ ନେବାକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଣାଶୁଣାଣି ବେଳେ ଧାରଣାରେ ବସିଲେ ଚାଷୀ



**ବାଲିଆପାଳ/ ଜଳେଶ୍ୱର, ୯।୩ (ସମିସ):** ଜଳେଶ୍ୱର ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୫୬ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା, ପାଣି, ପଶ୍ଚିମବଙ୍ଗକୁ ଚୋରା ମାଟି ଓ ବାଲି ଚାଲାଣ,ଧାନ ବିକ୍ରି ଓ ଶିଶୁ ବଟିକା ଉପରେ ଅଭିଯୋଗ ଆସିଥିଲା। ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସ.ପି ଅନୁପସ୍ଥିତ ଥିବା ବେଳେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପାରିଷଦ ବାଲେଶ୍ୱର ବିଶ୍ୱରଂଜନ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତି ରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ। ଜିଲ୍ଲାପାଳ ନଥିବାରୁ ଅନେକ ଲୋକେ ଫେରି ଯାଇଥିଲେ। ସେହିପରି ଜଣାଶୁଣାଣି ଚାଲିଥିବା ବେଳେ ବ୍ଲକ ଆଗରେ ଧାରଣା ବସିଥିଲେ ଦକ୍ଷିଣ ପ୍ରହରାଜପୁର ସେବା ସମବାୟ ସମିତି ଅନ୍ତର୍ଗତ ରଷୀ ଓ ଡ଼ାଇରେକ୍ଟରମାନେ ଧାନ ବିକ୍ରୟ କରିବା ପାଇଁ ସମବାୟ ସମିତିରେ ୫୪୩ଜଣ ରଷୀ ପଞ୍ଜୀକରଣ କରିଥିଲେ। ସେଥିରୁ ୫୪୨ ଜଣ ଚାଷୀଙ୍କର ଟୋକନ ଆସିଥିଲା। ସେମାନଙ୍କର ଟୋକନ ଅନୁସାରେ ୨୧,୫୦୦ କୁଇଣ୍ଟଲ ଧାନ ଦରକାର। ମାତ୍ର ୯,୦୦୦ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ତା.୦୮.୦୩. ୨୦୨୬ରିଖ ସୁଦ୍ଧା ୭,୯୦୦ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଯାହାକି ୨୪୪ଜଣ ରଷୀ ଧାନ ଦେଇଛନ୍ତି। ତେଣୁ ୩୦୦ରୁ ଅଧିକ ରଷୀ ସେମାନଙ୍କ ଧାନର ପରିମାଣ ୧୩, ୬୦୦ କୁଇଣ୍ଟାଲ ଦରକାର ହେଉଥିବାବେଳେ ଧାନର ଟାର୍ଗେଟ ସରିଯାଇଛି। ଆମ ସେବା ସମବାୟ ସମିତିକୁ ଦୁଇଟି ମିଲରକୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଥିବାବେଳେ ଗୋଟିଏ ମିଲରଙ୍କ ଟାର୍ଗେଟ ସରିଯାଇଛି। ବାକି ଅନ୍ୟ ଗୋଟିଏ ମିଲର ଗୋଟିଏ ଗୋଟିଏ ଗାଡ଼ି କରି ଅଳ୍ପ ଧାନ କିଣୁଛି। ଆମ୍ଭ ପାଖ ସେବା ସମବାୟ ସମିତିମାନଙ୍କରେ ୮୫ଧରୁ ୯୦% ଧାନ କିଣା ଯାଇଥିବାବେଳେ ଆମ ସେବା ସମବାୟ ସମିତି ଅଣଦେଖା କରି ବର୍ତ୍ତମାନ ସୁଦ୍ଧା ୩୫ଧରୁ ଅଧିକ ଧାନ କିଣାଯାଇଅଛି। ସରକାରଙ୍କ ସମୟ ଅନୁସାରେ ୩୧ମାର୍ଚ୍ଚ ୨୦୨୬ ଶେଷ ତାରିଖ ଥିବାବେଳେ ଆଉ ୨୨ଦିନ ଭିତରେ ଗୋଟିଏ ମିଲର ଧାନ କିଣି ସାରି ପାରିବେ ନାହିଁ। ୭ ଦିନ ମଧ୍ୟରେ ସରକାର ଯଦି ସଠିକ୍ ପଦକ୍ଷେପ ନ ନିଅନ୍ତି ତେବେ ଆମ୍ଭେମାନେ ସେବା ସମବାୟ ସମିତି ଆଗରେ ରାସ୍ତା ରୋକ ଆନ୍ଦୋଳନ କରିବୁ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ରେମୁଣା, ୯।୩ (ସମିସ):** ରେମୁଣା ଏନଏସି ଅନ୍ତର୍ଗତ କୁରୁଣିଆ ପଡିଆରେ ସତ୍ୟସାଇ କ୍ରିକେଟ କ୍ଲବ ତରଫରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଡିସିସି ସନ୍ଥପୁରା କେନ୍ଦ୍ରାପଡା, ମହାକାଳ ମୟୂରଭଞ୍ଜ, କମାଣ୍ଡୋ ଭୁବନେଶ୍ୱର, ସୁହାନି ୱେଷ୍ଟ ବେଙ୍ଗଲ, ଇମେଜ ଭଦ୍ରକ, ଟିକୁ ଚେଞ୍ଜର କେଉଁଝର, ଷ୍ଟାର ସ୍କୁଲ ପୁରୀ, ରାଜା ବାଲେଶ୍ୱର ୮ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଆଜି ଡିସିସି ସନ୍ଥପୁରା କେନ୍ଦ୍ରାପଡା ଏବଂ ମହାକାଳ ମୟୁରଭଞ୍ଜ ମଧ୍ୟରେ ଖେଳ ହୋଇଅଛି। ମୁଖ୍ୟଅତିଥି ଭାବେ ୧ ନମ୍ବର ୱାର୍ଡ କାଉନସିଲର ଶକୁନ୍ତଳା ମିଶ୍ର, ମୁଖ୍ୟ ବକ୍ତା ଭାବେ ରେମୁଣା ଆଇଆଇସି ବିମଳ କୁମାର ନାୟକ, ସଭାପତି ହିରଣ୍ୟ ଦାସ, ସମ୍ମାନିତ ଅତିଥି ଭାବେ ରତ୍ନାକର ଗୟା ଓ ଏସ. ଏସ. ସି. ସି. ସଭାପତି ସୁଧୀର ମହାଳିକ, ଦାମୋଦର ମହାଳିକ, ଆଇନଜୀବୀ କରୁଣାକର ମହାନ୍ତି ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ତଲକିଆ ପଞ୍ଚାୟତରେ ପାନୀୟ ଜଳର ଉତ୍କଟ ଅଭାବ

**ଦକ୍ଷିଣ ବାଲେଶ୍ୱର,୯।୩ (ସମିସ):** ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢିବାରେ ଲାଗିଥିବା ବେଳେ ଔପଦା ବ୍ଲକ ମୁଖ୍ୟାଳୟ ଅଧୀନରେ ଥିବା ତଲକିଆ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପାନୀୟ ଜଳ ଯୋଗାଣ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଲୋକେ ବୁନ୍ଦାଏ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଗେଟେଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ପୋଖରୀକୁ ସଂସ୍କାର କାମ ପାଇଁ ଶୁଖାଇ ଦିଆଯାଇଛି। ଏଥିପାଇଁ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଖରୀ ପାଖରେ ଥିବା ନଳକୂପଟି ମଧ ଦୀର୍ଘ ଦିନ ଧରି ଅକାମୀ ହୋଇ ପଡି ରହିଛି, ଯାହାକୁ ମରାମତି



କରିବା ପାଇଁ ବ କୌଣସି ପଦକ୍ଷେପ ନ ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ପ୍ରଶାସନ। ମାଟିଗଡା ଛକ ଓ ପ୍ରତାପପୁର ଗାଁର ଶାସନ ରେ ପାନୀୟ ଜଳ ଯୋଗାଣ ବନ୍ଦ ଅଛି। ଗ୍ରାମବାସୀ ଓ ଗେଟେଶ୍ୱର ମନ୍ଦିର ପାଖରେ ଭକ୍ତ ମାନଙ୍କର ଜଳ ଆବଶ୍ୟକତା ପୂରଣ ପାଇଁ ଥିବା ୨୦୦୦ ଲିଟର ବିଶିଷ୍ଟ ପାଣି ଟାଙ୍କିକୁ ୱାଟର ସପ୍ଲାଇରୁ ପାଣି ଆସୁନାହିଁ। ଫଳରେ ଶହ ଶହ ପରିବାର ଏବେ ପାଣି ପାଇଁ ବାହାର ଉତ୍ସ ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଯଦି ତୁରନ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରାଯାଏ ନାହିଁ, ତେବେ ଆଗାମୀ ଦିନରେ ଆନ୍ଦୋଳନ ହେବାର ଚେତାବନୀ ଦିଆଯାଇଛି। ଏ ସମ୍ପର୍କ ରେ ବିଭାଗୀୟ ଏସଡିଓ ଙ୍କ ମତାମତ ନେବାରୁ ସେ କହିଛନ୍ତି ତୁରନ୍ତ ପାନୀୟ ଜଳ ସମସ୍ୟା ଦୂର କରାଯିବ।

## ଜଳେଶ୍ୱର ପଞ୍ଚାୟତ ସମିତିରେ ଯୁଗ୍ମ ଜନଶୁଣାଣି ଶିବିର



**ଜଳେଶ୍ୱର, ୯।୩ (ସମିସ):** ଜଳେଶ୍ୱର ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉପ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନଶୁଣାଣିରେ ଅତିରିକ୍ତ ଏସ.ପି ନିରଂଜନ ବେହେରା, ପିଡି ବିଶ୍ୱରଂଜନ ନାୟକ, ସି.ଡି.ଏମ.ଓ ପ୍ରଭାତ ବେହେରା ପ୍ରମୁଖ ଯୋଗଦେଇ ଲୋକଙ୍କ ସମସ୍ୟା ବିଷୟରେ ଶୁଣିଥିବା ବେଳେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସଂ, ବିଡିଓ ଗୌରାଙ୍ଗ ଚରଣ ଘୋଷ, ଏସ୍. ଡି.ପି.ଓ ସୁବ୍ରତ ବେହେରା, ଆଇଆଇସି ଅଶୋକ କୁମାର ବାରିକ, ଡି.ଏସ.ଏସ.ଓ, ଡି.ଏସ୍.ଡ.ବ୍ଲ୍ୟୁ, ସି.ଡି.ପି.ଓଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ସମସ୍ୟା ବିଷୟରେ ଶୁଣିଥିଲେ। ମୋଟ ୧୬୫ଜଣ ଲୋକ ତାଙ୍କର ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ। ମୁଖ୍ୟତଃ ବେନିୟମ ନଦୀବାଲି ଉତୋଳନ ଦ୍ୱାରା ନଦୀକୂଳ ଗ୍ରାମ ପ୍ରତି ବିପଦ ତଥା ପରିବେଶ ପ୍ରଦୂଷଣ କୁନେଇ ଅଧିକାଂଶ ଗ୍ରାମବାସୀ ଅଭିଯୋଗ ଆଣିଥିବା ବେଳେ ମାଇନିଂ ଅଧିକାରୀ ଓ ତହସିଲଦାରଙ୍କୁ ଘେରିଥିଲେ। ଗ୍ରାମାଂଚଳର ରାସ୍ତା, ବ୍ଲକ ଓ ପୌରପରିଷଦରେ ନିମ୍ନମାନର ଛତୁଆ ଯୋଗାଣ, ରେସନ କାଡ, ଭିନ୍ନକ୍ଷମ ପରିଚୟ ପତ୍ରକୁ ନେଇ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଧାନ କିଣାକୁ ନେଇ ଚାଷୀ ମାନଙ୍କର ସମସ୍ୟାକୁ ନେଇ ଅଧିକାଂଶ ଲୋକେ ଅଭିଯୋଗ କରିଥିବାର ଦେଖିବାକୁ ମିଳିଥିଲା। ଲୋକମାନେ ଦୂରଦୁରାନ୍ତରୁ ନିଜର ସମସ୍ୟା ନେଇ ବାରମ୍ବାର ଏହି ଜନ ଶୁଣାଣୀକୁ ଆସୁଥିବା ବେଳେ ବିଭାଗୀୟ ଅଫିସରମାନେ ଦିନ ଗଡାଇ ଚାଲିଛନ୍ତି। ଦିନ ୧୦ଟାରେ ଜନଶୁଣାଣୀକୁ ଆସିଥିବା ବିଭାଗୀୟ କର୍ମଚାରୀମାନେ ଲୋକଙ୍କର ସମସ୍ୟାର ସମାଧାନ ବିଷୟରେ ଗୁରତ୍ୱ ନ ଦେବା ତଥା ଦିନ ୧.୩୦ରେ ପ୍ରାୟ ୨୦ରୁ ଅଧିକ ଲୋକ ରହିଥିବା ବେଳେ ଅଧିକାରୀମାନେ ଶୁଣାଣି ବନ୍ଦ କରି ଚାଲିଯିବାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଥିବାର ଦେଖିବାକୁ ମିଳିଥିଲା। ଏହି ମିଳିତ ଜନ ଶୁଣାଣୀରେ ବହୁ ବିଭାଗୀୟ ଜିଲ୍ଲା ଅଧିକାରୀ ତଥା ଜଳେଶ୍ୱରର କେତେକ ବିଭାଗୀୟ ଅଧିକାରୀ ଯୋଗ ଦେଇ ନ ଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ବ୍ଲକ ସମ୍ମୁଖରେ ଦକ୍ଷିଣ ପ୍ରହରାଜପୁର ସେବା ସମବାୟ ସମିତିର ଚାଷୀମାନଙ୍କ ପକ୍ଷରୁ ଧାନ କିଣାରେ ସରକାରଙ୍କ ଉଦାସୀନତାକୁ ନେଇ ଗଣଧାରଣାରେ ବସିଥିଲେ।

## ବସ୍ତା ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ଗଠିତ



**ବାଲିଆପାଳ, ୯।୩ (ସମିସ):** ବସ୍ତା ବ୍ଲକର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କୁ ନେଇ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଶ୍ୱ ପ୍ରସିଦ୍ଧ ତଗରା ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତ ଘଡାଇ ଯୋଗଦେବା ସହ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଓ ସଫଳତା ପ୍ରାପ୍ତି ନିମନ୍ତେ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସଭାପତି ଭାବରେ ସାରସ୍ୱତ ସାହୁ, ସମ୍ପାଦକ ଭାବରେ ପ୍ରାଣକୃଷ୍ଣ ନାୟକ, ଯୁଗ୍ମ ସମ୍ପାଦକ ଭାବରେ ସତ୍ୟ ରଞ୍ଜନ ପାତ୍ର ଥିବା ବେଳେ ଉପ ସଭାପତି ଭାବରେ ରଞ୍ଜିତା ସାହୁ,ସହ ସମ୍ପାଦକ ଭାବରେ ବିଜୟକୃଷ୍ଣ ପ୍ରଧାନ, କୋଷାଧକ୍ଷ ଭାବରେ କମଳଲୋଚନ ବେହେରା ଓ ସହ କୋଷାଧକ୍ଷ ଭାବରେ ଲଲାଟେନ୍ଦୁ ଦେ ମନୋନୀତ ହୋଇଛନ୍ତି। ସେହିପରି ମୁଖ୍ୟ ଉପଦେଷ୍ଟା ସଦାନନ୍ଦ ପ୍ରଧାନ ଥିବା ବେଳେ ଉପଦେଷ୍ଟା କମିଟିରେ ରାଜକିଶୋର ବାରିକ, ଅଜୟ କୁମାର ପ୍ରଧାନ, ରୀତାରାଣୀ ମହାପାତ୍ର, ଅନ୍ନପୂର୍ଣ୍ଣା ଦେ ଓ ନରେନ୍ଦ୍ର ସାମଲ ପ୍ରମୁଖ ସ୍ଥାନ ପାଇଛନ୍ତି। ସମନ୍ୱୟ କମିଟିରେ ପର୍ଶୁରାମ ରାଉତ, ଜୟନ୍ତ ଗିରି, ସୁନାରାମ ସିଂ ସ୍ଥାନ ପାଇଥିବା ବେଳେ ସଂଯୋଜକ ଭାବରେ ପ୍ରଦୀପ ଦାସ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କର ସ୍ୱାର୍ଥ ପାଇଁ ଏହି ସଂଘ ସମର୍ପିତ ବୋଲି ସଭାପତି ସାରସ୍ୱତ ସାହୁ ମତବ୍ୟକ୍ତ କରିଛନ୍ତି।

## ଦୁଇ ବେଆଇନ ପଥର ବୋଝେଇ ଡମ୍ଫର ଜବତ

**ସୋର,୯।୩ (ସମିସ):** ସୋର ଥାନା ବରଫକଳ ଛକ ନିକଟରୁ ଦୁଇଟି ବେଆଇନ ପଥର ବୋଝେଇ ଡମ୍ଫରକୁ ସୋର ପୁଲିସ ଜବତ କରିଛି। ଗତକାଲି ବିଳମ୍ବିତ ରାତିରେ ବାଗୁଡି ପଥର ଖାଦାନରୁ ପଥର ଚୋରା ଚାଲାଣ ହେଉଥିବା ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ ବରଫକଳ ଛକ ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ଗାଡିରେ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜାଣିପାରି ଗାଡି ଦୁଇଟିକୁ ଜବତ କରି ଥାନା ପରିସରରେ ରଖିଥିଲେ। ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ ହେବା ସହିତ ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡିଛି।

## ଦିଶା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ



**ବାଲେଶ୍ୱର ସଦର, ୯।୩ (ସମିସ) :** ଓଡ଼ିଶା ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ସାମାଜିକ ସଂଗଠନ 'ଦିଶା' ତତ୍ତ୍ୱାବଧାନରେ ରୂପସାସ୍ଥିତ ରାହା କଲ୍ୟାଣ ମଣ୍ଡପ ଠାରେ ସଭାପତି ରିପନ କୁମାର ବେହେରା ଓ ସମ୍ପାଦକ ରଶ୍ମି ରଞ୍ଜନ ଜେନାଙ୍କ ପୌରହିତ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ମହିଳା ମାନଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ସଫଳତା ଓ ପାରଦର୍ଶୀତାକୁ ପାଳନ କରିବ ଏହି ଦିନର ମୁଖ୍ୟ ବିଶେଷତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବସ୍ତା ଏସଡିପିଓ ମାନସ ଦେଓ ଯୋଗ ଦେଇ ନାରୀ ଏକତା, ସ୍ନେହ, ପ୍ରେମ, ବାତ୍ସଲ୍ୟ, ମମତା, ଶକ୍ତି ଓ ଧର୍ଯ୍ୟ ର ପ୍ରତୀକ ବୋଲି କହିବା ସହିତ ଆଜି ଦିନଟି ମହିଳା ମାନଙ୍କ ପାଇଁ ହେଇଥିବାରୁ ସମସ୍ତ ଉପସ୍ଥିତ ମା' ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ପ୍ରନିମା ଗିରି, ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ନାୟକ, କଷିପଦା, ରୂପସା, ଓ ଆଙ୍କ ପଞ୍ଚାୟତର ଏମ ବି କେ ପ୍ରମିଳା ମୁଣ୍ଡା, ପୂର୍ଣ୍ଣିମା ବର ଓ କୁଞ୍ଜଲତା ବେହେରା ଯୋଗ ଦେଇ ନିଜ ଅଭିଭାଷଣରେ କହିଥିଲେ। ଏଥିରେ ରୂପସା ଅଞ୍ଚଳର ଅନେକ ଗ୍ରୁପର ମହିଳା ମାନେ ଯୋଗ ଦେଇଥିବା ବେଳେ ନିଜର କାର୍ଯ୍ୟଦକ୍ଷତାରେ ପାରଦର୍ଶୀତା ଲାଭ କରିଥିବା ୧୦ ଜଣ ମହିଳା ଙ୍କୁ ଉପସ୍ଥିତ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ରଶ୍ମି ରଞ୍ଜନ ଜେନା ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥି ଲେ। ସଂଘର କୋଷାଧକ୍ଷ ତରୁଲତା ଜେନା, ବରିଷ୍ଠ ବିଜେପି ନେତା ତପନ ଗିରି, ଶ୍ରୀଧର ବେହେରା, ସୁରେଶ ନାୟକ ରାକେଶ ଦାସ, ସୁନୀତା ଜେନା, ଧରିତ୍ରୀ ଜେନା, ସୌମ୍ୟ ଜେନା, ବଳରାମ ବେହେରା, ଦିବ୍ୟ ରଞ୍ଜନ ଜେନା, ରିପନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ସଭାପତି ରିପନ୍ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଉଦ୍‌ଘାଟିତ

**କାଳିପଦା, ୯।୩ (ସମିସ):** ଗୋପାଳଙ୍କ ଲଉଡ଼ି ଓ ଓଗାଳ ଖେଳ ଏବେ ଲୋପ ପାଇବାକୁ ବସିଛି ସଭ୍ୟତାର ବିକାଶ ଓ ଅପ ସଂସ୍କୃତିର ପ୍ରଭାବ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଏହାର ପୁନରୁଦ୍ଧାର ସଂସ୍କୃତିର ସୁରକ୍ଷା ବୋଲି ରବିବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ମେଳଣ ପଡିଆରେ ସୁବର୍ଣ୍ଣ ରେଖା ଗ୍ରାମୀଣ ଦୋଳ ମହୋତ୍ସବର ଉଦଘାଟନୀ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।ଦେଉଳା ସରପଞ୍ଚ ସରୋଜ କୁମାର ପିଳାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲିଆପାଳ



ଇତିହାସ ଲେଖକ ଅଧାପକ ଡ଼ଃ ସୁକାନ୍ତ ଗିରି ମୁଖ୍ୟ ବକ୍ତା ,ଆଦର୍ଶ ଶିକ୍ଷୟିତ୍ରୀ ତଥା ସୁ ସାହିତ୍ୟିକା ସରିତା ମହାନ୍ତି ମୁଖ୍ୟ ଅତିଥି , ସମ୍ମାନିତ ଅତିଥିଭାବେ ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ପୂର୍ବତନ ସରପଞ୍ଚ ଅଜୟ ଭୂୟାଁ, ଡି ଏସ ଟିଭି ଚେନାଲ ମୁଖ୍ୟ ସଦାଶିବ ସେଠୀ, ସମାଜସେବୀ ଝାଶ୍ୱେର ବାରିକ, କମଳାକାନ୍ତ ବାରିକ, ପୂର୍ଣ୍ଣ ଚନ୍ଦ୍ର ବାରିକ, ବରିଷ୍ଠ ସାମ୍ବାଦିକ ହରେକୃଷ୍ଣ ତ୍ରିପାଠୀ, କମିଟି ସଭାପତି ମନ୍ମଥ ବାରିକ, ଶ୍ରୀକାନ୍ତ ନାଥ,ଲଉଡ଼ି ଓ ଓଗାଳ ଖେଳର ମୁଖ୍ୟ ପରିଚାଳକ ବସନ୍ତ ବାରିକ ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଆଇନଜୀବୀ ତଥା କମିଟି ସଭ୍ୟ ଅର୍ଦ୍ଧେନ୍ଦୁ ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟିର ସୁଶାନ୍ତ ବାରିକ,ଗୋପାଳ କୃଷ୍ଣ ବିଶ୍ୱାଳ, ଚନ୍ଦନ ବାରିକ, ସୁଶାନ୍ତ ବାରିକ, ପଦ୍ମ ଲୋଚନ ବାରିକ, କାହ୍ନୁ ଚରଣ ବାରିକ, ଶ୍ରୀକାନ୍ତ ଯାଦବ, ହିମାଂଶୁ କମିଲା, ଶ୍ରୀକାନ୍ତ ବାରିକ, ସୁଶାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହ ସମ୍ପାଦକ ବସନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଥିଲା।

# ସୋର ରେଳ ଷ୍ଟେସନ ସମ୍ମୁଖରେ ଗଣଧାରଣା

**ସୋର, ୯।୩ (ସମିସ)**

ସୋର ରେଳ ଷ୍ଟେସନ ତଥା ରେଳ ଯାତ୍ରୀ ମାନଙ୍କ ପ୍ରତି ଦକ୍ଷିଣ ପୂର୍ବ ରେଳ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା ହେଉଥିବା ଅବହେଳା ବିରୋଧରେ, ସୋର ନାଗରିକ ମଞ୍ଚ ଦ୍ୱାରା ଅନୁଷ୍ଠିତ ତିନିଦିନିଆ ଗଣ ଧାରଣା ଆଜିଠାରୁ ରେଳ ଷ୍ଟେସନ ସମ୍ମୁଖରେ ଆରମ୍ଭ ହୋଇଛି। ଏହି ଧାରଣାରେ ସୋର ବ୍ୟବସାୟୀ ସଙ୍ଘ, ଆଦର୍ଶ ଯୁବ ପରିଷଦ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସୋର ଅଞ୍ଚଳ କମିଟି, ତଥା ସୋର ଅଞ୍ଚଳର ବହୁ ବୁଦ୍ଧିଜୀବୀମାନେ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଖଡଗପୁର ଡିଭିଜନ ଅଧୀନରେ ଥିବା ସୋର ରେଳଷ୍ଟେସନ ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାତ୍ରୀ ରେଳଯୋଗେ ଯାତାୟାତ କରୁଥିବା ବେଳେ ସୋର ରେଳ ଷ୍ଟେସନଟି ଅମୃତ ଭାରତ ଷ୍ଟେସନରେ ପରିଣତ ହୋଇ ମଧ ଯାତ୍ରୀ ମାନଙ୍କୁ ସୁବିଧା ପ୍ରଦାନ କ୍ଷେତ୍ରରେ ଅବହେଳା କରାଯାଉ ଥିବାରୁ ଲୋକେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ନେଇ ଦୀର୍ଘବର୍ଷ ଧରି ଦାବି କରାଯାଉଥିଲେ ମଧ ବିଭାଗୀୟ ଅଧିକାରୀମାନେ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଖଡଗପୁର ଡିଭିଜନର ଏହି ବୈମାତୃକ ମନୋଭାବକୁ ବିରୋଧ କରି ସୋର ନାଗରିକ ମଞ୍ଚ ପକ୍ଷରୁ ସମସ୍ୟାର ସମାଧାନ କରାନଗଲେ ଧାରଣା ଓ ପ୍ରତିବାଦ କରାଯିବ ବୋଲି ପୂର୍ବରୁ ଚେତାବନୀ ଦିଆଯାଇଥିଲା। ଆଜି ସକାଳେ ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ନେତୃତ୍ୱରେ ନବକିଶୋର ଦାସ, ଦାମୋଦର ଦାଶମହାପାତ୍ର, ଗଙ୍ଗାଧର ପାଢ଼ୀ, ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ,ମାୟାଧର ନାୟକ,ସୁରେନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ କୁମାର ଦାଶ, ମନୋଜ କୁମାର ରାୟ, ପଞ୍ଚାନନ ଶିଅଳ,ନିତ୍ୟାନନ୍ଦ କର,ରଜନୀକାନ୍ତ ପାଣିଗ୍ରହୀ, ରବୀନ୍ଦ୍ର କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ବିଜୟକୁମାର ମହାପାତ୍ର, ଖଗେନ୍ଦ୍ର ପ୍ରଧାନ, ଦାମୋଦର ସାହୁ, ଅନାମ ପ୍ରସାଦ ବାରିକ, ଇଂ ଦିବାକର ଦଳାଇ, ଶଶିକାନ୍ତ ପଣ୍ଡା,ବିଜୟ କୁମାର ଦାସ, ସୁରେନ୍ଦ୍ର ବେହେରା, ପଦ୍ମଲୋଚନ ପାତ୍ର, ବାସୁକୃଷ୍ଣ ମହାପାତ୍ର, ସୁରେନ୍ଦ୍ର ବାରିକ, ରାଜାରାଣୀ ଜେନା, ମହେନ୍ଦ୍ର ପ୍ରସାଦ ସାହୁ,ନିତ୍ୟାନନ୍ଦ ପୁହାଣ, ଗୋବିନ୍ଦ ଗୋପାଳ ଶତପଥୀ,ହରିହର ଦାସ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ବଳରାମ ପୃଷ୍ଟି , ଶରତ ଚନ୍ଦ୍ର ମହାନ୍ତି, କଟଚନ୍ଦ୍ର ବେହେରା,ପ୍ରଭୃତି ଆନ୍ଦୋଳନ କାରୀ ମାନେ ରେଳ ଷ୍ଟେସନ ସମ୍ମୁଖ ଧାରଣାରେ ବସିଥିଲେ। ତିନିଦିନ ଧରି ଏହି ଧାରଣା ଚାଲୁ ରହିବ। ରେଳ ବିଭାଗର ଉଚ୍ଚ ପଦାଧିକାରୀ ମାନେ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ଗୁଡ଼ିକ ସମାଧାନ ନକଲେ, ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ରେଳରୋକ ଭଳି ଚରମ ପଦକ୍ଷେପ ନେବାକୁ ନାଗରିକ ମଞ୍ଚ ବାଧ୍ୟ ହେବ। ଏହି ଧାରଣାକୁ ପ୍ରଦୀପ ଦାଶ, ସୁରେନ୍ଦ୍ର ପାଣିଗ୍ରହୀ, ମନୋଜ କୁମାର ରାୟ ପରିଚାଳନା କରିଥିଲେ।



ସକାଳ THE SAKALA



● ବାଇକ୍ ଧକ୍କାରେ ଜଣେ ମୃତ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଡୁରୁମୁଙ୍ଗା, ୯ ।୩(ସମିସ): ଦୁର୍ଘଟଣା ପରେ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେବା ଦେବା ସହ କ୍ଷତିପୂରଣ ଦାବିରେ ସୋମବାର ରାଜପଥ ଉପରେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । କେନ୍ଦୁଝର ଜିଲ୍ଲା ପାଟଣାଦେଇ ଯାଇଥିବା ୨୨୦ ନମ୍ବର ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ଖଜୁରିଡିହା ଛକ ନିକଟରେ ରବିବାର ରାତି ରାତିରେ ଏକ ବାଇକ୍ ଧକ୍କାରେ ରେ ଗ୍ରାମର ଜଗନ୍ନାଥ ମହାନ୍ତ (୫୦)ଙ୍କ ମୃତ୍ୟୁ ଘଟିଥିଲା । ଜଗନ୍ନାଥ ରାସ୍ତା କଡ଼ରେ ଥିବା ଦୋକାନ ନିକଟରେ ଛିଡା ହୋଇଥିବା ସମୟରେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇ କିଛି ଦୂରକୁ ଘୋଷାରି ନେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାରକରି ପାଟଣା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ମୃତକଙ୍କ ପରିବାର ଲୋକଙ୍କୁ ୨୫ ଲକ୍ଷ ଟଙ୍କାର ସହାୟତା ସାଙ୍ଗକୁ ଖଜୁରୀଡିହା ଛକରେ ହମ୍ପସ୍ ଏବଂ ଗୋଲେଇ ଛକ କରିବାକୁ ଲୋକେ ଦାବିକରି ଲୋକେ ରାଜପଥକୁ ଅବରୋଧ କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଉଭୟପଟରେ ଶହ ଶହ ଗାଡ଼ି ମୋଟର ଅଟକି ରହିବା ସହ ସାହାରପଡା ବ୍ଲକ୍‌କୁ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକୁ ଯାଉଥିବା କେନ୍ଦୁଝର ଡିଏଫଓଏଚ, ଡି ଧନରାଜ ମଧ୍ୟ ଅଟକି ରହିଥିଲେ । ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସାହାରପଡା ଅତିରିକ୍ତ ତହସିଲଦାର ଚରଣ ନାଏକ ରେଡକ୍ରସ୍‌ରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ରାଶିର ପ୍ରତିଶ୍ରୁତି ପରେ ଦିନ ଗୋଟାଏରେ ରାସ୍ତାରୋକ ହଟିଥିଲା ।

## ସାଇକଲରେ ଚାରି ଧାମ ଯାତ୍ରାରେ ମହିଳା

ମହୁଲଡିହା, ୯ ।୩(ସମିସ): ବିହାର ରାଜ୍ୟର ଛପରା ଅଞ୍ଚଳର ଜଣେ ମହିଳା ସ୍ୱାମୀ ପ୍ରେମାନନ୍ଦ ସରସ୍ୱତୀଙ୍କ ଅନୁଗାମିନୀ ନିଜର ସଂକଳ୍ପ ଚରିତାର୍ଥ କରିବା ପାଇଁ ୧୫ ଦିନ ହେଲା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଓ ଚାରିଧାମ ଦର୍ଶନ ପାଇଁ ଦୁଃସାହସିକ ସାଇକଲ ଯାତ୍ରା ଆରମ୍ଭ କରିଛନ୍ତି । ଯାତ୍ରା କାଳରେ ଠାକୁରମୁଣ୍ଡାରେ ଆଜି ସାଇକଲରେ ଆସି ପହଞ୍ଚିଛନ୍ତି । ଠାକୁରମୁଣ୍ଡା (ରୁଗୁଡିବେଡା) ଗ୍ରାମରେ ପହଞ୍ଚିବା ବେଳେ ଲଳିତ କୁମାର ମହାନ୍ତ, ବିଶିଷ୍ଟ ସାହିତ୍ୟିକ କାଦଡିହା କଲେଜ ଅଧ୍ୟକ୍ଷ ଡଃ ଭାଗବତ ଲେଙ୍କା, ସମାଜସେବୀ ପଦ୍ମଲୋଚନ ନନ୍ଦ, ପ୍ରଶାନ୍ତ ପଲେଇ ପ୍ରମୁଖଙ୍କ ସହିତ ସାକ୍ଷାତ ହୋଇଥିଲା । ସନ୍ଧ୍ୟା ହୋଇଯାଇଥିବାରୁ ତାଙ୍କୁ ସ୍ଥାନୀୟ ହୋଟେଲରେ ରାତ୍ରୀଯାପନ କରିବାର ବ୍ୟବସ୍ଥା କରାଯାଇଛି । ଆସନ୍ତାକାଲି ସେ ତାଙ୍କ ଯାତ୍ରା ପୁରୀ ଅଭିମୁଖେ ପୁଣି ଆରମ୍ଭ କରିବେ ।



## ତେଲକୋଇ ତଳସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ

ତେଲକୋଇ, ୯ ।୩(ସମିସ): ତେଲକୋଇ ସଦର ମହକୁମାସ୍ଥିତ ତଳ ସାହିରେ ଗତ ଶନିବାର ଠାରୁ ତିନିଦିନବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଶନିବାର କଳସଯାତ୍ରା କରାଯାଇ ଠାକୁରଙ୍କ ଅଧିବାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରବିବାର ଅହରାତ୍ର ନାମ ସଙ୍କୀର୍ତ୍ତନ କରାଯାଇ ସୋମବାର ସକାଳେ ନାମପୂର୍ଣ୍ଣ ହୋଇଥିଲା । ପୂଜାରେ କର୍ତ୍ତାଭାବେ ଦିଲ୍ଲୀପ କୁମାର ପ୍ରଧାନ ବସିଥିବାବେଳେ ପାଞ୍ଚ ଜଣ ବ୍ରତଧାରି କଳସ ବସାଇଥିଲେ । ୨୦ରୁ ଅଧିକ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନାମ ସଙ୍କୀର୍ତ୍ତନ କରିଥିଲେ । ପ୍ରଭୁନିତାଇ ଗୌରଙ୍କୁ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ପ୍ରସାଦ ସେବନ ପାଇଁ ଆନନ୍ଦ ବଜାରର ଖୋଲା ଯାଇଥିଲା । ତଳସାହିର ସମସ୍ତ ସଦସ୍ୟଙ୍କ ସହଯୋଗରେ ସୁଚାରୁ ରୂପେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା ।



## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା

ଡୁରୁମୁଙ୍ଗା, ୯ ।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଜାରକାଣି ବେଡ଼ା ନିକଟରେ ଗତ ଶନିବାର ଏକ ଦନ୍ତା ଆକ୍ରମଣରେ ଟଭାସରୁଆ ଗ୍ରାମର ବେଣୁଧର ନାଏକଙ୍କ ମୃତ୍ୟୁ ଘଟିଥିଲା । ସୋମବାର ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଏକଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ବଡ଼ବିଲ୍ ସରପଞ୍ଚ ସୁଭଦ୍ରା ନାଏକ ପାଟଣା ରେଞ୍ଜର ବନ ବିହାରୀ, ବନପାଳ ନିରଞ୍ଜନ ସେଠୀ, ଶ୍ରୀମନ୍ତ ବେହେରା, ବନରକ୍ଷୀ ଦୀପକ ରଣା ପ୍ରମୁଖ ଶୁଦ୍ଧିକ୍ରିୟା ପାଇଁ ମୃତ ଯୁବକଙ୍କ ବାପା ଧ୍ରୁବଚରଣ ନାଏକଙ୍କୁ ସହାୟତା ପ୍ରଦାନ କରିଛନ୍ତି । ଖୁବଶୀଘ୍ର ଅନ୍ୟ ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର କହିଛନ୍ତି ।



# ବନାଗ୍ନି ନିୟନ୍ତ୍ରଣରେ ସହାୟକ ହେବ ଡ୍ରୋନ୍ କ୍ୟାମେରା

ରାଇରଙ୍ଗପୁର, ୯ ।୩ (ସମିସ):

ବନାଗ୍ନିର ସିଜନ ଆରମ୍ଭ ହେବା ପୂର୍ବରୁ ପ୍ରକୃତିର ଅନନ୍ୟ ଶୋଭାରାଜିରେ ଭରା ଶିମିଳିପାଳ ଅଭୟାରଣ୍ୟକୁ ବନାଗ୍ନି ଦାଉରୁ ସୁରକ୍ଷା ପ୍ରଦାନ କରିବା ପାଇଁ ବନ ବିଭାଗ ଅଣ୍ଟା ଭିଡ଼ିଛି । ଚଳିତ ବର୍ଷ ଜିରୋ ବନାଗ୍ନି ପଏଣ୍ଟ ନେଇ ଲକ୍ଷ୍ୟକୁ

● ବନ କର୍ମଚାରୀଙ୍କୁ ଦିଆଗଲା ତାଲିମ
● ଦୂରରୁ ବନାଗ୍ନି ସ୍ଥାନ କରିବ ଚିହ୍ନଟ

ସାଧିତ କରିବା ପାଇଁ ବନାଗ୍ନି ନିୟନ୍ତ୍ରଣ କରିବାରେ ଡ୍ରୋନ କ୍ୟାମେରାକୁ ଯୋଡ଼ା ଯାଇଛି । ଯାହାକୁ ନେଇ ବନ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି ।

ରାଇରଙ୍ଗପୁର ବନଖଣ୍ଡ କର୍ମଚାରୀଙ୍କୁ ରାଇରଙ୍ଗପୁର ବନଖଣ୍ଡ କାର୍ଯ୍ୟାଳୟରେ ତାଲିମ ପ୍ରଦାନ କରାଯାଇଛି । ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ କିମ୍ବା ପାଦଦେଶ ଅଞ୍ଚଳରେ ଥିବା ଜଙ୍ଗଲରେ ବନାଗ୍ନି ସ୍ଥିତି ଉପୁଜିଲେ ଡ୍ରୋନ ସହାୟତାରେ ଦୂର ଆକାଶରୁ ଉକ୍ତ ସ୍ଥାନକୁ ଚିହ୍ନଟ କରାଯାଇପାରିବ । ଡ୍ରୋନ କ୍ୟାମେରା ଟିମ୍ ସ୍ଥିତି ନେଇ ଜଣାଇବା ପରେ ବନାଗ୍ନି ନିୟନ୍ତ୍ରଣ ଟିମ ଉକ୍ତ ସ୍ଥାନରେ ଖୁବ କମ ସମୟ ମଧ୍ୟରେ ନିୟୋଜିତ ପାହାଡ଼ ଚଢା ଗାଡି ଜରିଆରେ ପହଞ୍ଚି ବନାଗ୍ନି ନିୟନ୍ତ୍ରଣ କରାଯିବ । ଏଥିପାଇଁ ବନ କର୍ମଚାରୀ ଡ୍ରୋନ କ୍ୟାମେରା ବ୍ୟବହାର କରିବା ନେଇ ବିଶେଷଜ୍ଞଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି । ଡ୍ରୋନ କ୍ୟାମେରା ଶିମିଳିପାଳ ଅଭୟାରଣ୍ୟ ଭିତର ଅପେକ୍ଷା ପାଦଦେଶ ଅଞ୍ଚଳର ଜଙ୍ଗଲରେ ବନାଗ୍ନି ନିୟନ୍ତ୍ରଣରେ ଅଧିକ ସହାୟକ ହେବ ବୋଲି ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଡ୍ରୋନ କ୍ୟାମେରା ପ୍ରଦାନ କରାଯାଇଥିବାବେଳେ ଆଗକୁ ସ୍ଥିତି ଦେଖି ବୃଦ୍ଧି କରାଯିବ । ପ୍ରତି ବନଖଣ୍ଡର କର୍ମଚାରୀଙ୍କୁ ଡ୍ରୋନ କ୍ୟାମେରା ପରିଚାଳନା ନେଇ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦେଇ ଡ୍ରୋନ କ୍ୟାମେରା ପ୍ରଦାନ କରାଯାଉଛି । ବନାଗ୍ନିରୁ ଜଙ୍ଗଲ ସମେତ ବନ୍ୟଜନ୍ତୁଙ୍କୁ ସୁରକ୍ଷା ପ୍ରଦାନ କରିବା ମୂଳ ଲକ୍ଷ୍ୟ ରହିଛି । ବନଖଣ୍ଡରେ ଡ୍ରୋନ କ୍ୟାମେରା ପରିଚାଳନା ନେଇ ଟିମ ରହିବ । ଯେଉଁମାନେ କି ବନଖଣ୍ଡରେ ବନାଗ୍ନି ସ୍ଥିତି ଉପରେ ୨୪ଘଣ୍ଟିଆ ନଜର ରଖିବେ । ବନାଗ୍ନିକୁ ଆୟତ୍ତ କରିବା ନେଇ ବର୍ତ୍ତମାନ ସବୁଠୁ ଆହ୍ୱାନ ସାଜିଥିବା ବେଳେ ଗୋଟେ ପରେ ଗୋଟେ ଅତ୍ୟାଧୁନିକ ପନ୍ଥା ଅବଲମ୍ବନ କରୁଛନ୍ତି ।



ଆଦିବାସୀ ସମ୍ପ୍ରଦାୟର ନିଆରା ପର୍ବ ଦିଶମ ଜାହେରା ବାହାବଙ୍ଗା

## କୃଷିରେ ଉତ୍ପାଦନ ବୃଦ୍ଧି ଓ ଜଙ୍ଗଲ ଦେବୀଙ୍କୁ ସନ୍ତୁଷ୍ଟ ହିଁ ମୂଳ ଉଦ୍ଦେଶ୍ୟ



ଖୁଣ୍ଟା/ସାନକେରକୋ, ୯ ।୩(ସମିସ): ଖୁଣ୍ଟା ବ୍ଲକ୍ ଅଧୀନସ୍ଥ ଡୁକୁରାସ୍ଥ ଶାଳ ଜଙ୍ଗଲରେ ଥିବା ଜାହିରା ପୀଠରେ ଆଦିବାସୀ ସଂପ୍ରଦାୟ ପକ୍ଷରୁ ଦିଶମ ଜାହେରା ବାହାବଙ୍ଗା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ପାରମ୍ପରିକ ପୂଜାରେ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲା ଓ ପଡ଼ୋଶୀ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ମହିଳା/ପୁରୁଷ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଏ ଅବସରରେ ଶାଳ ଜଙ୍ଗଲରେ ଥିବା ଆଦିବାସୀ, ସାନ୍ତାଳ ସଂପ୍ରଦାୟର ପୂଜା ସ୍ଥଳୀ ବା ଜାହିରା ପୀଠରେ ଦିଶମ ଜାହେରା ବାହାବଙ୍ଗା ପର୍ବ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଥିଲା । ପ୍ରକୃତିର ଉପାସକ ଭାବେ ପରିଚିତ ଥିବା ସଂପୃକ୍ତ ସଂପ୍ରଦାୟର ଲୋକେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରି ଚଳିଥା'ନ୍ତି । ଜଙ୍ଗଲରୁ ଶାଳ, ମହୁଲ ଫୁଲ, ପତ୍ର ଓ ଜଙ୍ଗଲ ଜାତ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରି ତାଙ୍କ ଆବଶ୍ୟକତା ଓ ଗୁଜରାଣ ମେଣ୍ଟାଇଥା'ନ୍ତି । ପ୍ରକୃତି ସହ ଓତପ୍ରୋତ ଭାବେ ଜଡ଼ିତ ଥିବାରୁ ଏହି ପୂଜା ମାଧ୍ୟମରେ ପ୍ରକୃତି ଦେବୀଙ୍କୁ ପୂଜାର୍ଚ୍ଚନା କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ପୂଜକ ପ୍ରକାଶ କରିଛନ୍ତି ।

ତେବେ ଏହି ସମସ୍ତ ଦ୍ରବ୍ୟ ସଂଗ୍ରହ କରିବାକୁ ଜଙ୍ଗଲକୁ ଯିବା ପୂର୍ବରୁ ପାରମ୍ପରିକ ପ୍ରଥା ଅନୁଯାୟୀ ଜାହିରାଶାଳରେ ନିଜର ଇଷ୍ଟ ଦେବାଦେବୀଙ୍କ ନିକଟରେ ପ୍ରଥମେ ସମର୍ପଣ କରିବା ସହ ଶାଳଗଛର ପୂଜା କରିବା ପରମ୍ପରା ରହିଆସିଛି । ଏଥିସହ ସମଗ୍ର ମାନବ ଜାତିର କଲ୍ୟାଣ, କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କାମନା କରି ଜଙ୍ଗଲ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୀଠ ସ୍ଥଳରେ ବଳି ଦିଆଯିବାର ପ୍ରଥା ରହିଛି । ଯଦ୍ୱାରା ଜଙ୍ଗଲରେ କୌଣସି ଅଘଟଣ ହେବାର ଆଶଙ୍କା ନ ଥାଏ ଓ ପ୍ରକୃତି ଦେବୀ ସନ୍ତୁଷ୍ଟ ହେଲେ ଚାଷ ପାଇଁ ପାଣିର ଅଭାବ ରହି ନ ଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି । ତେଣୁ ଏହି ପୂଜା ସଂପୃକ୍ତ ସମ୍ପ୍ରଦାୟ ପାଇଁ ବେଶ୍ ଗୁରୁତ୍ୱ ବହନ କରି ଆସିଥାଏ । ଉତ୍ସବ ଆରମ୍ଭରେ ଜାହିରା ଶାଳର ପୂଜକଙ୍କୁ ପାରମ୍ପରିକ ରୀତିନୀତିରେ ଧୁମସା ମାଦଳ ବଜାଇ ନାଚଗୀତ ମାଧ୍ୟମରେ ପୂଜା ସ୍ଥଳୀକୁ ନିମନ୍ତ୍ରଣ କରି ଅଣାଯାଇଥାଏ । ରୀତିନୀତି ଅନୁଯାୟୀ ପୂଜାବିଧି ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ପୂଜକଙ୍କ ନିକଟରୁ ପୂଜାରେ ଲଗାଯାଇଥିବା ଶାଳଗଛର ନୂତନ ଫୁଲ ଗ୍ରହଣ କରିବା ପରେ ମହିଳାମାନେ ଏହାକୁ ଖୋସାରେ ଓ ପୁରୁଷମାନେ କାନରେ ପରସ୍ପରକୁ ଫୁଲ ଲଗାଇ ପାରମ୍ପରିକ ଧୁମସା ମାଦଳ ତାଳେ ତାଳେ ନାଚଗୀତରେ ମସଗୁଲ ହୋଇପର୍ବର ଆନନ୍ଦ ଉଠାଇଥିବା ଦେଖିବାକୁ ମିଳିଥିଲା ।

## ରାସ୍ତା କଡ଼ରୁ ବାଇକ୍ ଚୋରି

ରାଇରଙ୍ଗପୁର, ୯ ।୩ (ସମିସ): ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ରାସ୍ତା କଡ଼ରୁ ବାଇକ ଚୋରି ହୋଇଛି । ଏନେଇ ଗଡ ଅଞ୍ଚଳର ଅବିନାଶ ମହାନ୍ତି ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସେ ରାଇରଙ୍ଗପୁର ହାଟବନ୍ଧ ନିକଟ ରାସ୍ତା କଡ଼ରେ ବାଇକ ପାର୍କିଂ କରିଥିଲେ । ବେଞ୍ଚରେ ବସି ସାଙ୍ଗଙ୍କ ସହ କଥା ହେଉଥିଲେ । ଏ ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇଲ ନେଇ ଚମ୍ପଟ ହୋଇଥିଲେ । ଦୁର୍ବୃତ୍ତ ଦ୍ୱୟ ପୁରୁଣାପାଣି ଆଡକୁ ଦ୍ରୁତ ଗତିରେ ପଳାଇ ଯାଇଥିବାବେଳେ ଅବିନାଶ ପିଛା କରିଥିଲେ । କିନ୍ତୁ କୌଣସି ଖୋଜ ଖବର ନ ପାଇ ବାଇକ ଚୋରି ନେଇ ଥାନାରେ ଅଭିଯୋଗ କରିଛନ୍ତି ।

● ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣ

## ଯୁବତୀଙ୍କ ଥାନାରେ ଅଭିଯୋଗ

ରାଇରଙ୍ଗପୁର, ୯ ।୩(ସମିସ): ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଅସଦାଚରଣ କରି ପ୍ରତାରଣ ନେଇ ଅଭିଯୋଗ ହୋଇଛି । ତିରିଂ ଥାନା ଅଞ୍ଚଳର ଯୁବତୀ ରାଇରଙ୍ଗପୁରରେ ରହି କାର୍ଯ୍ୟ କରନ୍ତି । ଉକ୍ତ ସମୟରେ ଅଭିଯୁକ୍ତ ଜଣକ ସହ ତାଙ୍କର ସମ୍ପର୍କ ହୋଇଥିଲା । ବିବାହ କରିବାର ପ୍ରତିଶ୍ରୁତି ଦେଇ ଅସଦାଚରଣ କରିଥିଲେ । ଏହାପରେ ଯୁବତୀ ଜଣକ ବିବାହ କରିବାକୁ ଜିଦ୍ ଧରିବାରୁ ସେ ବାହା ହେବାକୁ ରାଜି ହୋଇ ନ ଥିଲେ । ଏହାକୁ ନେଇ ଯୁବତୀ ଜଣକ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ପୁଲିସ ପକ୍ଷରୁ ଯୁବତୀଙ୍କ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି ।

## ମହୁମାଛି ଆକ୍ରମଣରେ ଆଈ ନାତି ଗୁରୁତର

ଡୁରୁମୁଙ୍ଗା, ୯ ।୩(ସମିସ): କେନ୍ଦୁଝର ଜିଲ୍ଲା ପୋଇପାଣି ଗ୍ରାମରେ ସୋମବାର ସକାଳୁ ମହୁମାଛି ଆକ୍ରମଣରେ ଆଈ ଓ ନାତି ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ପ୍ରଥମେ ପାଟଣା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ହେଲେ ମନ୍ଦାକିନି ନାଏକ ଏବଂ ତାଙ୍କ ୯ ବର୍ଷର ନାତି ଜ୍ଞାନରଞ୍ଜନ ନାଏକ । ଉଭୟ ଘର ନିକଟରେ ଥିବା ସମୟରେ ମହୁମାଛି ଆକ୍ରମଣ କରିଥିଲେ ।

## ଜାତୀୟ ବାନ୍ଦନା ପରବ ପାଇଁ ପ୍ରସ୍ତୁତି ବୈଠକ



ଉଦଳା, ୯ ।୩(ସମିସ): ଶ୍ରୀଦାମ ଚନ୍ଦ୍ରପୁରରେ ଜାତୀୟ ବାନ୍ଦନା ପରବ ୬ ପାଇଁ ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ନଭେମ୍ବର ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଅଗୁଆଡଠାରେ ଅନୁଷ୍ଠିତ ହେବ । ପ୍ରଥମେ ଅ-ଆ ଯୁବକ ସଂଘର କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାରା ଭାରତର କୁଡମୀମାନେ ଉପସ୍ଥିତ ରହି ବାନ୍ଦନାର ସମସ୍ତ ରୀତିନୀତି ଉପରେ ଆଲୋଚନା କରିବେ । ସମସ୍ତ ରୀତିନୀତିର ପ୍ରଦର୍ଶନୀ ହେବ, କୁଡମୀ ଘରର ଖାଦ୍ୟପେୟ ଷ୍ଟଲ ଲାଗିବ, ସାମୂହିକ ଗୋବନ୍ଦାଣ (ଗାଇ ଚୁମା) ହେବ, କୁଡମୀମାନଙ୍କ ବହି ଷ୍ଟଲ ଲାଗିବ, ବିଭିନ୍ନ ରାଜ୍ୟରୁ ଆସିଥିବା ଝୁମର ଦଳଙ୍କ ନୃତ୍ୟ ପରିବେଷଣ ହେବ, ଜାତୀୟ ସ୍ତରର କୁଡମୀ ନେତାଙ୍କ ଜାତି ଉଦ୍ଦେଶ୍ୟରେ ଉଦବୋଧନ ରହିବ । ରାଜ୍ୟର ମନ୍ତ୍ରୀଙ୍କ ଉଦବୋଧନ ରହିବ । ଶିକ୍ଷକ ତପନ କୁମାର ମହାନ୍ତ, ସୁଶୀଲ ମହାନ୍ତ ଓ ଜଗଦୀଶ ବିସ୍ତୃତ ଆଲୋଚନା କରିଥିଲେ । ଏଥିପାଇଁ ଜିଲ୍ଲା ଓ ରାଜ୍ୟସ୍ତରୀୟ ପରିଚାଳନା କମିଟି ଗଠନ ହେବ । କମିଟିର ପରାମର୍ଶ ଅନୁସାରେ କାର୍ଯ୍ୟକ୍ରମ ପରିଚାଳନା ହେବ । ବିଭିନ୍ୟ ପଞ୍ଚାୟତରୁ ଆସିଥିବା କୁଡୁମୁ ଭାଇମାନେ ଏହା ଏକ ଉତ୍ତମ ଓ ଯୁଗପୋଯୋଗୀ ପଦକ୍ଷେପ ବୋଲି କହିଥିଲେ । ଏହାଦ୍ୱାରା ବନ୍ଦ ହେବାକୁ ଯାଉଥିବା ପରମ୍ପରାର ସୁରକ୍ଷା ହୋଇପାରିବ । ଶେଷରେ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଦେଇଥିଲେ ।

## ଉଦଳା କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର




ଗୋପବନ୍ଧୁନଗର/ଉଦଳା, ୯ ।୩(ସମିସ): ଉଦଳା କଲେଜ ଅର୍ଥନୀତି ବିଭାଗ ପକ୍ଷରୁ 'ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ: ବର୍ତ୍ତମାନ ଯୁଗରେ ଆର୍ଥିକ ସାକ୍ଷରତାର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଭୀମ ସୋରେନ ସଭାପତିତ୍ୱ କରିଥିଲେ । ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବା ସହିତ ଆଲୋଚ୍ୟ ବିଷୟ ଉପରେ ବକ୍ତବ୍ୟ ଦେଇଥିଲେ । ମେଘାସନ ମହାବିଦ୍ୟାଳୟ ନୁଦଡ଼ିହାସ୍ଥ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ନିରଞ୍ଜନ ପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟକୁ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ସର୍ବସାଧାରଣ ନାଗରିକ ଆର୍ଥିକ ସାକ୍ଷର ହେବା ସହ ଉଚିତ ଭାବେ ଟଙ୍କାର ବ୍ୟବହାର, ସଞ୍ଚୟ, ବିନିଯୋଗ, ଉପବ୍ୟାଙ୍କିଂ ସେବା, ଡିଜିଟାଲ ଟ୍ରାନ୍ସଜାକ୍ସନ ଓ ଅନଲାଇନ ଠକେଇରୁ ରକ୍ଷା ପାଇବା ଆଦି ବିଷୟରେ ଆଲୋଚନା କରିଥିଲେ । ବିଭାଗୀୟ ଅଧ୍ୟାପକ ଈଶ୍ୱର ଚନ୍ଦ୍ର ମୁର୍ମୁ ବକ୍ତବ୍ୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କ ସନ୍ଦର୍ଭକୁ ବିଶ୍ଳେଷଣ କରିଥିଲେ । ଶ୍ରୀତମ ରାୟ, ଲକ୍ଷ୍ମଣ ସିଂ, ଶିକ୍ଷାଶ୍ରୀ ଦାସ ପ୍ରମୁଖ ଛାତ୍ରଛାତ୍ରୀ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

● ଗୁହାଳିଆରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ

## ଗୃହଦାହ ଯୋଗୁଁ ଉତ୍ତେଜନା



ଆନନ୍ଦପୁର, ୯ ।୩(ସମିସ): ଘସିପୁରା ଥାନା ଅଧୀନ ଗୁହାଳିଆ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ଉତ୍ତେଜନା ପ୍ରକାଶ ପାଇଛି । ଉତ୍ତେଜିତ ଗୋଷ୍ଠୀ ଗୋଟିଏ ନଡାଛପର ଘରେ ନିଆଁ ଲଗାଇଦେଇଥିବାରୁ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇପଡ଼ିଛି । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଛି । ମିଳିଥିବା ସୂଚନା ଅନୁଯାଇ ପ୍ରାୟ ୩ ମାସତଳେ ଏହି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇ ଗୋଟିଏ ଗୋଷ୍ଠୀର ଯୁବକମାନେ ଗାଁ ଛାଡି ଅନ୍ୟତ୍ର ରହୁଥିଲେ । ଆଜି ସେହି ଗୋଷ୍ଠୀ ର କେତେକ ଯୁବକ ଗାଁକୁ ଆସିଥିବା ବେଳେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି ।

ମୌଳିକ ସୁବିଧାରୁ ବଞ୍ଚିତ କୂପସାହି

# ଚୁଆ ଓ ଝରଣା ପାଣି ଭରସା

ଶରତ, ୯ ।୩(ସମିସ):

ଏଠି ଜୀବନ ଯାତନାମୟ । ଅସରନ୍ତି ଦୁଃଖର ଅନ୍ଧାରି ଉପତ୍ୟକା କୂପସାହି । ଗାଁ ଗଣ୍ଡାର ମୌଳିକ ସୁବିଧା ଦୂର ଲାଗି ପଞ୍ଚାୟତ ସ୍ତରରୁ ଆରମ୍ଭ କରି

### ବିଲ ହିଡ଼ ଏଠି ରାସ୍ତା, ଗାଁକୁ ଗଡ଼ିନି ଆମ୍ବୁଲାନ୍ସ

ବ୍ଲକ ପ୍ରଶାସନ କାମ କରୁଥିବା କୂପସାହି ବିକାଶର ବହୁ ଦୂରରେ । ମାତ୍ର କୁଡ଼ କୁଡ଼ ଯୋଜନା ସତ୍ତ୍ୱେ ଏଠାରେ ବିକାଶ ପହଞ୍ଚି ପାରିନାହିଁ । ସରକାରଙ୍କ ସବୁ ବିକାଶମୂଳକ ଯୋଜନା ଯେମିତି ଏସବୁ ଅଞ୍ଚଳ ପାଇଁ ବାଟବଣା ହୋଇଯାଇଛି । ଆଜି ବି କାନ୍ଦୁଛି କୂପସାହି ।

କପ୍ତିପଦା ବ୍ଲକର ଶାରିଶୁଆ ପାହାଡ଼କୁ ଲାଗି ରହିଥିବା କଳମଗଡିଆ ପଞ୍ଚାୟତର କୂପସାହି । ପ୍ରତ୍ୟେକ ଦିନ ସକାଳେ ଜଙ୍ଗଲକୁ ଯାଇ ପତ୍ର ସଂଗ୍ରହ କରି ଘରକୁ ଫେରି ତହିଁରୁ ଖଲିଦୋନା ତିଆରି କରି ବଜାରରେ ବିକିଲେ ତେଲ ଲୁଣର ସଂସାର ଚଳେ ଏହି ଗାଁରେ ଥିବା ପରିବାରରେ । ପ୍ରାକୃତିକ ପରିବେଶ ମଧ୍ୟରେ ବଢି ଆସିଥିବା ଏ ଅଞ୍ଚଳର ଜନସାଧାରଣ ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଏଠି ଅପହଞ୍ଚ । କପ୍ତିପଦା ବ୍ଲକର କଳମଗଡିଆ ପଞ୍ଚାୟତର ଦୁଗୁଧାରୁ ୩ କିମି ପାଦଚଲା ରାସ୍ତାରେ ଗଲେ ପଡେ ଦୁର୍ଗମ ଗ୍ରାମ କୂପସାହି । ୩୦ଟି ସାନ୍ଥାଳ ପରିବାର ୨୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଶତ ପ୍ରତିଶତ ଆଦିବାସୀ ସ୍ଥାୟୀ ବାସିନ୍ଦା । ପ୍ରଶାସନ କିମ୍ବା ନେତାଙ୍କର ଛାଇ ପଡ଼ିନାହିଁ ଏହି ଅଞ୍ଚଳରେ । ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଦୁଗୁଧା ପ୍ରାଥମିକ ବିଦ୍ୟାଳୟରେ ସେମାନଙ୍କ ନାମ ଗଢୁଥିଲେ ମଧ୍ୟ ଜଙ୍ଗଲ ଓ ପାହାଡିଆ ରାସ୍ତା ଯୋଗୁଁ ପିଲାଙ୍କୁ ଛାଡ଼ିବାକୁ ଅମଙ୍ଗ ହୁଅନ୍ତି ଅଭିଭାବକ । ଚୁଆ, ବିଲ ଓ ନାଳ ପାଣି ଏମାନଙ୍କର ପାନୀୟ । ଘରଠାରୁ ଏକ କିମି ଦୂରତାରେ ଥିବା ବିଲ ଭିତରେ ଥିବା ଏକ ଚୁଆରୁ ପାନୀୟଜଳ ସଂଗ୍ରହ କରିଥା'ନ୍ତି ଏମାନେ । ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି ଭଳି କୁତ୍ସିତ ମାନସିକତା ଏବେବି ବଳୋବତ୍ତର ରହିଛି । କୌଣସି ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀଭାର ହିଁ ଭରସା । ଯଦିଓ ଚାରିବର୍ଷ ପୂର୍ବରୁ ଗ୍ରାମକୁ ବିଜୁଳି ସଂଯୋଗ ହୋଇଥିବାବେଳେ ମାସର ଅର୍ଦ୍ଧାଧିକ ଦିନ ଅନ୍ଧାର ହେବା ସହିତ ବହୁ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ । ସ୍ୱଚ୍ଛ ଭାରତ ଯୋଜନା ଏଠି ଦିଗହରା । ଜଙ୍ଗଲ ଥିଲା ଏମାନଙ୍କର ସବୁକିଛି । ଜଙ୍ଗଲଜାତ ଦ୍ରବ୍ୟ ଉପରେ କଟକଣା ଲାଗୁପରେ ଚିରାଚରିତ ଭାବେ ବଞ୍ଚୁଥିବା ଏହି ପରିବାରର ଆହାର ଉପରେ ପାହାର ପଡ଼ିଛି । ଶାରିଶୁଆ ପାହାଡ଼ ପାଦଦେଶରେ ରହି ପଶୁ ଭଳି ଚଳୁଛୁ ବୋଲି କହିଛନ୍ତି ଗ୍ରାମର ଗାଲୁରାମ ଲାମାୟେ, ଲାଉ ବାସ୍କେ, ମାଣିକରାମ ମୁର୍ମୁ ଓ ଗୋବିନ୍ଦ ମୁର୍ମୁ । ଶୀଘ୍ର ପାନୀୟ ଜଳ ସମସ୍ୟାରେ ସୁଧାର ନ ଆସିଲେ ଗ୍ରାମବାସୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । କୂପସାହିର ବିକାଶ ଦିଗରେ ବିଧାୟକଙ୍କଠାରୁ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନେ ଏହି ଗାଁର ଦୁରାବସ୍ଥା ପାଇଁ ଦାୟୀ ନୁହଁନ୍ତି କି ? କାହିଁକି ସରକାରୀ ନାଲିଫିତା ତଳେ ଜନକଲ୍ୟାଣକାରୀ ଯୋଜନା ଏହି ଗାଁ ଲାଗି ବାନ୍ଧି ହୋଇରହିଛି । ବିକାଶର ସୂର୍ଯ୍ୟାଲୋକକୁ ଅପେକ୍ଷା କରି ଅବହେଳାର ଅନ୍ଧାରରେ ସଢୁଥିବା ଏହି ଗ୍ରାମବାସୀଙ୍କ ଦୁଃଖ କ'ଣ ଲାଘବ ହେବନି କି ବୋଲି ପ୍ରଶ୍ନ ଉଠିଛି ।

କ୍ରୀଡ଼ା
ସକାଳ
www.sakalaepaper.com

■ ୪୮ ଟିମ୍ ଖେଳିବେ ୧୦୪ଟି ମ୍ୟାଚ୍

# ଜୁନ୍ ୧୧ରୁ ଫିଫା ବିଶ୍ୱକପ୍ ଫୁଟବଲ୍

**ଲସ୍ଆଞ୍ଜେଲସ, ୯।୩(ଏଜେନ୍ସି):** ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲରେ ଫିଫା ବିଶ୍ୱକପ୍ର ୨୩ତମ ସଂସ୍କରଣ ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏଥିଲାଗି ଆଜି ଫିଫା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଖେଳସୂଚୀ ଘୋଷଣା କରାଯାଇଛି। ୩୯ ଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୪୮ଟି ଦେଶ ୧୬ଟି ସହରରେ ୧୦୪ଟି ମ୍ୟାଚ୍ ଖେଳିବେ। ମେକ୍ସିକୋ ସିଟିର ଇଷ୍ଟାଡିଓ ଆଜଟେକା (ଷ୍ଟାଡିୟମ୍)ରେ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦଘାଟନୀ ମୁକାବିଲା ଖେଳାଯିବ। ଆମେରିକାର ମେଟ୍ଲାଇଫ ଷ୍ଟାଡିୟମ୍ରେ ଜୁଲାଇ ୧୯ ତାରିଖରେ ଫାଇନାଲ ମୁକାବିଲା ହେବ।

### ସଂକ୍ଷେପରେ ଫିଫା ବିଶ୍ୱକପ୍ ୨୦୨୬

ଆୟୋଜକ ଦେଶ : ଆମେରିକା, ମେକ୍ସିକୋ, କାନାଡ଼ା
ଆୟୋଜନ ସମୟ : ଜୁନ୍ ୧୧ରୁ ଜୁଲାଇ ୧୯
ଆୟୋଜକ ସହର : ୧୬ଟି
ମୋଟ ଖେଳ ଦିବସ : ୩୯ ଦିନ
ଅଂଶଗ୍ରହଣକାରୀ ଦଳ : ୪୮
ଗ୍ରୁପ୍ ପର୍ଯ୍ୟାୟ ଖେଳ : ଜୁନ୍ ୧୧ରୁ ୨୭
ରାଉଣ୍ଡ ଅଫ୍ ୩୨ : ଜୁନ୍ ୨୯ରୁ ଜୁଲାଇ ୩
କ୍ୱାର୍ଟରଫାଇନାଲ : ଜୁଲାଇ ୪ ଓ ୬
ସେମିଫାଇନାଲ : ଜୁଲାଇ ୯ ଓ ୧୧
ଫାଇନାଲ : ଜୁଲାଇ ୧୯, ନ୍ୟୁ ଜର୍ସି



### କେଉଁ ଗ୍ରୁପ୍ରେ କିଏ

ଗ୍ରୁପ୍-ଏ : ମେକ୍ସିକୋ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ବି : କାନାଡ଼ା, କତାର, ସ୍ୱିଜରଲାଣ୍ଡ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ-ସି : ବ୍ରାଜିଲ, ମରୋକ୍କୋ, ହାଇତି ଓ ସ୍କଟଲାଣ୍ଡ।
ଗ୍ରୁପ୍-ଡି : ଆମେରିକା, ପାରାଗୁଏ, ଅଷ୍ଟ୍ରେଲିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଇ : ଜର୍ମାନୀ, କୁରାକାଓ, ଆଇଭରୀ କୋଷ୍ଟ ଓ ଇକ୍ୱେଡର।
ଗ୍ରୁପ୍-ଏଫ : ନେଦରଲାଣ୍ଡସ, ଜାପାନ, ଟ୍ୟୁନିସିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଜି : ବେଲଜିୟମ, ଇଜିପ୍ଟ, ଇରାନ ଓ ନ୍ୟୁଜିଲାଣ୍ଡ।
ଗ୍ରୁପ୍-ଏଚ୍ : ସ୍ପେନ୍, କେପ୍ ଭେର୍ଡେ, ସାଉଦି ଆରବ ଓ ଉରୁଗୁଏ।
ଗ୍ରୁପ୍-ଆଇ : ଫ୍ରାନ୍ସ, ସେନେଗାଲ, ନରୱେ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ-ଜେ : ଆର୍ଜେଣ୍ଟିନା, ଆଲଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ।
ଗ୍ରୁପ୍-କେ : ପର୍ତ୍ତୁଗାଲ, କଲମ୍ବିଆ, ଉଜ୍ବେକିସ୍ତାନ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଏଲ୍ : ଇଂଲଣ୍ଡ, କ୍ରୋଏସିଆ, ଘାନା ଓ ପାନାମା।

## ବ୍ରାଜିଲ ଫୁଟ୍ବଲ ଲିଗ୍ ଗୋଟିଏ ମ୍ୟାଚରେ ୨୩ ରେଡ୍ କାର୍ଡ

**ନୂଆଦିଲ୍ଲୀ, ୯ ।୩ (ଏଜେନ୍ସି):** ବ୍ରାଜିଲର ଶ୍ରେଷ୍ଠ ଘରୋଇ ଫୁଟ୍ବଲ ଟୁର୍ଣ୍ଣାମେଣ୍ଟ 'କାମ୍ପେଓନାଟୋ ମିନେଇରୋ'ର ଫାଇନାଲରେ ଏକାଧିକ ବିଶୃଙ୍ଖଳିତ ଆଚରଣ ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ରେଫରୀ ସମ୍ପୂର୍ଣ୍ଣ ମ୍ୟାଚରେ ୨୩ଟି ରେଡ୍ କାର୍ଡ ଦେଖାଇଥିଲେ। ଗତକାଲି କ୍ରୁଜେଇରୋ କ୍ଲବ ଓ ଆଟଲେଟିକୋ ମିନେଇରୋ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚର ଶେଷ ମୁହୂର୍ତ୍ତରେ ଖେଳାଳି, ବଦଳ ଖେଳାଳି ଓ କୋଚିଂ ଷ୍ଟାଫ୍ଙ୍କ ମଧ୍ୟରେ ପଡ଼ିଆ ମଧ୍ୟରେ ଗଣ ସଂଘର୍ଷ ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ଶେଷରେ ସୁରକ୍ଷାକର୍ମୀ ଓ ସାମରିକ ପୁଲିସଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏହି ଘଟଣାରେ ରେଫରୀ ପୂର୍ବତନ ବ୍ରାଜିଲ ଖେଳାଳି ହଲ୍କ'ଙ୍କ ସମେତ ୨୩ଜଣଙ୍କୁ ରେଡ କାର୍ଡ ଦେଖାଇ ପଡ଼ିଆରୁ ବାହାର କରିଥିଲେ। ଆଟଲେଟିକୋର ଗୋଲରକ୍ଷକ ଏଭରସନ ପ୍ରତିପକ୍ଷ ଖେଳାଳି କ୍ରିଷ୍ଟେନଙ୍କୁ ଧକ୍କା ମାରି ପଡ଼ିଆରେ ପକାଇବା ସହ ଦୁଇ ଆଣ୍ଠୁରେ ବେକକୁ ଚାପି ଦେଇଥିଲେ।

# ପରବର୍ତ୍ତୀ ଲକ୍ଷ୍ୟ ୨୦୨୮ ଅଲିମ୍ପିକ୍ସ: ସୂର୍ଯ୍ୟକୁମାର



**ଅହମ୍ମଦାବାଦ୍, ୯।୩(ଏଜେନ୍ସି)**

ନ୍ୟୁଜିଲାଣ୍ଡକୁ ୯୬ ରନ୍ରେ ହରାଇ ଭାରତ ତୃତୀୟଥର ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତୀୟ କ୍ରିକେଟ ଦଳ ତାହାର ପରବର୍ତ୍ତୀ ଲକ୍ଷ୍ୟ ସ୍ଥିର କରିସାରିଛି। 'ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଲସ୍ ଆଞ୍ଜେଲସରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଓ ସେହିବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶକପ୍ ଜିତିବା'। ଘରୋଇ ମାଟିରେ ପ୍ରଥମଥର କୌଣସି ଏକ ଦଳ ଟି-୨୦ ବିଶ୍ୱକପ୍ରେ ବିଜୟୀ ହୋଇଛି। ଭାରତସାରା ଏହି ବିଜୟକୁ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ଅଧିନାୟକ ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ବିଶ୍ୱକପ୍ ବିଜୟ ଆମ ଲାଗି ସ୍ୱତନ୍ତ୍ର। ଆମର ଭୟଶୂନ୍ୟ, ଆକ୍ରମଣାତ୍ମକ ଖେଳ ଶୈଳୀ ଟାଇଟଲ ଜିତିବାରେ ସହାୟକ ହୋଇଛି। ଏହି ଶୈଳୀକୁ ଆମେ ବଜାୟ ରଖିବୁ ବୋଲି ସେ କହିଛନ୍ତି।

### ଦୁଇ ଅଙ୍କ ଟପି ନାହାନ୍ତି ଭାରତୀୟ ଅଧିନାୟକ

ଚଳିତ ବିଶ୍ୱକପ୍କୁ ମିଶାଇ ଭାରତ ୪ଥର ଟି-୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତର କୌଣସି ଅଧିନାୟକ ଦୁଇ ଅଙ୍କ ଟପି ନାହାନ୍ତି। ୨୦୦୭ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ବିପକ୍ଷରେ ଅଧିନାୟକ ଏମ୍ଏସ୍ ଧୋନି ୧୦ବଲ୍ରେ ୬ ରନ୍ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟଥର ଫାଇନାଲ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲା। ଏଥିରେ ଧୋନି ୭ ବଲ ଖେଳି ୪ ରନ୍ରେ ଅପରାଜିତ ରହିଥିଲେ। ସେହିପରି ୨୦୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଅଧିନାୟକ ରୋହିତ ଶର୍ମା ୫ବଲ୍ରୁ ୯ ରନ୍ କରିଥିଲେ। ଏଥର ଫାଇନାଲରେ ଭାରତ ଏଠାରେ ଚାମ୍ପିଅନ ହୋଇଥିଲାବେଳେ ସୂର୍ଯ୍ୟକୁମାର ଖାତା ଖୋଲିବାରେ ସମର୍ଥ ହୋଇ ନ ଥିଲେ। ଅଧିନାୟକ ସୂର୍ଯ୍ୟକୁମାର ପ୍ରଥମ ବଲ୍ରେ ଆଉଟ ହୋଇ ଖାତା ଖୋଲି ପାରି ନ ଥିଲେ।

### ଭାରତକୁ ପରିବେଶ ସୁହାଇବା ଯୁକ୍ତି ଅଯୌକ୍ତିକ

ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଛି ବୋଲି କିଛି ନିନ୍ଦୁକ ଅଭିଯୋଗ ଆଣିଛନ୍ତି। ଏହାକୁ ଘୋର ବିରୋଧ କରିଛନ୍ତି ଅଷ୍ଟ୍ରେଲୀୟ କ୍ରୀଡ଼ା ସାମ୍ବାଦିକ ନିଲ ଗାର୍ଡନର। ତାଙ୍କ ମତରେ ଭାରତ ଲାଗ୍ ଲାଗ୍ ଭିନ୍ନ ଭିନ୍ନ ପରିବେଶରେ ଦୁଇଥର ଚାମ୍ପିଅନ ହୋଇଛି। ଦଳରେ ମଧ୍ୟ ଭିନ୍ନ ଭିନ୍ନ ଖେଳାଳି ରହିଛନ୍ତି। ଏହା ସତ୍ତ୍ୱେ ଘରୋଇ ପରିବେଶ ଭାରତକୁ ଫାଇଦାରେ ରଖିଛି ବୋଲି କହିବା ଅଯୌକ୍ତିକ। ସତକଥା କହିବାକୁ ଗଲେ ସୀମିତ ଓଭର କ୍ରିକେଟରେ ଭାରତ ଏବେ ବିଶ୍ୱରେ ସର୍ବଶ୍ରେଷ୍ଠ ଦଳ ବୋଲି ଗାର୍ଡନର କହିଛନ୍ତି।

### ଦୁଇ ଦିନ ପୂର୍ବରୁ ଇଶାନଙ୍କ ଭଉଣୀ ଓ ଭିଣୋଇ ମୃତ୍ୟୁବରଣ କରିଥିଲେ

ଭାରତୀୟ ଦଳର ଅନ୍ୟତମ ୱିକେଟ ରକ୍ଷକ/ବ୍ୟାଟର ଇଶାନ କିଶାନ ଟି-୨୦ ବିଶ୍ୱକପ୍ ଫାଇନାଲର ଦୁଇ ଦିନ ପୂର୍ବରୁ ତାଙ୍କ ସମ୍ପର୍କୀୟ ଭଉଣୀ ଓ ଭିଣୋଇଙ୍କୁ ହରାଇଥିଲେ। ସେମାନେ ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଏହି ଖବର ଫାଇନାଲ ପୂର୍ବଦିନ ତାଙ୍କୁ ମିଳିଥିଲା। ଫଳରେ ଇଶାନ ବିବ୍ରତ ହୋଇପଡ଼ିଥିଲେ ବୋଲି ଫାଇନାଲ ଜିତିବା ପରେ କହିଛନ୍ତି। ମୋତେ ଏମାନେ ସର୍ବଦା ଉତ୍ସାହିତ କରୁଥିଲେ ଓ ବଡ଼ ସ୍କୋର କରିବା ଲାଗି କହୁଥିଲେ। ଫାଇନାଲରେ ଇଶାନ ୨୫ ବଲ୍ରୁ ୫୨ ରନ୍ କରିଥିଲେ। ଭାରତ ଜିତିବା ପରେ ଗର୍ଲଫ୍ରେଣ୍ଡ ଅଦିତି ହୁଇଣ୍ଡାଇଙ୍କ ସହ ଇଶାନଙ୍କୁ ପଡ଼ିଆରେ ବିଜୟ ଉତ୍ସବ ପାଳନ କରୁଥିବାର ଦେଖାଯାଇଥିଲା।

### ୩ ବର୍ଷରେ ୬ ବିଶ୍ୱ ଟାଇଟଲ, ଭାରତ ଏବେ କ୍ରିକେଟରେ ସୁପର ପାୱାର; ଶାହ

ଗତ ୩ ବର୍ଷରେ ଭାରତର ବିଭିନ୍ନ କ୍ରିକେଟ ଦଳ ୬ଟି ବିଶ୍ୱକପ୍ ଟାଇଟଲ ବିଜୟୀ ହୋଇଛି। ଏହା ପ୍ରମାଣିତ କରୁଛି ଯେ ଭାରତ ଏବେ ବିଶ୍ୱକ୍ରିକେଟରେ ସୁପର ପାୱାର ବୋଲି ଅହମ୍ମଦାବାଦ୍ରେ ଫାଇନାଲ ଖେଳ ଦେଖୁଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି।

ଶାହଙ୍କ କହିବା ଅନୁଯାୟୀ ୨୦୨୬ରେ ଭାରତ ପୁରୁଷ ଟି-୨୦ ବିଶ୍ୱକପ୍ ଓ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ୨୦୨୫ରେ ମହିଳା ଦଳ ଦିନିକିଆ ବିଶ୍ୱକପ୍, ଦୃଷ୍ଟିବାଧିତ ଟି-୨୦ ମହିଳା ବିଶ୍ୱକପ୍ ଓ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍ରେ ଟାଇଟଲ ଜିତିଥିଲା। ଏହା ପୂର୍ବରୁ ୨୦୨୪ରେ ଭାରତୀୟ ପୁରୁଷ ଦଳ ଟି-୨୦ ବିଶ୍ୱକପ୍ ଜିତି ଏହି ସଫଳ ଅଧ୍ୟାୟ ଆରମ୍ଭ କରିଥିଲା।

### ଅହମ୍ମଦାବାଦ୍ ଅଭିଶପ୍ତ ନୁହେଁ

୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ଓ ଚଳିତ ବିଶ୍ୱକପ୍ ସୁପର ଏଇଟ୍ସରେ ଦକ୍ଷିଣ ଆଫ୍ରିକାଠାରୁ ସୁପର ଏଇଟ୍ସ ମୁକାବିଲା ହାରିଯିବା ପରେ ଅହମ୍ମଦାବାଦ୍ ଷ୍ଟାଡିୟମ୍ ଭାରତ ଲାଗି ଅଭିଶପ୍ତ ବୋଲି ଜୋର ଚର୍ଚ୍ଚା ହୋଇଥିଲା। ଏପରିକି ଯେଉଁ କାରଣ ଲାଗି ହେଉ ବରଂ ଭାରତ ହୋଟେଲ ବଦଳାଇବା ଘଟଣାକୁ ଏହା ସହ ଯୋଡ଼ାଯାଇଥିଲା। ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଟି-୨୦ ବିଶ୍ୱକପ୍ ଜିତିବା ପରେ ଏହି ଚର୍ଚ୍ଚା ଶେଷ ହୋଇଛି ଓ ଅହମ୍ମଦାବାଦ୍ ଆମ ଲାଗି ଅଭିଶପ୍ତ ନୁହେଁ ବୋଲି ଭାରତର ଦୁଇ ପ୍ରମୁଖ ସ୍ପିନ୍ ବୋଲର ରବିଚନ୍ଦ୍ରନ ଅଶ୍ୱିନ ଓ ହରଭଜନ ସିଂହ କହିଛନ୍ତି। ସେମାନେ କହନ୍ତି, ଆମେ ଏଠାରେ ଅନେକ ମ୍ୟାଚ୍ ଜିତିଛୁ, କିଛି ମ୍ୟାଚ୍ ହାରିବା ଲାଗି ଏହି ଷ୍ଟାଡିୟମକୁ ଅଭିଶପ୍ତ କହିବା ଆଦୌ ଠିକ୍ ନୁହେଁ।

● ଟି-୨୦ ବିଶ୍ୱକପ୍ ୨୦୨୬

## ଆଇସିସି ଟିମ୍ରେ ୪ ଭାରତୀୟ

**ଦୁବାଇ, ୯।୩(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ମାର୍ଚ୍ଚ ୮ ତାରିଖ ବା ଗତକାଲି ଶେଷ ହୋଇଛି। ଅହମ୍ମଦାବାଦ୍ରେ ଖେଳାଯାଇଥିବା ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନ୍ର ବିଶାଳ ବ୍ୟବଧାନରେ ପରାସ୍ତ କରି ଭାରତ ତୃତୀୟଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଇସିସି ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଟିମ୍ ଆଜି ଘୋଷଣା କରାଯାଇଛି। ଏହି ଟିମରେ ଭାରତରୁ ସର୍ବାଧିକ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସଞ୍ଜୁ ସାମସନ, ଇଶାନ କିଶାନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମ୍ରା। ଦକ୍ଷିଣ ଆଫ୍ରିକାର ଆଇଡେନ୍ ମାରକ୍ରମଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଦଳରୁ ଲୁଙ୍ଗି ଏନ୍ଗିଡି ଦ୍ୱିତୀୟ ଖେଳାଳିଭାବେ ସ୍ଥାନ ପାଇଛନ୍ତି। ପାକିସ୍ତାନର ସାହିବଜାଦା ଫରହାନଙ୍କୁ ଓପନର ଭାବେ ନିଆଯାଇଛି। ପାକିସ୍ତାନ ସୁପର ଏଇଟସରୁ ବିଦାୟ ନେଇଥିଲେ ମଧ୍ୟ ଫରହାନ ସର୍ବାଧିକ ୩୮୩ ରନ୍ କରିଥିଲେ। ଇଂଲଣ୍ଡର ୱିଲ ଜ୍ୟାକ୍ସ ଓ ଆଦିଲ ରଶିଦ୍, ୱେଷ୍ଟଇଣ୍ଡିଜ୍ର ଜେସନ ହୋଲ୍ଡର, ଜିମ୍ବାୱେର ବ୍ଲେସିଂ ମୁଜାରବାନୀ ଓ ଆମେରିକାର ଭାନ ସ୍କାଲକ୍ୱିକ୍ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

## ଗମ୍ଭୀର 'ଗୌତମ'ଙ୍କୁ ହସାଇଲେ ଅର୍ଶଦୀପ

**ଅହମ୍ମଦାବାଦ୍, ୯।୩(ଏଜେନ୍ସି):** ଦଳ ମ୍ୟାଚ୍ ଜିତୁ କି ହାରୁ ତାହାର ପ୍ରଭାବ ଗାମ୍ଭୀରଙ୍କ ମୁହଁ ଉପରେ ପଡ଼ି ନ ଥାଏ। ସେ ସର୍ବଦା ଗାମ୍ଭୀର୍ଯପୂର୍ଣ୍ଣ ଭାବେ ନିଜ କାମ କରିଚାଲିଥାନ୍ତି। ରବିବାର ଭାରତ ଚାମ୍ପିଅନ ହେବା ପରେ ଗାମ୍ଭୀରଙ୍କୁ ପ୍ରଥମଥର ହସିବା ଦେଖିବାକୁ ମିଳିଥିଲା।



ଫାଷ୍ଟ ବୋଲର ଅର୍ଶଦୀପ ସିଂହ ତାଙ୍କୁ ହସିବାକୁ ଅନୁରୋଧ କରୁଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏଥିରେ ଉଭୟ ହସୁଥିବାର ଦେଖିବାକୁ ମିଳିଛି। ଗାମ୍ଭୀରଙ୍କୁ ଏହି ସ୍ମିତହାସ୍ୟକୁ ଧୋନି ତାଙ୍କ ଇନ୍ଷ୍ଟାଗ୍ରାମ୍ରେ ଉଲ୍ଲେଖ କରିଛନ୍ତି। 'କୋଚ୍ ସାହାବ .... ସ୍ମିତହାସ୍ୟ ତୁମକୁ ଖୁବ୍ ମାନୁଛି। ତୁମ ଏହି ସ୍ମିତ ହସ ସହ ତୀବ୍ରତା ଏକ ହତ୍ୟାକାରୀର ମିଶ୍ରଣ ଭାବେ ଦେଖାଯାଉଛି। ତୁମେ ଖୁବ୍ ଭଲ କାମ କରିଛ ବୋଲି ଧୋନି କହିଛନ୍ତି।

ଅନ୍ୟପକ୍ଷରେ କୋଚ୍ ଗମ୍ଭୀର ଭାରତୀୟ ଦଳର ପୂର୍ବତନ ହେଡ୍ କୋଚ୍ ରାହୁଲ ଦ୍ରାବିଡ ଓ ନ୍ୟାସନାଲ କ୍ରିକେଟ ଏକାଡେମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ ଭାରତର ଏହି ବିଜୟକୁ ଉତ୍ସର୍ଗ କରିଛନ୍ତି। ଗାମ୍ଭୀର କହନ୍ତି, ରାହୁଲ ଭାଇ କୋଚ୍ ଭାବେ ଭାରତୀୟ ଦଳକୁ ଏପରି ପ୍ରସ୍ତୁତି କରିଛନ୍ତି ଯେ, ଏବେ ତାହାର ଫାଇଦା ମିଳୁଛି। ସେ ମଧ୍ୟ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଫାଇନାଲ ହାରି ନାହାନ୍ତି

ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଗୌତମ ଗାମ୍ଭୀର ଏଯାଏ ଜଣେ ଖେଳାଳି, ମେଣ୍ଟର କିମ୍ବା କୋଚ୍ ଭାବେ ଦଳକୁ ଫାଇନାଲରେ ପ୍ରବେଶ କରାଇବା ପରେ ଏଯାଏ ହାରି ନାହାନ୍ତି। ୨୦୦୭ରେ ସେ ଟି-୨୦ ବିଶ୍ୱକପ୍, ୨୦୧୧ରେ ଦିନିକିଆ ବିଶ୍ୱକପ୍, ୨୦୧୨ ଓ ୨୦୧୪ରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ରେ ଜଣେ ଖେଳାଳିଭାବେ ଚାମ୍ପିଅନ ହୋଇଛନ୍ତି। ସେହିପରି ୨୦୨୪ ଆଇପିଏଲ୍, ୨୦୨୫ ଚାମ୍ପିଅନ୍ସ ଟ୍ରଫି ଓ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲରେ ଜଣେ ମେଣ୍ଟର କିମ୍ବା ହେଡ କୋଚ୍ ଭାବେ ବିଜୟୀ ହୋଇଛନ୍ତି। ଏଣୁ ଗାମ୍ଭୀର ଯେ କୌଣସି ପୋଜିସନରେ ଥାଇ ଦଳ ଫାଇନାଲ ଖେଳିଥିଲାବେଳେ ସବୁଥିରେ ଦଳ ଚାମ୍ପିଅନ ହୋଇଛି।

ଖେଲୋ ଇଣ୍ଡିଆ ଅସ୍ମିତା ପେଙ୍କାକ ସିଲଟ

## ଓଡ଼ିଶା ଓଭରଅଲ୍ ଚାମ୍ପିଅନ

**ଭୁବନେଶ୍ୱର, ୯ ।୩ (ସମିସ):** ଝାରସୁଗୁଡ଼ାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ପେଙ୍କାକ ସିଲଟ୍ ଲିଗ (ପୂର୍ବାଞ୍ଚଳ)ରେ ଓଡ଼ିଶା ମହିଳା ଦଳ ଓଭରଅଲ୍ ଚାମ୍ପିଅନ ହୋଇଛି। ଓଡ଼ିଶା ମହିଳା ଦଳ ମୋଟ୍ ୮୦ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୨୩ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୦ କାଂସ୍ୟ ପଦକ ରହିଥିଲା। ଭାରତୀୟ ପେଙ୍କାକ ମହାସଂଘ, ରାଜ୍ୟ ସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ଏହି ପ୍ରତିଯୋଗିତାରେ ୧୨ ରାଜ୍ୟର ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ଉଦ୍ଯାପନୀ ଉତ୍ସବରେ ଓଡ଼ିଶା ସଶସ୍ତ୍ର ପୋଲିସ ଦ୍ୱିତୀୟ ବାଟାଲିୟନର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା ପ୍ରମୁଖ ଉପସ୍ଥିତ ରହିଥିଲେ।

### କଳାହାଣ୍ଡି କପ୍: ବିପ୍ଳବ, ରାମ, ଗୋବିନ୍ଦଙ୍କ ଶତକ

# କଟକ ଏ'-ସୁନ୍ଦରଗଡ଼ ଫାଇନାଲ ଲଢ଼େଇ

**ଭୁବନେଶ୍ୱର, ୯ ।୩ (ସମିସ)**

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିଅର ଆନ୍ତଃଜିଲ୍ଲା ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର କଟକ-ଏ ଓ ସୁନ୍ଦରଗଡ଼ ମଧ୍ୟରେ ବାରବାଟୀ ଷ୍ଟାଡିୟମରେ ଫାଇନାଲ ଲଢ଼େଇ ହେବ। ସୋମବାର ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲରେ ୩ ତାରକା ଖେଳାଳି ବିପ୍ଳବ ସାମନ୍ତରାୟ, ରାମଚନ୍ଦ୍ର ବେହେରା ଓ ଗୋବିନ୍ଦ ପୋଦ୍ଦାରଙ୍କ ଦମ୍ଦାର ଶତକୀୟ ପାଳି ଉଲ୍ଲେଖନୀୟ ଘଟଣା ରହିଥିଲା।

ରେଭେନସା ଗ୍ରାଉଣ୍ଡ-୧ରେ ପ୍ରଥମ ସେମିଫାଇନାଲରେ କଟକ-ଏ ଓ ଅନୁଗୋଳ ସାମ୍ନାସାମ୍ନି ହୋଇଥିଲେ। ବିପ୍ଳବ ଓ ରାମଚନ୍ଦ୍ରଙ୍କ ଦ୍ରୁତ ଶତକୀୟ ପାଳି ବଳରେ କଟକ-ଏ ୫୦ ଓଭରରେ ୮ ୱିକେଟ୍ ହରାଇ ୩୯୬ ରନ ସଂଗ୍ରହ କରିଥିଲା। ବିପ୍ଳବ ୧୦୫ଟି ବଲରେ ୧୭୩ ଓ ରାମଚନ୍ଦ୍ର ୯୮ ବଲରେ ୧୩୦ ରନ କରିଥିଲେ। ଅନୁଗୋଳର ମିଳନ ସାମଲ ଓ ଆକାଶ ପ୍ରଧାନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଅନୁଗୋଳ ଧିମା ବ୍ୟାଟିଂ କରି ୯ ୱିକେଟ୍ରେ ୧୪୨ ରନ କରି ୨୫୪ ରନର ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ବିପ୍ଳବ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ଼ ୧୧୮ ରନରେ ରାଉରକେଲାକୁ ହରାଇଥିଲା। ଗୋବିନ୍ଦ (୭୨ ବଲରେ ୧୧୧ ରନ)ଙ୍କ ଶତକ ଏବଂ ୱାଲ୍ଟର ଟପ୍ପୋ (୫୫) ଓ ଉମେଶ ଗୌତମ (୫୧)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୭ ୱିକେଟରେ ୩୫୩ ରନ କରିଥିଲା। ଜବାବରେ ସୂଜଲ ସିଂଙ୍କ ୮୫ ରନ ସତ୍ତ୍ୱେ ରାଉରକେଲା ୨୩୫ ରନରେ ସୀମିତ ରହିଥିଲା। ବୋଲିଂରେ ମଧ୍ୟ ୨ଟି ୱିକେଟ ନେଇ ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ହୋଇଥିଲେ।





## ସୁଇସ୍ ଓପନରୁ ଓହରିଲେ ସିନ୍ଧୁ

**ନୂଆଦିଲ୍ଲୀ, ୯ ।୩ (ଏଜେନ୍ସି):** ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ସୁଇସ୍ ଓପନ୍ରୁ ଓହରିଯାଇଛନ୍ତି। ଏଥିପୂର୍ବରୁ ସିନ୍ଧୁ ଗତ ସପ୍ତାହରେ ମଧ୍ୟ ଶେଷ ମୁହୂର୍ତ୍ତରେ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍ରୁ ଓହରିଯାଇଥିଲେ। ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍ରେ ଭାଗନେବା ଲାଗି ବର୍ମିଂହାମ ଯାତ୍ରା କରିବା ବାଟରେ ଦୁବାଇରେ ଫସିଯାଇଥିଲେ। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧସ୍ଥିତି ସକାଶେ ବିମାନ ଚଳାଚଳ ବନ୍ଦ ରହିବାରୁ ସିନ୍ଧୁଙ୍କୁ ଦୁବାଇରେ ୩ ଦିନ ବିତାଇବାକୁ ପଡ଼ିଥିଲା ଓ ସେ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍ରେ ଭାଗନେଇପାରି ନ ଥିଲେ। ଏହାପରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସେ ମାନସିକ ସ୍ଥିତିରୁ ମୁକୁଳିପାରି ନାହାନ୍ତି। ଦୁବାଇରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ତାଙ୍କ ମାନସିକ ସ୍ଥିତି ବିଗିଡ଼ି ଯାଇଥିଲା ବୋଲି ସିନ୍ଧୁ ନିଜେ ସ୍ୱୀକାର କରିଥିଲେ। ଏବେ ଏଥିରୁ ବାହାରିବା ଲାଗି ତାଙ୍କୁ ଆଉ କିଛି ଦିନ ସମୟ ଲାଗିବ। ଯେଉଁଥି ପାଇଁ ସେ ସୁଇସ୍ ଓପନ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି।

## ଗ୍ୟାରୀ କିର୍ଷ୍ଟେନ ଶ୍ରୀଲଙ୍କାର ମୁଖ୍ୟ କୋଚ୍

**କଲମ୍ବୋ, ୯ ।୩ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାର ପୂର୍ବତନ ଓପନର୍ ଗ୍ୟାରୀ କିର୍ଷ୍ଟେନ ଶ୍ରୀଲଙ୍କା ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଏପ୍ରିଲ ୧୫ ତାରିଖରୁ କିର୍ଷ୍ଟେନ ଦାୟିତ୍ୱ ଗ୍ରହଣ କରିବେ। ଆଗାମୀ ଦୁଇ ବର୍ଷ ଲାଗି ସେ ଏହି ଗୁରୁଦାୟିତ୍ୱ ତୁଲାଇବା ଲାଗି ଚୁକ୍ତି କରିଛନ୍ତି।



ଶ୍ରୀଲଙ୍କା କ୍ରିକେଟ୍ (ଏସଏଲ୍ସି) ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ସନଥ ଜୟସୁରିଆଙ୍କ ସ୍ଥାନରେ ୫୮ ବର୍ଷୀୟ କିର୍ଷ୍ଟେନ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତକାଲି ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍ରେ ଶ୍ରୀଲଙ୍କା ଦଳ ସୁପର୍-୮ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଦଳର ଏହି ନୈରାଶ୍ୟଜନକ ପ୍ରଦର୍ଶନ ପରେ ଜୟସୁରିଆ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଅପରପକ୍ଷରେ କିର୍ଷ୍ଟେନ ଟି-୨୦ ବିଶ୍ୱକପରେ ନାମିବ୍ୟା ଦଳର ପରାମର୍ଶଦାତା ଭାବେ ସାମୟିକ କାର୍ଯ୍ୟ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ୧୦୧ ଟେଷ୍ଟ ଓ ୧୮୫ ଦିନିକିଆ ମ୍ୟାଚ୍ ଖେଳିଥିବା କିର୍ଷ୍ଟେନ ଏଥିପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ତୁଲାଇ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତ ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଏଥିସହ ଆଇସିସି ଟେଷ୍ଟ ମାନ୍ୟତାରେ ମଧ୍ୟ ଶୀର୍ଷ ସ୍ଥାନ ହାସଲ କରିଥିଲା। ଏହାପରେ ଗ୍ୟାରୀ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ଦିନିକିଆ ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ।

ମହିଳା ହକି ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ

## ବିଜୟରୁ ଭାରତର ଅଭିଯାନ

**ହାଇଦରାବାଦ, ୯ ।୩ (ଏଜେନ୍ସି):** ତେଲେଙ୍ଗାନାର ବାଲଯୋଗୀ ହକି ଗ୍ରାଉଣ୍ଡରେ ଚାଲିଥିବା ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ଗତକାଲି ଏକ ମ୍ୟାଚରେ ୪-୦ ଗୋଲରେ ଉରୁଗୁଏ'କୁ ପରାସ୍ତ କରିଥିଲା। ଭାରତୀୟ ମହିଳା ଦଳ ପକ୍ଷରୁ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ, ଇଶିକା, ଲାଲରେମସିଆମି ଓ ଋତୁରାଜ ଡାଡାସୋ ଗୋଟିଏ ଲେଖାଏ ଗୋଲ୍ସ୍କୋର କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ସ୍କଟଲାଣ୍ଡକୁ ଭେଟିବ। ସ୍କଟଲାଣ୍ଡ ଏହାର ପ୍ରଥମ ମ୍ୟାଚରେ ୧-୦ ଗୋଲରେ ୱେଲ୍ସକୁ ହରାଇଥିଲା। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୮ଟି ମହିଳା ହକି ଦଳ ଅଂଶଗ୍ରହଣ କରୁଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS